‘ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗନେଟ୍ ଉତ୍ପାଦନ ପ୍ରୋତ୍ସାହନ ଯୋଜନା’କୁ ୭୨୮୦ କୋଟି ମଞ୍ଜୁରି

ପୃଷ୍ଠା ୪

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 244 | ଭାଗ ୩୩ | ସଂଖ୍ୟା ୨୪୪ Thursday 27 November 2025 | Page 8 Rs. 5.00 ● ଭୁବନେଶ୍ୱର ଗୁରୁବାର ୨୭ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ଆଜିଠୁ ଶୀତ ଅଧିବେଶନ, ଶୁକ୍ରବାର ଅତିରିକ୍ତ ବଜେଟ୍

ଐତିହାସିକ ମୁହୂର୍ତ୍ତକୁ ଅପେକ୍ଷା, ବିଧାନସଭା ପ୍ରସ୍ତୁତ

- ସଜେଇ ହୋଇଛି ରୁମ୍ ନଂ-୧୧
- ପାଖାପାଖି ଅଧଘଣ୍ଟାର ଅଭିଭାଷଣ ସମ୍ଭାବନା
- ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ରଣନୀତି

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ବିଧାନସଭା ପାଇଁ ଏକ ଐତିହାସିକ ଦିନ। ପ୍ରଥମ ଥର ପାଇଁ ଓଡ଼ିଶା ଇତିହାସରେ ଜଣେ ରାଷ୍ଟ୍ରପତି ବିଧାନସଭାକୁ ସମ୍ବୋଧିତ କରିବାକୁ ଯାଉଛନ୍ତି। ଅପରାହ୍ଣ ସାଢ଼େ ୪ଟାରେ ସେ ବିଧାନସଭାରେ ବିଧାୟକଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତା’ ପୂର୍ବରୁ ବିଧାୟକ, ମନ୍ତ୍ରୀ ଓ ବାଚସ୍ପତିଙ୍କ ସହ ଫଟୋ ସେସନର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ସହ ସେଠାରେ ନିଜର ସ୍ମୃତିକୁ ରୋମନ୍ଥନ କରିବେ ମହାମହିମ। ଏଇ ବିଧାନସଭାରେ ସେ ଦିନେ ସଦସ୍ୟା ଥିଲେ। ୨୦୦୦ ଓ ୨୦୦୪ରେ ବିଜେପି-ବିଜେଡି ମେଣ୍ଟ ସରକାରରେ ସେ ଦୁଇ ଥର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ସେ ବାଣିଜ୍ୟ ଓ ପରିବହନ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ମଧ୍ୟ ଥିଲେ। ଓଡ଼ିଶା ବିଧାନସଭାରେ ମନ୍ତ୍ରୀ ଥିବା ସମୟରେ ସେ ୧୧ ନମ୍ବର ପ୍ରକୋଷ୍ଠରେ ବସୁଥିଲେ। ଆଉ ତାଙ୍କର ଏହି ଗସ୍ତ ପାଇଁ ୧୧ ନମ୍ବର ପ୍ରକୋଷ୍ଠକୁ ମଧ୍ୟ ଖୋଲାଯାଇ ନୂଆ ରୂପ ଦିଆଯାଇଛି। ସେଠାରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଚୌକିର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିପରି ବିଧାନସଭାକୁ ମଧ୍ୟ ବିଭିନ୍ନ ପ୍ରକାର ଫୁଲ ଓ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି।

ବୁଧବାର ସାରା ଦେଶ ସମ୍ବିଧାନ ଦିବସ ପାଳିଥିବା ବେଳେ ଆସନ୍ତାକାଲି ଅପରାହ୍ଣ ୪ଟା ୨୦ରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଧାନସଭାରେ ପହଞ୍ଚିବା ସହ ସାଢ଼େ ୪ଟା ସମୟରେ ତାଙ୍କର ଐତିହାସିକ ଅଭିଭାଷଣ ଆରମ୍ଭ କରିବେ। ଏହି ଅବସରରେ ସେ ବିଧାୟକମାନଙ୍କୁ ସମ୍ବିଧାନର ସମ୍ମାନ ଏହାର ମର୍ଯ୍ୟାଦା ରକ୍ଷା ନେଇ ପରାମର୍ଶ ଦେବେ। ଏଥିସହ ଗୃହରେ ଉଭୟ ଶାସକ ଓ ବିରୋଧି ଦଳର ସଦସ୍ୟଙ୍କ ଆଚରଣ ଉଚ୍ଚାରଣ ନେଇ ମଧ୍ୟ ସେ ବିଧାୟକଙ୍କୁ ସମ୍ବୋଧିତ କରିବେ ବୋଲି ଆଶା କରାଯାଉଛି। ଓଡ଼ିଶା ବିଧାନସଭାର ଇତିହାସରେ ଏହା ପ୍ରଥମ ଘଟଣା ହୋଇଥିବାରୁ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବିଧାନସଭାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମହାମହିମଙ୍କ ବସିବା ସକାଶେ ବାଚସ୍ପତିଙ୍କ ନିକଟରେ ଆସନ ବ୍ୟବସ୍ଥା ହୋଇଛି। ବିଧାନସଭାରେ ରାଷ୍ଟ୍ରପତି ବିଭିନ୍ନ ସ୍ଥାନ ବୁଲି ଦେଖିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ରାଜ୍ୟର ସାଂସଦ ଓ ବିଶିଷ୍ଟ ➤ପୃଷ୍ଠା-୬

ଓଡ଼ିଶା ଚାଷୀଙ୍କ ସ୍ୱାର୍ଥ ରକ୍ଷା କଲେ ଧର୍ମେନ୍ଦ୍ର

୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବ ଏଫ୍‌ସିଆଇ

- ପଦକ୍ଷେପରେ ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବ
- କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କଲେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ
- ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ

ନୂଆଦିଲ୍ଲୀ, ୨୬।୧୧: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ କ୍ରମେ ଭାରତୀୟ ଖାଦ୍ୟ ନିଗମ ବା ଏଫସିଆଇ ଓଡ଼ିଶାରୁ ଅତିରିକ୍ତ ୮ ଲକ୍ଷ ମେଟ୍ରିକ୍ ଟନ୍ ତଥା ମୋଟ ୫୮ ଲକ୍ଷ ଧାନ (ଚାଉଳ ଆକାରରେ) କିଣିବ ବୋଲି କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପତ୍ରର ଉତ୍ତର ଦେଇ ଶ୍ରୀ ଯୋଶୀ କହିଛନ୍ତି ଯେ ଓଡ଼ିଶାର ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନ୍‌ରୁ ୪୭ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ୧୧ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବା ନେଇ ଆକଳନ କରାଯାଇଛି। ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ସେ ➤ପୃଷ୍ଠା-୬

ବିଦେଶ ଶିକ୍ଷାବୃତ୍ତି ଯୋଜନା ଆରମ୍ଭ

ବିଦେଶରେ ପାଠପଢ଼ା ସ୍ୱପ୍ନକୁ ଡେଣା



- ଏସ୍‌ସି/ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ମିଳିବ ବାର୍ଷିକ ୨୫ ଲକ୍ଷ
- ଅନୁକମ୍ପାମୂଳକ ୩୪ ଜଣଙ୍କୁ ନିଯୁକ୍ତି ଓ ଏକାଡେମିକ ଅଡିଟ୍‌କୁ କପି ରାଇଟ୍

ଭୁବନେଶ୍ୱର, ୨୬।୧୧ (ସଂଚାର ବ୍ୟୁରୋ) : ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଦେଶ ଶିକ୍ଷାବୃତ୍ତି ଯୋଜନା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଏହି ଶିକ୍ଷାବୃତ୍ତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ଲାଗୁ କରାଯିବ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ବିଦେଶରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ଏହି ଛାତ୍ରବୃତ୍ତି ନିମନ୍ତେ ଆବେଦନ କରିପାରିବେ। ଯେଉଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାରର ବାର୍ଷିକ ଆୟ ୧୨ ଲକ୍ଷ କିମ୍ବା ୧୨ ଲକ୍ଷ ଟଙ୍କାରୁ କମ୍ ହୋଇଥିବା ସେହିମାନେ ଏହି ଛାତ୍ରବୃତ୍ତି ନିମନ୍ତେ ଆବେଦନ କରିପାରିବେ। ଛାତ୍ରବୃତ୍ତି ପାଇବା ନିମନ୍ତେ ଛାତ୍ର ବା ଛାତ୍ରୀ ବିଶ୍ୱର ଶ୍ରେଷ୍ଠ ୨୦୦ କ୍ୟୁଏସ ର୍‍ୟାଙ୍କିଙ୍ଗ ଶିକ୍ଷାନୁଷ୍ଠାନରେ ପିଜି ଓ ପିଏଚଡି ପାଠ୍ୟକ୍ରମ ପାଇଁ ନାମଲେଖା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଆବଶ୍ୟକ। ଛାତ୍ରଛାତ୍ରୀମାନେ ଏହି ବୃତ୍ତି ନିମନ୍ତେ ପ୍ରତିବର୍ଷ ୨ ଥର (ଜୁଲାଇ-ଅଗଷ୍ଟ ଓ ଡିସେମ୍ବର-ଜାନୁଆରୀ ଅବଧି) ଆବେଦନ କରିପାରିବେ। ପ୍ରତିବର୍ଷ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ➤ପୃଷ୍ଠା-୬

୬ ବର୍ଷ ପରେ ଖୋଲିବ ଗୁଣ୍ଡିଚା ମନ୍ଦିର

- ୧ରୁ ସର୍ବସାଧାରଣ ଦର୍ଶନ
- ଟିକେଟ୍ ଦାମ୍ ୧୦ ଟଙ୍କା

ପୁରୀ,୨୬।୧୧(ସଂଚାର ବ୍ୟୁରୋ): ଦୀର୍ଘ ୬ ବର୍ଷ ପରେ ଖୋଲିବ ଗୁଣ୍ଡିଚା ମନ୍ଦିର। ଆସନ୍ତା ୧ ତାରିଖରୁ ସର୍ବସାଧାରଣଙ୍କ ପାଇଁ ଏହି ମନ୍ଦିର ଖୋଲାଯିବ। ଦର୍ଶନ ପାଇଁ କିଭଳି ବ୍ୟବସ୍ଥା ରହିବ, ସେନେଇ ଆଲୋଚନା ଚାଲିଛି। କୋଭିଡ୍ ମହାମାରୀଠାରୁ ଗୁଣ୍ଡିଚା ମନ୍ଦିର ବନ୍ଦ ରହିଥିଲା। ତେବେ ମନ୍ଦିର ଖୋଲାଯିବା ପରେ ଭକ୍ତମାନେ ଯେପରି ସୁରୁଖୁରୁରେ ଦର୍ଶନ କରିପାରିବେ, ସେଥିସକାଶେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଟେଣ୍ଡର ➤ପୃଷ୍ଠା-୬

ଦେବାଶିଷଙ୍କୁ ପ୍ରମିଳାଙ୍କ ଟାର୍ଗେଟ୍

ସ୍ୱାର୍ଥପର ଲୋକ ଦଳ ଛାଡ଼ିଦେବା ଭଲ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ବିଜେଡି ଦଳ ସରକାର ଓ କ୍ଷମତାରେ ଥିବା ସମୟରେ ସବୁ ସୁବିଧା ନେଇ ଏବେ ନେତୃତ୍ୱ ବିରୋଧରେ ସ୍ୱର ଉଠାଉଛନ୍ତି ସାଂସଦ ଦେବାଶିଷ ସାମନ୍ତରାୟ। ଦେବାଶିଷଙ୍କ ଏଭଳି ଦୋଗଲାବାଜିକୁ କଟୁ ସମାଲୋଚନା କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ। ଦେବାଶିଷଙ୍କ ଟାର୍ଗେଟ କରି ପ୍ରମିଳା କହିଛନ୍ତି ଯେ, ସ୍ୱାର୍ଥପର ଲୋକ ଦଳରୁ ଚାଲିଯିବା ଭଲ।

ବିଜେଡି ଉପସଭାପତି ପଦରୁ ଦେବାଶିଷଙ୍କ ଇସ୍ତଫା ପ୍ରସଙ୍ଗରେ ମଧ୍ୟ ସେ ତାଙ୍କୁ ସମାଲୋଚନା କରିଛନ୍ତି। ଦେବାଶିଷଙ୍କୁ ସିଧା ଟାର୍ଗେଟ୍ କରି ପ୍ରମିଳା କହିଛନ୍ତି କିଛି ସ୍ୱାର୍ଥପର ନେତା ଅଛନ୍ତି ଯେଉଁମାନଙ୍କ ସ୍ୱାର୍ଥରେ ବାଧା ଆସିଲେ ଦଳ ଛାଡ଼ନ୍ତି। ଦଳ ବିରୋଧରେ କୁହନ୍ତି। ଯେତେ ସ୍ୱାର୍ଥପର ଲୋକ ଅଛନ୍ତି ଦଳରୁ ପଳେଇଗଲେ ଭଲ ହେବ। ଏହାଦ୍ୱାରା ଦଳ ଶୃଙ୍ଖଳାର ସହ ଚାଲିବ। ଦେବାଶିଷ ସାମନ୍ତରାୟ ଯେହେତୁ ଅସୁସ୍ଥ ଅଛନ୍ତି, ତେଣୁ ସେ କୌଣସି ପଦବୀ ସମ୍ଭାଳି ପାରିବେନି ବୋଲି ଇସ୍ତଫା ଦେଇଛନ୍ତି। ଯେତେବେଳେ ସେ ପଦବୀରେ ଥିଲେ ଆଉ ଦଳ କ୍ଷମତାସୀନ ଥିଲା, ସେତେବେଳେ କୋଉ ନୀତି ଆଦର୍ଶରେ ଦଳ ଚାଲୁଥିଲା, ସେ ପ୍ରଶ୍ନର ଉତ୍ତର ଦେବାଶିଷ ଦେଇପାରିବେ କି ବୋଲି ପ୍ରମିଳା ପ୍ରଶ୍ନ କରିବା ସହ ସେତେବେଳେ କାହିଁ କିଛି କହୁ ନଥିଲେ ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଦଳ କ୍ଷମତାରୁ ➤ପୃଷ୍ଠା-୬

ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର

ମୁଖ୍ୟସ୍ରୋତକୁ ଫେରିଲେ ୪୧ ମାଓବାଦୀ

ମାଲକାନଗିରି,୨୬।୧୧(ସଂଚାର ବ୍ୟୁରୋ): ସମ୍ବିଧାନ ଦିବସରେ ମାଓବାଦୀଙ୍କ ହାତରେ ସମ୍ବିଧାନର ପୁସ୍ତକ ଧରାଇଲା ପୁଲିସ। ମାଲକାନଗିରି ଛତିଶଗଡ ସୀମାନ୍ତ ବିଜାପୁର ଜିଲ୍ଲାରେ ୪୧ ଜଣ ମାଓବାଦୀ ଅସ୍ତ୍ର ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଦକ୍ଷିଣ ବସ୍ତର ସବ୍ ଜୋନାଲ କମିଟିର ୩୯ ଜଣ ମାଓବାଦୀ ରହିଛନ୍ତି। ଏଥିସହ ➤ପୃଷ୍ଠା-୬

୨ କୋଟିରୁ ଉର୍ଦ୍ଧ୍ୱ ଆଧାର କାର୍ଡ ନିଷ୍କ୍ରିୟ

- ୟୁଆଇଡିଏଆଇ ଦେଲା ସୂଚନା
- ପରିଚୟ ଜାଲ୍ ରୋକିବାକୁ ପ୍ରୟାସ

ନୂଆଦିଲ୍ଲୀ,୨୬।୧୧: ଆଜି ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଆଧାର କାର୍ଡକୁ ନେଇ ଏକ ବଡ଼ ପଦକ୍ଷେପ ନେଇଛି। ୟୁଆଇଡିଏଆଇ ସାରା ଦେଶରେ ୨ କୋଟିରୁ ଅଧିକ ଲୋକଙ୍କ ଆଧାର କାର୍ଡ ନମ୍ବରକୁ ନିଷ୍କ୍ରିୟ କରିଦେଇଛି। ଅବଶ୍ୟ ଏଥି ମଧ୍ୟରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ନମ୍ବର ମଧ୍ୟ ସାମିଲ୍ ରହିଛି। ବାସ୍ତବରେ, ଆଧାର ଡାଟାବେସ୍ ନିରନ୍ତର ଅପଡେଟ୍ ରଖିବା ଓ ମୃତ ବ୍ୟକ୍ତିମାନଙ୍କ ଆଧାର ନମ୍ବରର ଅପବ୍ୟବହାରକୁ ରୋକିବା ପାଇଁ ଦେଶବ୍ୟାପୀ ଅଭିଯାନର ଅଂଶ ଭାବରେ କର୍ତ୍ତୃପକ୍ଷ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଭାରତର ରେଜିଷ୍ଟ୍ରାର ଜେନେରାଲ୍, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଭଳି ଉତ୍ସରୁ ପ୍ରାପ୍ତ ତଥ୍ୟ ଆଧାରରେ ୟୁଆଇଡିଏଆଇ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି।

ଏହାବ୍ୟତୀତ ୟୁଆଇଡିଏଆଇ ମୃତ ବ୍ୟକ୍ତିମାନଙ୍କ ବିଷୟରେ ସୂଚନା ପାଇବା ପାଇଁ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ସହ ମଧ୍ୟ ସହଯୋଗ ସ୍ଥାପନ କରୁଛି। କର୍ତ୍ତୃପକ୍ଷ ଏହା ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ଆରମ୍ଭରେ ୟୁଆଇଡିଏଆଇ ମାଇଁ ଆଧାର ପୋର୍ଟାଲରେ ଏକ ନୂତନ ବୈଶିଷ୍ଟ୍ୟ ଆରମ୍ଭ କରିଛି, ଯାହା ମାଧ୍ୟମରେ ପରିବାର ସଦସ୍ୟମାନେ ସେମାନଙ୍କର ମୃତ ପ୍ରିୟଜନଙ୍କ ବିଷୟରେ ସୂଚନା ପ୍ରଦାନ କରିପାରିବେ। ଏହି ପଦକ୍ଷେପ ଆଧାର ଡାଟାବେସ୍‌ର ➤ପୃଷ୍ଠା-୬

● ବଙ୍ଗୋପ ସାଗରରେ ଯୋଡ଼ା ବାତ୍ୟା

ସେନ୍ୟାର ପରେ ଆସୁଛି ଦିତ୍ୱା



ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ବଙ୍ଗୋପ ସାଗରରେ ସୃଷ୍ଟି ହୋଇଛି ଯୋଡ଼ା ବାତ୍ୟା। ଇତିମଧ୍ୟରେ ସେନ୍ୟାର ଇଣ୍ଡୋନେସିଆରେ ଲ୍ୟାଣ୍ଡଫଲ୍ କରିସାରିଥିବା ବେଳେ ଏବେ ଆଉ ଏକ ବାତ୍ୟା ‘ଦିତ୍ୱା’ ଦାନା ବାନ୍ଧୁଛି। ମାଲାକା ସମୁଦ୍ର ସନ୍ଧି ଅଞ୍ଚଳରେ ସୃଷ୍ଟି ହୋଇ ମାତ୍ର କେଇ ଘଣ୍ଟାରେ ବାତ୍ୟା ‘ସେନ୍ୟାର୍’ ଲ୍ୟାଣ୍ଡଫଲ କରିସାରିଛି। ଆସନ୍ତା ୨୪ ଘଣ୍ଟା ଭିତରେ ଏହା ଦୁର୍ବଳ ହୋଇଯିବ ଓ ୨୭ ତାରିଖ ପର୍ଯ୍ୟନ୍ତ ତୀବ୍ରତା ବଜାୟ ରଖିବ। ଅନ୍ୟପକ୍ଷରେ ଶ୍ରୀଲଙ୍କା ଉପକୂଳରେ ସୃଷ୍ଟି ହୋଇଥିବା ସିଷ୍ଟମ ଘନୀଭୂତ ହେବାର ସମ୍ଭାବନା ରହିଛି। ଏବେ ଏହା ସ୍ପଷ୍ଟ ଚିହ୍ନିତ ଲଘୁଚାପର ରୂପ ନେଇଛି। ଏହା ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆଗାମୀ ୨୪ ଘଣ୍ଟାରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ପାଣିପାଗ ସୂତ୍ରରୁ କୁହାଯାଇଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଆହୁରି ଅଧିକ ଘନୀଭୂତ ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପ ସାଗରରେ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି ➤ପୃଷ୍ଠା-୬



କାନ ଡେରିଥା

ଗୁରୁବାର ପାଇଁ ସଜେଇ
ହୁଅନ୍ତି
ପ୍ରତ୍ୟେକ ଘରର ନାରୀ
ଲକ୍ଷ୍ମୀ ଆବାହନ କରିବାକୁ
ସିଏ
ବୁଧବାର କାମ ସାରି
ଶୁକ୍ରବାର ପଡ଼େ ଭାରି...
ପଡ଼ିଶା ଘରର ଫୁଲ
ଚୋରଟାକୁ
ଦେବେ ସେ କେମିତି ଗାଳି।

■ ଦେବାଶିଷ

ପରାଜୟ ବୋଝ ମୁଣ୍ଡେଇ ଆସିବେ ବିଜେଡି ନେତା

- ନୂଆପଡ଼ାରେ ମିଳିଛି ଝଟ୍‌କା
- ନବୀନଙ୍କ ଉପରେ ନଜର
- ବିଧାୟକଙ୍କ ପାଟି ଖନି ମାରିଯିବ!

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ଗୁରୁବାରଠାରୁ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେଉଥିବା ବେଳେ ବିଜେଡି ନେତାମାନେ ପରାଜୟର ବୋଝ ମୁଣ୍ଡେଇ ବିଧାନସଭାକୁ ଆସିବେ। ବିରୋଧୀ ଦଳ ଭାବେ ବିଜେଡି ନୂଆପଡ଼ାରେ ତା’ର ପ୍ରଥମ ଉପନିର୍ବାଚନ ଲଢ଼ିଥିଲେ ହେଁ ଏଥିରେ ପରାଜୟ କରିଥିବା ବେଳେ ଏପରି ଏକ ଝଟ୍‌କାକୁ ଅଧିକାଂଶ ବିଧାୟକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଭଳି ସ୍ଥିତିରେ ବିଧାନସଭାରେ ନବୀନଙ୍କ ଉପସ୍ଥିତି ଉପରେ ସମସ୍ତଙ୍କ ନଜର ରହିଛି।

ବିଧାନସଭା ଭିତରେ ସରକାରଙ୍କୁ ଘେରୁଥିବା ଅଧିକାଂଶ ବିଜେଡି ନେତା ନୂଆପଡ଼ା ଦାୟିତ୍ୱରେ ଥିଲେ। ବହୁ ନେତା ସେଠାରେ ପ୍ରଚାରର ମଙ୍ଗ ଧରିଥିଲେ। ସେମାନଙ୍କ ମଧ୍ୟରେ ଡକ୍ଟର ଅରୁଣ କୁମାର ସାହୁ, କଳିକେଶ ସିଂହଦେଓ, ବ୍ୟୋମକେଶ ରାୟ, ଦିବ୍ୟଶଙ୍କର ମିଶ୍ର, ଟୁକୁନି ସାହୁ, ଦେବୀ ରଞ୍ଜନ ତ୍ରିପାଠୀ, ନିରଞ୍ଜନ ପୂଜାରୀ, ଗଣେଶ୍ୱର ବେହେରା, ଅଧିରାଜ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା ପ୍ରମୁଖ। ଏହିସବୁ ନେତାମାନେ ସାଧାରଣତଃ ବିଧାନସଭା ଅଧିବେଶନରେ ସରକାରଙ୍କୁ ସମାଲୋଚନା କରିବାର କୌଣସି ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ।

ଏଥର କିନ୍ତୁ ବିଧାନସଭାରେ ସମସ୍ତଙ୍କ ନଜର ଏମାନଙ୍କ ଆଭିମୁଖ୍ୟ ଉପରେ ରହିବ। କାରଣ ବିରୋଧୀ ଦଳରେ ବସି ପ୍ରଥମ ଥର ପାଇଁ ଉପନିର୍ବାଚନକୁ ସାମ୍ନା କରିବା ସହ ଏମାନେ ଦଳକୁ କେବଳ ତୃତୀୟ ସ୍ଥାନରେ ରଖିବାରେ ସମର୍ଥ ହୋଇଛନ୍ତି। ନିର୍ବାଚନ ଘୋଷଣା ସମୟରୁ ଦଳର ବୃହତ୍ ବିଜୟ ନେଇ ବିଭିନ୍ନ ସମୟରେ ଦାବି କରୁଥିବା ଏହି ନେତାମାନେ ଏବେ ପରାଜୟରେ ଏକପ୍ରକାର ମର୍ମାହତ ହୋଇପଡ଼ିଛନ୍ତି। ଦ୍ୱିତୀୟ ସ୍ଥାନରେ ଦଳକୁ ରଖିପାରିଥିଲେ ଅତି କମ୍‌ରେ ସମ୍ମାନ ଟିକକ ବଞ୍ଚିଯାଇଥାଆନ୍ତା ବୋଲି ଦଳୀୟ କର୍ମୀମାନେ ମତ ଦେଉଛନ୍ତି। ଏପରି ସ୍ଥିତିରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ବିଧାନସଭା ଅଧିବେଶନରେ କୌଣସି ପ୍ରସଙ୍ଗରେ ଆଲୋଚନା ସମୟରେ ବିଜେଡି ବିଧାୟକଙ୍କ ପାଟି ଖନି ମାରିଯିବ, ଏହା କହିବା ବାହୁଲ୍ୟ ମାତ୍ର। ଅର୍ଥାତ୍ ସେମାନେ ପୂର୍ବ ଅଧିବେଶନ ପରି ଏବେ ଆଉ ସେତେ ଜୋର୍‌ରେ ବିରୋଧ କରିପାରିବେ ନାହିଁ ବୋଲି ଆଲୋଚନା ହେଉଛି।

ଏତିକିବେଳେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଦଳ ବିରୋଧୀ ବୟାନବାଜି ବି ବିଜେଡି ବିଧାୟକମାନଙ୍କୁ ଏକପ୍ରକାର ଅଡୁଆରେ ପକାଇଦେଇଛି। କାରଣ ଯେଉଁସବୁ ପ୍ରସଙ୍ଗକୁ ନେଇ ଦେବାଶିଷ ଦଳୀୟ ନେତୃତ୍ୱକୁ ଆହ୍ୱାନ ଦେଉଛନ୍ତି, ଆବଶ୍ୟକସ୍ଥଳେ ସେହିସବୁ ପ୍ରସଙ୍ଗରେ ଶାସକ ଦଳର ବିଧାୟକମାନେ ବିଜେଡିକୁ ସମାଲୋଚନାର କରିବାର ସୁଯୋଗକୁ କଦାପି ହାତଛଡା କରିବେ ନାହିଁ। ତେବେ ସମସ୍ତଙ୍କ ନଜର ➤ପୃଷ୍ଠା-୬

ଶଙ୍ଖ ଭବନରେ ଅସନ୍ତୋଷର ପ୍ରତିଫଳନ

ଶୀତ ଅଧିବେଶନର ଦଳର ପ୍ରସ୍ତୁତି ପାଇଁ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକକୁ ଆସିନଥିଲେ ୧୦ ବିଧାୟକ। କିଛି ବିଧାୟକ ବ୍ୟକ୍ତିଗତ କାମଥିବା ଦର୍ଶାଇ ବୈଠକକୁ ଯାଉନଥିବା ବେଳେ କିଛି ଭୁବନେଶ୍ୱରରେ ଥାଇ ବି ଗଲେନି। କେବଳ ସେତିକି ନୁହେଁ ପୂର୍ବରୁ ନବୀନ ପଟ୍ଟନାୟକ ଶଙ୍ଖ ଭବନ ଗଲେ ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଯେଉଁ ଉତ୍ସାହ ଥାଏ ଆଜି ତାହା ଦେଖିବାକୁ ମିଳିନଥିଲା। ନବୀନଙ୍କୁ ଆଜି ଶଙ୍ଖ ଭବନରେ ମାତ୍ର ୧୨ରୁ ୧୫ ଜଣ କର୍ମୀ ଓ ନେତା ସ୍ୱାଗତ କରିବାକୁ ଯାଇଥିଲେ। ବିଜେଡି ହେଡକ୍ୱାର୍ଟରରେ ଏଭଳି ଚିତ୍ର ଶୁଭ ସଂକେତ ନୁହେଁ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

ଆଠ ମାସ ପୂରିଲାନି, ରାସ୍ତା ଫାଟି ଆଁ

କାର୍ଯ୍ୟର ମାନକୁ ନେଇ ପ୍ରଶ୍ନବାଚୀ

ମହାକାଳପଡ଼ା, ୨୬।୧୧(ସଂଚାର ବ୍ୟୁରୋ): ରାସ୍ତା ନିର୍ମାଣ କାର୍ଯ୍ୟ କୁ ଆଠ ମାସ ପୁରିନି। ହେଲେ ରାସ୍ତା ଫାଟି ଆଁ କରିଛି। ଯାହା ଫଳରେ ହଜାର ହଜାର ଲୋକେ ଯାତାୟତ ଜନିତ ସମସ୍ୟା ରେ ପଡ଼ିଛନ୍ତି। ଏତେ କମ୍ ଦିନରେ ରାସ୍ତାର ଏ ବିକଳ ଅବସ୍ଥା ଦେଖି ଲୋକେ ବିଭାଗ ଉପରକୁ ପ୍ରଶ୍ନବାଣ ମାରିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ପଞ୍ଚାୟତ ର ବାଲିକୁଦା ଠାରୁ ଗୋବର୍ଦ୍ଧନପୁର ପର୍ଯ୍ୟନ୍ତ ପାଞ୍ଚ କିଲୋମିଟର ରାସ୍ତା ପାଞ୍ଚ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ତରଫରୁ ନିର୍ମାଣ କରାଯାଇଥିଲା। ହେଲେ ରାସ୍ତା ନିର୍ମାଣକୁ ଆଠ ମାସ ପୁରିନି ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ଦହିମାଛ ଗ୍ରାମ ନିକଟ ଚତରା ପାଖରେ ୫୦ ମିଟର ଭଳି ରାସ୍ତା ମଝିରୁ ଫାଳ ହୋଇ ଆଁ କରିଛି। ଯାହା ଫଳରେ ସେହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ଯାତ୍ରୀ ଯାତାୟତ ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରାସ୍ତାରେ ଯାଆଆସ ପାଇଁ ଭୟ କରୁଛନ୍ତି। ବାଧ ହୋଇ ଲୋକେ ସେହି ଫଟା ସ୍ଥାନରେ ଗଛ ଡାଳ ପୋତି ସଚେତନ କରାଉଛନ୍ତି। ଗ୍ରାମର କିଛି ବ୍ୟକ୍ତି ଓ ଯୁବକମାନେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ରାସ୍ତା ନିର୍ମାଣ ସମୟରେ ମଧ ନିମ୍ନମାନର କାର୍ଯ୍ୟ ହେଉଥିବା ଅଞ୍ଚଳର ସଚେତନ ଯୁବକମାନେ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ଏବେ ରାସ୍ତାର ଅବସ୍ଥା ବିପର୍ଯ୍ୟୟ ହେବାପରେ ରାସ୍ତାର ଦୀର୍ଘସ୍ଥାୟୀ ଉପରେ ଲୋକେ ଏବେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା କହିଛନ୍ତି ପୁରୁଣା ରାସ୍ତା ଉପରେ କାମଟି ହୋଇଥିଲା। ତଳ ମାଟି ଖସିଯାଇଥିବାରୁ ଏମିତି ଅବସ୍ଥା ହୋଇଥାଇ ପାରେ। ସ୍ଥିତି ଅନୁଧାନ କରିବା ପରେ ବିଭାଗ ତରଫରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶୀତବସ୍ତ୍ର ପରିଧାନ କଲେ ଶ୍ରୀବଳଦେବଜୀଉ

କେନ୍ଦ୍ରାପଡ଼ା, ୨୬।୧୧(ସଂଚାର ବ୍ୟୁରୋ): ଶୀତବସ୍ତ୍ର ପରିଧାନ କଲେ ମହାପ୍ରଭୁ ତଥା କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀବଳଦେବଜୀଉ। ଓଡଣ ଷଷ୍ଠୀରେ ଶ୍ରୀଜୀଉଙ୍କ ଘୋଡ ଲାଗି ନୀତି ସମ୍ପନ୍ନ ହୋଇଛି। ଆଜି ପବିତ୍ର ମାର୍ଗଶୀରମାସ ଶୁକ୍ଳପକ୍ଷ ଓଡଣ ଷଷ୍ଠୀରେ ଶୀତବସ୍ତ୍ର ପରିଧାନ ପୂର୍ବକ ଘୋଡ଼ ଲାଗି ବେଶ ଅନୁଷ୍ଠିତ ହୋଇଛି। ସକାଳ ଧୂପ ସମ୍ପନ୍ନ ପରେ ଭଣ୍ଡାର ଗୃହରୁ ଶୀତବସ୍ତ୍ର ଭଣ୍ଡାର ମୋହରଙ୍କ ଦ୍ୱାରା ଅଣାଯାଇ ରତ୍ନ ସିଂହାସନ ନିକଟକୁ ଯାଇଥିଲା। ରାଜ ପୁରୋହିତଙ୍କ ଦ୍ୱାରା ପାମୃତ ଶୋଧନ ସଂସ୍କାର ପରେ ବେଢ଼ା ପ୍ରଦକ୍ଷଣ କରାଯାଇଥିଲା। ପରେ ପୂଜାପଣ୍ଡାଙ୍କ ଦ୍ୱାରା ମଉଳି ବାଲ, ପୋଷ ଦୁଲେଇ, ଅଧର ଧଣ୍ଡା ଜରିଚିତା ପାଗ ଡୋରି ଦ୍ୱାରା ସୁସଜ୍ଜିତ ଘୋଡ ଲାଗି ବେଶ କରାଯାଇଥିଲା ଶ୍ରୀଜୀଉଙ୍କୁ। ବେଶ ପରେ ଭୋଗ ମଣ୍ଡପରେ ଘଟ ସ୍ଥାପନ, କଳସ ପୂଜା କରାଯାଇ ମଙ୍ଗଳାର୍ପଣ ହୋଇଥିଲା। ପରେ ଭୋଗଲାଗି କରାଯାଇଥିଲା। ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଶୀତବସ୍ତ୍ର ଓ ଭୋଗ ପ୍ରଦାନ କରାଯାଇଥିଲା। ଏହି ଶୀତବସ୍ତ୍ର ପରିଧାନ ମାର୍ଗଶୀର ଶୁକ୍ଳପକ୍ଷ ଷଷ୍ଠୀରୁ ଆରମ୍ଭ ହୋଇ ଦୁଇ ମାସ ଅର୍ଥାତ ମାଘମାସ ଶୁକ୍ଳପକ୍ଷ ଶ୍ରୀପମୀ ପର୍ଯ୍ୟନ୍ତ ଚାଲିବ ବୋଲି ସେବାୟତ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି।

ଶ୍ରୀବଳଦବେଜୀଉଙ୍କ ହୁଣ୍ଡିରୁ ୩ଲକ୍ଷ ୫୩ ହଜାର ଆୟ

କେନ୍ଦ୍ରାପଡା, ୨୬।୧୧(ସଂଚାର ବ୍ୟୁରୋ): ଶ୍ରୀଜୀଉଙ୍କ ଜଗ ମୋହନ ହୁଣ୍ଡି ରୁ ମିଳିଲା ତିନି ଲକ୍ଷ ତେପନ ହଜାର ଶହେ ଚାଳିଶି ଟଙ୍କା। କେନ୍ଦ୍ରାପଡ଼ା ର ଆରାଧ ପ୍ରଭୁ ବଳଦେବ ଜୀଉ ଙ୍କ ଜଗ ମୋହନ ରେ ବସିଥିବା ହୁଣ୍ଡି ମନ୍ଦିର ପ୍ରଶାସନ ଅଧିକାରୀ ଙ୍କ ଉପସ୍ଥିତିରେ ଖୋଲାଯାଇ ଗଣତି କରାଯାଇଥିଲା ଏଥିରେ ମୋଟ୍ ତିନି ଲକ୍ଷ ତେପନ ହଜାର ଶହେ ଚାଳିଶି ଟଙ୍କା ନୋଟ୍ କେବଳ ମିଳିଥିଲା ଏହି ଗଣତି ରେ ସେବାୟତ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସଭ୍ୟ ଧିରେନ୍ କୁମାର ସାହୁ କାର୍ଯ୍ୟନିବାହି ଅଧିକାରୀ ବଳଭଦ୍ର ପତ୍ରୀ ଇଞ୍ଜିନିୟର ପ୍ରମୋଦ ପଣ୍ଡା ପତିତପାବନ ଲେଙ୍କା ଶରତ ଚନ୍ଦ୍ର ପାତ୍ର ଅବସରପ୍ରାପ୍ତ ପୌରସଂସ୍ଥା କର୍ମଚାରୀ ଗଣତି କାର୍ଯ୍ୟରେ ସହଯୋଗ କରିଥିଲେ।

ପଥପ୍ରାନ୍ତ କେନ୍ଦ୍ର ସୁଧାର ପାଇଁ ପଦକ୍ଷେପ ନେଲେ ବିଧାୟକ ଅରବିନ୍ଦ

ଡେରାବିଶ, ୨୬।୧୧ (ସଂଚାର ବ୍ୟୁରୋ): କଟକ ଚାନ୍ଦବାଲି ଜାତୀୟ ରାଜପଥ କେଶରପୁରସ୍ଥ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଦୀର୍ଘଦିନ ହେବ ବହୁ ଅବ୍ୟବସ୍ଥା ମଧରେ ଗତି କରୁଛି। ଉକ୍ତ ପଥପ୍ରାନ୍ତ କେନ୍ଦ୍ରର ସୁଧାର ପାଇଁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଆର ଆଣ୍ଡ ବି ବିଭାଗ ଦ୍ୱାରା ନିର୍ମିତ ଓ ପରିଚାଳିତ ଏହି ସୁବିଧା କେନ୍ଦ୍ରରେ ଯାତ୍ରୀ ମାଗଣାରେ ପାନୀୟଜଳ, ଶୌଚ, ସ୍ନାନ ଓ ଯାନ ରଖିବା ସହିତ ବିଶ୍ରାମ ନେବାର ବ୍ୟବସ୍ଥା ରହିଛି। ତେବେ ଦୀର୍ଘଦିନ ହେଲା ଆର ଆଣ୍ଡ ବି କର୍ତ୍ତୃପକ୍ଷ ବିଦ୍ୟୁତ୍ ବିଲ୍ ପୈଠ ନ କରିବାରୁ ବିଦ୍ୟୁତ୍ ବିଭାଗ ଏହି ସୁବିଧା କେନ୍ଦ୍ରକୁ ବିଦ୍ୟୁତ୍ ସଂଯୋଗ କାଟିଦେଇଥିଲେ। ଏଥିସହିତ କେନ୍ଦ୍ରରେ ନିଯୁକ୍ତ କର୍ମଚାରୀ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ସେମାନଙ୍କର ପାରିଶ୍ରମିକ ପାଇନାହାଁନ୍ତି। ଫଳରେ ସୁବିଧା କେନ୍ଦ୍ରରେ ଯୋଗାଇ ଦିଆଯାଇଥିବା ସୁବିଧାରୁ ଯାତ୍ରୀ ଦୀର୍ଘଦିନ ହେଲା ବଞ୍ଚିତ ହେବାସହ ନାନାଦି ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ଓ କର୍ମଚାରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ ସେମାନେ କର୍ଣ୍ଣପାତ କରୁନଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଓ କର୍ମଚାରୀ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ଏହି ଘଟଣା ସମ୍ପର୍କରେ ଶ୍ରୀ ମହାପାତ୍ର ଜାଣିବା ପରେ ବିଦ୍ୟୁତ୍ ବିଭାଗ ଓ ଆର୍ ଆଣ୍ଡବି ବର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ପରେ ସୁବିଧା କେନ୍ଦ୍ରକୁ ତ୍ୱରିତ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ଏଥିସହିତ କର୍ମଚାରୀଙ୍କ ଦରମା ପ୍ରଦାନ ପାଇଁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବିଧାୟକ ଶ୍ରୀ ମହାପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୨୬।୧୧(ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି ର ନବନିର୍ବାଚିତ ରାଜ୍ୟ ଉପସଭାପତି ତଥା କେନ୍ଦ୍ରାପଡ଼ା ମାଟିର ପୁଅ ବିଷ୍ଣୁ ଦାସଙ୍କୁ କେନ୍ଦ୍ରାପଡ଼ାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଉଦୟନଗର ସ୍ଥିତ ସଂସ୍କୃତି ଭବନ ଠାରେ ବିଜେପି କେନ୍ଦ୍ରାପଡ଼ା ବିଧାନସଭା ସ୍ତରୀୟ ଆୟୋଜିତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଓ ଆତ୍ମନିର୍ଭର ଭାରତ ସମାବେଶ କାର୍ୟ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିବା ଶ୍ରୀ ଦାସଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକାର ବେହେରା, ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠି, ସଂଖ୍ୟା ଲଘୁ ମୋର୍ଚ୍ଚା ରାଜ୍ୟ ଉପସଭାପତି ସଲିମ ଖାଁ, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ଜିଲ୍ଲାର ସାଧାରଣ ସମ୍ପାଦକ ଉପିନ କୁମାର ରାଉତ, ଅମିତାଭ ସୁଆରଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ପୂର୍ବତନ ସଭାପତି ଓ ବିଧାନସଭା ର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଷ୍ଣୁ ଦାସଙ୍କ ଏହି ନୂତନ ଦାୟିତ୍ୱ ଗ୍ରହଣ ପରେ ଜିଲ୍ଲାରେ ସାଙ୍ଗଠନିକ ସ୍ତରରେ ବ୍ୟାପକ ଉନ୍ନତି ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ମାନଙ୍କୁ ସ୍ୱଦେଶ ସଂକଳ୍ପ କରାଯାଇ ଥିଲା ଓ କାଇଁଚ, ଶିଳ୍ପୀ, ମାଣ୍ଡିଆରୁ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ କରୁଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଜାତୀୟ ସମ୍ବିଧାନ ଦିବସ ପାଳନ

ଗରଦପୁର, ୨୬।୧୧(ସଂଚାର ବ୍ୟୁରୋ): ଲୋକନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଆନୁକୂଲ୍ୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଅଛି। ଅଧକ୍ଷ ବିଜୟ କୁମାର ନାୟକ ସଭାର ସଭାପତିତ୍ୱ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡଃ ସୁଶାନ୍ତ କୁମାର ପରିଡ଼ା ଏହି ଦିବସ ପାଳନର ଲକ୍ଷ୍ୟ ଓ ଗୁରୁତ୍ୱ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ବିଭାଗର ପ୍ରାକ୍ତନ ପ୍ରାଧାପକ ସୁରେନ୍ଦ୍ରନାଥ ମିଶ୍ର ମୁଖ୍ୟ ବକ୍ତା ଥିଲେ, ସେ ସମ୍ବିଧାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧାପକ ସତ୍ୟବ୍ରତ ବେହେରା, ସୁମନ ମଲ୍ଲିକ, ଇତିହାସ ବିଭାଗର ମୁଖ୍ୟ ରମାକାନ୍ତ ପାଣି ନିଜର ବକ୍ତବ୍ୟ ରଖିଥୀଲେ। ମହାବିଦ୍ୟାଳୟର ବହୁ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ଉକ୍ତ ଅବସରରେ ଉପସ୍ଥିତ ଥିଲେ। ପରିଶେଷରେ ଅଧାପକ ସୁମନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ତୁଳସୀ ମହିଳା ମହାବିଦ୍ୟାଳୟର ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ

କେନ୍ଦ୍ରାପଡା, ୨୬।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଆନୁକୁଲ୍ୟରେ "ରାଷ୍ଟ୍ରୀୟ ସମ୍ବିଧାନ ଦିବସ"ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ. ମଥୁରି ଚରଣ ନାୟକ ସଭାପତିତ୍ୱ କରି ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ଼ ମମତା ସାହୁ ସମ୍ବିଧାନ ଦିବସର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଯୁକ୍ତ ୩ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ବନ୍ୟା ବେହେରା କାର୍ଯ୍ୟକ୍ରମର ପରିଚାଳନା କରିଥିଲାବେଳେ ଯୁକ୍ତ ୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ପ୍ରଭାସିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧାପିକା ଗାୟତ୍ରୀ ନାୟକ, ଅଧାପକ ରାମଚନ୍ଦ୍ର ସୁଆର ଏବଂ ଶତାଧିକ ଛାତ୍ରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଇଁ ପ୍ରସ୍ତୁତ ବୈଠକ

କେନ୍ଦ୍ରାପଡ଼ା, ୨୬।୧୧(ସଂଚାର ବ୍ୟୁରୋ): ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ନିମନ୍ତେ ବୁଧବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପ୍ରଶାସନ(କ୍ରୀଡା ବିଭାଗ) ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ଯୁବ ଉତ୍ସବ ଆସନ୍ତା ଡିସେମ୍ବର ମାସ ୫ତାରିଖରେ ସ୍ଥାନୀୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ୧୫ ବର୍ଷରୁ ୨୯ ବର୍ଷ ବୟସର ଯୁବକ ଓଚ ଯୁବତୀମାନଙ୍କ ମଧରେ ବକ୍ତୃତା, କବିତା ଲିଖନ, ଚିତ୍ରାଙ୍କନ, ଲୋକ ସଙ୍ଗୀତ, ଲୋକନୃତ୍ୟ (ଦଳଗତ) ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉତ୍ସବ ପୂର୍ବରୁ ୨ ତାରିଖରେ ଏହି ପ୍ରତିଯୋଗିତା ମାନ ବ୍ଲକସ୍ତରରେ ଆୟୋଜିତ ହୋଇ ଶ୍ରେଷ୍ଠ ବିଜେତା ଜିଲ୍ଲାସ୍ତରରେ ଅଂଶଗ୍ରହଣ କରିବେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଦଳଗତ ପାଇଁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଯଥାକ୍ରମେ ୧୦ ହଜାର, ୭ହଜାର ୫ଶହ ଏବଂ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ବକ୍ତୃତା, କବିତା ଲିଖନ ଏବଂ ଚିତ୍ରାଙ୍କନରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ୩ହଜାର, ୨ହଜାର ଏବଂ ଏକ ହଜାର ଟଙ୍କା ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ତୁଳସୀ ମହିଳା ମହାବିଦ୍ୟାଳୟର ଡିପିଓ ପଦ୍ମଜା ଶଥପଥୀ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଅଧାପକ ରଞ୍ଜିତ କୁମାର ଦାସ, ମାଇଁ ଭାରତର ଜିଲ୍ଲା ଯୁବ ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ଶିକ୍ଷା ବିଭାଗର ଜିଲ୍ଲା ବିଜ୍ଞାନ ପରିଦର୍ଶକ ପ୍ରକାଶ ଚନ୍ଦ୍ର ପରିଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ବ୍ଲକ ସ୍ତରୀୟ ପ୍ରତିଯୋଗୀତା ଆସନ୍ତା ୨ ତାରିଖ ଦିନ ଡେରାବିଶ ବ୍ଲକ ଏଚଏନଏସ କଲେଜ, ଚାନ୍ଦୋଳ, କେନ୍ଦ୍ରାପଡ଼ ବ୍ଲକ ପାଇଁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ କଲେଜ, ଏସ. ଜେ. କଲେଜ ରାଜନଗର, ମାର୍ଶାଘାଇ କଲେଜ, ଏଲ. ଏନ. କଲେଜ କୋରୁଆ, ଗରଦପୁର, ଏସଏସ୍ବି କଲେଜ, ମହାକାଳପଡ଼ା, ଏସଏନ କଲେଜ ରାଜକନିକା ଏବଂ ଆଳି କଲେଜରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଏବଂ ବ୍ୟକ୍ତିବିଶେଷ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ତ୍ରିଲୋକ୍ୟପୁର ଭତ୍ତା କେଲେଙ୍କାରୀ ଘଟଣାରେ ପୂର୍ବତନ ଏଡିଇଓ ନିଲମ୍ବିତ

କେନ୍ଦ୍ରାପଡ଼ା, ୨୬।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକ ଅଧିନ ତ୍ରିଲୋକ୍ୟପୁର ଗ୍ରାମ ପଞ୍ଚାୟତରେ ଭତ୍ତା କେଲେଙ୍କାରୀ ଘଟଣାରେ ପୂର୍ବତନ ତ୍ରିଲୋକ୍ୟପୁର ଏଡିଇଓ(ଆକାଉଣ୍ଟ-କମ- ଡାଟା ଏଣ୍ଟ୍ରି ଅପରେଟର) କଳ୍ପନା ଲେଙ୍କାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ଜିଲ୍ଲାପାଳ ରଘୁରାମ ଆର. ଆୟର। ପ୍ରକାଶ ଥାଉ କି କଳ୍ପନା ଲେଙ୍କା ହିତାଧିକାରୀଙ୍କ ଭତ୍ତା ଟଙ୍କା ବାବଦକୁ ୧ ଲକ୍ଷ ୧୬ ହଜାର ଟଙ୍କା ହେରଫେର କରିଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଭତ୍ତାଟଙ୍କା ହେରଫେର କରୁଥିବା ନେଇ ହିତାଧିକାରୀ ମାନେ ବିଡିଓ ରାଜକନିକାଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ତଦନ୍ତରୁ ଭତ୍ତା ଟଙ୍କା ହେରଫେର କରିଥିବା ସ୍ପଷ୍ଟ ହୋଇଥିଲା। ବର୍ତ୍ତମାନ ସେ ବରଡିଆ ପଞ୍ଚାୟତରେ କାର୍ଯ୍ୟରତ ଅଛନ୍ତି।

ସ୍କୁଟିରୁ ପଡ଼ି ମହିଳା ଗୁରୁତର

କୋରାଇ, ୨୬।୧୧(ସଂଚାର ବ୍ୟୁରୋ): ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଶଙ୍ଖଚିଲା ରାସ୍ତାରେ ହମ୍ପସରେ ପଡ଼ି ମହିଳା ଗୁରୁତର ଆହତ ହୋଇଛନ୍ତି। ଗୋଳେଇପୁର ପଞ୍ଚାୟତ ଶଗଡ଼ି ଗ୍ରାମର କମରାନ ବେଗ ତାଙ୍କ ସ୍ତ୍ରୀଙ୍କୁ ଧରି ଏକ ସ୍କୁଟିରେ ଯାଉଥିବା ସମୟରେ ଗୋଲାପୋଖରୀ ନିକଟରେ ଏକ ହମ୍ପସର ତାଙ୍କ ସ୍ତ୍ରୀ ସ୍କୁଟି ପଛରୁ ଖସିପଡ଼ିଥିଲେ। ତାଙ୍କ ମୁଣ୍ଡମାଡ ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳେ ତାଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

ଭାରୀଯାନ ଉପରେ କଟକଣା

କୋରାଇ, ୨୬।୧୧(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ କୋରେଇ ବ୍ଲକ ଅଧିନ ଷଠିପୁର ଠାରୁ ବୈତରଣୀରୋଡ ପର୍ଯ୍ୟନ୍ତ ସମସ୍ତ ଭାରୀଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଜାରି କରାଯାଇଛି। ଜିଲ୍ଲାପାଳ ଶ୍ରୀ କର ରାସ୍ତା ପ୍ରଶସ୍ତିକରଣ କାମ ଚାଲୁଥିବାରୁ ଏଥି ପାଇଁ ହେଉଥିବା ଟ୍ରାଫିକ ଜାମ ଏବଂ ସଡକ ଦୁର୍ଘଟଣାକୁ ଦୃଷ୍ଟିରେ ଏହି ନିର୍ଦ୍ଦେଶନାମା ଅର୍ଡର ସଂଖ୍ୟା ୨୦୮୧ ତା ୨୦-୧୧-୨୫ରେ ଜାରି କରିଛନ୍ତି। ଏହାସହ ଭାରୀଯାନଗୁଡିକ ବିକଳ୍ପ ରାସ୍ତା ଭାବେ ବୈତରଣୀରୋଡ ଠାରୁ ରଗଡ଼ି ଯିବାପାଇଁ ବରୁଣ୍ଡାଇ କୋରେଇ ମୀନାବଜାର ଓ ପଚ୍ଛିକୋଟ ମାର୍ଗ ଦ୍ୱାରା ଚଳାଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶାଜ୍ଞା ଆସନ୍ତା ୨୧ନଭେମ୍ବରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ବଳବତର ରହିବ। ପୂର୍ବରୁ ମଧ ଅଗଷ୍ଟ, ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଏହି ନିୟମ ଲାଗୁ କରାଯାଇଥିଲା।

ରସାବଳୀ କାରିଗରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୨୬।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ର ଜଣାଶୁଣା ଶ୍ରୀ ବଳଦେବଜୀଉ ସାଂସ୍କୃତିକ ସେବା ସମିତି ପକ୍ଷରୁ ରସାବଳୀ କାରିଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ଇଛାପୁର ସ୍ଥିତ ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତିର ସଭାପତି ପୂର୍ବତନ ବିଧାୟକ ଚିନ୍ମୟ କୁମାର ବେହୁରା ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଉମାଶଙ୍କର ଜେନା ଓ ଉପ ସଭାପତି ଗୋଲକ ପଢିଆରୀଙ୍କ ସଂଯୋଜନା ରେ ସହରର ଜଣାଶୁଣା ରସାବଳୀ କାରିଗର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସୌରଚନ୍ଦ୍ର ସାହୁ, ବୈଷ୍ଣବ ଚରଣ ପଣ୍ଡା, ଗୀତାଞ୍ଜଳୀ ସାହୁ, ଖଗେଶ୍ୱର ପ୍ରଧାନ, ମହେଶ୍ୱର ସାହୁ, ଦାମୋଦର ସାହୁଙ୍କ ସମେତ ୩୦ରୁ ଅଧିକ କାରିଗରଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଡ଼ଃ ଚୈତନ୍ୟ ଚରଣ ପରିଡା, ଉମାକାନ୍ତ ବଳ, ରଂଜନ କୁମାର ପୃଷ୍ଟି ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ସମାଜସେବୀ ପ୍ରାଧାପକ ଡ଼ଃ ଚୈତନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ବିଧାନ ଦିବସ ଉପଲକ୍ଷେ ସଚେତନତା ଓ ବକ୍ତୃତା ପ୍ରତିଯୋଗିତା

କେନ୍ଦ୍ରାପଡା, ୨୬।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟ ରେ ସ୍ଥାନୀୟ ବଳଦେବ ହାଇସ୍କୁଲ ଠାରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଆଇନ ସଚେତନତା କାର୍ଯ୍ୟକ୍ରମ ଓ ବକ୍ତୃତା ପ୍ରତିଯୋଗିତା ଛାତ୍ରଛାତ୍ରୀ ମାନଙ୍କ ମଧରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ମାନ୍ୟବର ଜିଲ୍ଲା ଜଜ ଲୁନା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମ ରେ ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ ମହାପାତ୍ର ଯୋଗ ଦେଇ ଉପସ୍ଥିତ ଥିବା ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ ବହୁ ମୂଲ୍ୟ ଶିକ୍ଷଣୀୟ ଉପଦେଶ ଦେବା ସହିତ ଆଇନର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ବକ୍ତୃତା ପ୍ରତିଯୋଗିତା ରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। କାର୍ଯ୍ୟକ୍ରମ ରେ ପାନେଲ ଲୟାର ଗଦାଧର ଶତପଥୀ, ଆସିଷ୍ଟାଣ୍ଟ ଏଲଡିସିଓ ସ୍ୱାଶତ ନିର୍ମଳ ଦାସ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ରୁବିନା ପ୍ରଧାନ, ବରିଷ୍ଠ ଶିକ୍ଷକ ତପନ ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସ୍ୱିଧାନ ଦିବସ ଉପଲକ୍ଷେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବାଣୀଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପାରା ଲିଗାଲ ଭଲେଣ୍ଟର, ପ୍ରାଧିକରଣ କର୍ମଚାରୀ ମାନେ ସହଯୋଗ କରିଥିଲେ।

ଧର୍ମପ୍ରାଣା ମହିଳାଙ୍କ ପରଲୋକ

ପଟାମୁଣ୍ଡାଇ, ୨୬।୧୧(ସଂଚାର ବ୍ୟୁରୋ): ପଟାମୁଣ୍ଡାଇ ଅଞ୍ଚଳର ଜଣାଶୁଣା ଶ୍ରୀ ବିଜୟ କୁମାର ବର୍ମାଙ୍କ ଧର୍ମପତ୍ନୀ ସ୍ୱର୍ଗତା କ୍ଷିରୋଦବାଳା ବର୍ମାଙ୍କର ୮୫ ବର୍ଷ ବୟସରେ ତାଙ୍କ ନିଜ ପଟାମୁଣ୍ଡାଇ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଏ ଅଞ୍ଚଳରେ ଜଣେ ଧର୍ମପ୍ରାଣା, ପରୋପକାରୀ, ସ୍ନେହଶୀଳା ମହିଳା ଥିଲେ। ତାଙ୍କର ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ବିଜୟ ବର୍ମା, ଦେବର ସତ୍ୟପ୍ରିୟ ଦାସ, ପୁତ୍ର ରାଜେନ୍ଦ୍ର, ବ୍ରଜେନ୍ଦ୍ର, ରଞ୍ଜନ, ସଞ୍ଜୟ, ଜିତେନ୍ଦ୍ର, ଜ୍ଞାନେନ୍ଦ୍ର, ସରୋଜ, ଅଭିଳାଷ, ପୁତ୍ରବଧୁ ମାନେ, ବନ୍ଧୁ ପରିଜନ ମାନେ ତାଙ୍କ ମର ଶରୀର ପାଖରେ ଉପସ୍ଥିତ ଥିଲେ। ତାଙ୍କ ଶବାଧାର କୁ ବାଲିପଡ଼ା ସ୍ଥିତ ସ୍ମାର୍ଟ ପାର୍କମଧରେ ଥିବା ଶଶ୍ମାନରେ ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଥିଲା। ପୁଅ ବ୍ରଜେନ୍ଦ୍ର ମୁଖାଗ୍ନି ଅର୍ପଣ କରିଥିଲେ।

'ବନ୍ଦେ ମାତରଂ'ର ବର୍ଷ ପୂର୍ତ୍ତି ଉତ୍ସବ

ଜୟପୁର, ୨୬।୧୧(ସଂଚାର ବ୍ୟୁରୋ): ଜୟପୁର ନିର୍ବାଚନ ମଣ୍ଡଳୀ ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ବନ୍ଦେ ମାତରଂର ୧୫୦ ତମ ବର୍ଷ ପୂର୍ତ୍ତି ଉତ୍ସବ ସହ ଆତ୍ମନିର୍ଭର ଭାରତ ସମ୍ମିଳନୀ ଓ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି।

ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜୟପୁର ର ନେତା ଶ୍ରୀଯୁକ୍ତ ଗୌତମ ସାମନ୍ତରାୟ ଏବଂ ରାଧାଶ୍ୟାମ ପରିଡ଼ା ଦଳର ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ଯୋଗ ଦେଇଥିଲେ।

ବିଜେଡି ପଦଯାତ୍ର ଉଦଯାପିତ, ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୨୬।୧୧(ସଂଚାର ବ୍ୟୁରୋ): ରାଜ୍ୟ ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ନିର୍ଦ୍ଦେଶରେ ରାଜନଗର ନିର୍ବାଚନ ମଣ୍ଡଳୀରେ ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ବିଜେଡି ଜନସମ୍ପର୍କ ପଦଯାତ୍ରା ଆଜି ପଟ୍ଟାମୁଣ୍ଡାଇ ବ୍ଲକରେ ଉଦଯାପିତ ହୋଇଛି । ରାଜନଗର ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କଖାରୁଣୀ ପଂଚାୟତ ରୁ ପୂର୍ବାହ୍ନରେ ଆରମ୍ଭ ହୋଇଥିବା ବିଜେଡି ଜନସମ୍ପର୍କ ପଦଯାତ୍ରା କଖାରୁଣୀ ପୋଲ ଦେଇ ଖଡିଅଣ୍ଡା କାଠିଆପଡା ମୁଲୁଗାଇଁ ଦୋଷିଆ ଚନ୍ଦନନଗର ବନ୍ତୋ, ଅଧଯୋଡ଼ି ପରିକ୍ରମା କରିବା ପରେ ସଂସାରଫଳ ପଂଚାୟତ ଗୁଣ୍ଡି ଠାରେ ସମାପ୍ତ ହୋଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ୧୭ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ୧୮ନଂ ଜୋନ ଜିଲ୍ଲା ପରିଷଦ ପ୍ରତିନିଧି ସମୀର ମଲିକ ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ ଓ ସର୍ବେଶ୍ୱର ମହାନ୍ତି, ସାଧାରଣ ସମ୍ପାଦକ କଳାକାର ପ୍ରଧାନ, ବ୍ଲକ ଯୁବବିଜେଡି ସଭାପତି କୈଳାଶ ସିଂ, ମୃତ୍ୟୁଞ୍ଜୟ ପାଢ଼ୀ, ସନ୍ତୋଷ ଦାସ, ସୁଧାମୟ ମଲିକ ରୀନାରାଣୀ ମଲିକ, ପୂର୍ବତନ କାଉନସିଲର ଆଲୋକ ଧଳ ଯୁବ ନେତା ପ୍ରେମ ରଞ୍ଜନ ପଣ୍ଡା, ପ୍ରେମା ନନ୍ଦ ସେଠୀ, ଶଶିକାନ୍ତ ପଣ୍ଡା, ରାମ ଚନ୍ଦ୍ର ରାଉତ ନିକୁଞ୍ଜ ଦାଶ, ବାପି ସାମଲ, ପରମାନନ୍ଦ ପଲାଇ ମଳୟ ମଲିକ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ଓ ସ୍ଥାନୀୟ ଲୋକପ୍ରତିନିଧି ସାମିଲ ହୋଇ ବିଭିନ୍ନ ଅଂଚଳ ପରିଦର୍ଶନ କରିବା ସହିତ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ।

ଓଡ଼ିଶା ନାଟକ ଏକଡେମୀ ପୁରସ୍କାର

ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ) : ଓଡ଼ିଶା ନାଟକ ଏକଡେମୀ ପୁରସ୍କାର ଘୋଷଣା ହୋଇଛି । ୩ ବର୍ଷ ପାଇଁ ନାଁ ଘୋଷଣା କଲା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ, ଏକାଡେମୀ ପୁରସ୍କାର, ଉପାୟନ ଏବଂ କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ ପ୍ରମୁଖ ୪ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୩ ପାଇଁ ପ୍ରଣବ କିଶୋର ପଟ୍ଟନାୟକ ଓ ବାଦଲ ଶିକଦାରଙ୍କୁ ସମ୍ମାନ ମିଳିଛି। ୨୦୨୪ ପାଇଁ ବଂଶୀବଦକ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ ଓ ସୁଧାକର ସାହୁଙ୍କୁ ସମ୍ମାନ ମିଳିଛି। ୨୦୨୫ ପାଇଁ ଘନଶ୍ୟାମ ପଣ୍ଡା ଓ ଭାଗବତ ପ୍ରଧାନଙ୍କୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଛି। ସେହିଭଳି ୨୦୨୩ବର୍ଷ ପାଇଁ ନୃତ୍ୟ, ସଙ୍ଗୀତ, ଅଭିନୟ ଭଳି ବିଭିନ୍ନ ବର୍ଗରେ ୩୧ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୪ ପାଇଁ ୩୬ଜଣ ଏବଂ ୨୦୨୫ ପାଇଁ ୩୨ ଜଣଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି କବିଚନ୍ଦ୍ର କାଳିଚରଣ ଯୁବପ୍ରତିଭା ସମ୍ମାନ ୨୦୨୩ ପାଇଁ ସଙ୍ଗୀତ, ନୃତ୍ୟ, ନାଟକ ଓ ଲୋକକଳା ପାଇଁ ୯ଜଣଙ୍କୁ ସମ୍ମାନିତ କରାଯାଇଛି। ୨୦୨୪ ବର୍ଷ ପାଇଁ ୭ଜଣ ଏବଂ ୨୦୨୫ବର୍ଷ ପାଇଁ ୫ଜଣଙ୍କୁ କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ରାଜ୍ୟ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଦୁଗ୍ଧ ଉତ୍ପାଦନରେ ଏବେ ବି ଓଡ଼ିଶା ପଛୁଆ

- ଦୁଗ୍ଧ ଚାଷୀଙ୍କୁ ବୀମାଭୁକ୍ତ କରିଛି ଓମ୍‌ଫେଡ
- ବଜାରକୁ ଆସିଲା ଓମ୍‌ଫେଡ୍ ପାଣି ବୋତଲ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ଓୟୁଏଟିର କୃଷି ଶିକ୍ଷା ସଦନଠାରେ ଆଜି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ଜାତୀୟ ଦୁଗ୍ଧ ଦିବସ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଦେଶରେ ଶ୍ୱେତ ବିପ୍ଳବର ଜନକ ଡକ୍ଟର ଭର୍ଗିସ୍ କୁରିଏନଙ୍କ ଜନ୍ମଦିନକୁ ଜାତୀୟ ଦୁଗ୍ଧ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ମନ୍ତ୍ରୀ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥର ବ୍ୟବହାର ବୃଦ୍ଧି ଓ ରାଜ୍ୟରେ କିପରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବା ସହ ଗୋପାଳକଙ୍କ ଉନ୍ନତି ହେବ, ସେହି ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଉଛି ବୋଲି କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଦୁଗ୍ଧ ଉତ୍ପାଦନ ହେଉଛି ଏପରି ଏକ କ୍ଷେତ୍ର ଯେଉଁଥିରେ ରାଜ୍ୟର ଗ୍ରାମୀଣ ବିକାଶ ପାଇଁ ସାମର୍ଥ୍ୟ ରହିଛି। ଓଡ଼ିଶାରେ ଏବେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦିତ ହେଉଛି। ମୁଣ୍ଡପିଛା ଦୈନିକ ୩୦୦ ଗ୍ରାମ ଦୁଗ୍ଧ ଆବଶ୍ୟକ ଥିବା ସ୍ଥଳେ ଆମ ରାଜ୍ୟରେ ପ୍ରାୟ ୧୬୦ ଗ୍ରାମ ଦୁଗ୍ଧ ଉତ୍ପାଦିତ ହେଉଛି। ଏ କ୍ଷେତ୍ରରେ ଏବେ ବି ଓଡ଼ିଶା ଯଥେଷ୍ଟ ପଛରେ ରହିଥିବାରୁ ରାଜ୍ୟକୁ ଆହୁରି ଆଗକୁ ଯିବା ସକାଶେ ଯଥେଷ୍ଟ ଉଦ୍ୟମ କରିବାକୁ ପଡ଼ିବ। ପୂର୍ବରୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉନ୍ନତି ସକାଶେ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିଲା। କିନ୍ତୁ ଏବେ ସେ ଯୁଗ ଶେଷ ହୋଇଛି। ରାଜ୍ୟ ସରକାର ଗୋପାଳନକୁ ପ୍ରାଧାନ୍ୟ ଦେଇ ନୂଆ କରି ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା। ଏହା ମାଧ୍ୟମରେ ଆଗାମୀ ୫ ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇ ଗୁଣ କରିବାର ଲକ୍ଷ୍ୟ ରହିଛି। ଗାଈ ଓ ମଇଁଷି ପାଳନ ପାଇଁ ଯୋଜନାରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି। ଯୋଜନାରେ ଅଦ୍ୟାବଧି ସାଢ଼େ ୪ ଲକ୍ଷ ହିତାଧିକାରୀ ପ୍ରାୟ ୨୦୦ କୋଟି ଟଙ୍କାର ଅନୁଦାନ ରାଶି ପାଇସାରିଛନ୍ତି। ଅଦ୍ୟାବଧି ଏହି ଯୋଜନା ଅଧିନରେ ୮ ହଜାରରୁ ଉର୍ଦ୍ଧ୍ୱ ଗାଈ ଓ ମଇଁଷି ଗୋପାଳକମାନେ ବାହାର ରାଜ୍ୟରୁ କିଣିସାରିଲେଣି। ରାଜ୍ୟର ଗୋପାଳକମାନେ ଯୋଜନାରେ ଏବେ ସଶକ୍ତ ହୋଇପାରୁଛନ୍ତି, ଯାହାକି ଅତ୍ୟନ୍ତ ଖୁସିର ବିଷୟ ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ଆଜି ଜାତୀୟ ଦୁଗ୍ଧ ଦିବସ ଅବସରରେ ଓମ୍‌ଫେଡ୍ ତା'ର ବିଭିନ୍ନ ଉତ୍ପାଦର ଶୁଭାରମ୍ଭ କରିଛି। ଆଜିଠାରୁ ଓମ୍‌ଫେଡ୍ ଓଡ଼ିଶା ବଜାରରେ ପିଇବା ପାଣି ବୋତଲ ଲଞ୍ଚ୍ କରିଛି। ଏହାଛଡ଼ା ଟେଟ୍ରା ପ୍ୟାକ୍ ଲସି, ଚକୋଲେଟ୍ ମିଲ୍କ ସେକ୍ ଓ ପ୍ରୋଟିନ ୟୋଗର୍ଟ ଆଦିର ମଧ୍ୟ ଆଜି ବଜାର ପ୍ରବେଶ ହୋଇଛି। ଓମ୍‌ଫେଡ୍ ଏବେ ଚାଷୀଙ୍କ ପରିବାରକୁ ସୁରକ୍ଷା ଦେବା ସକାଶେ ଚାଷୀମାନଙ୍କର ଜୀବନ ବୀମା କରିଛି। ଘରର ମୁଖିଆ ବା ଦୁଗ୍ଧ ଉତ୍ପାଦକଙ୍କର ଦୁର୍ଘଟଣାଜନିତ ମୃତ୍ୟୁ ହେଲେ, ତାଙ୍କ ପରିବାରକୁ ଏକ ଲକ୍ଷ ଟଙ୍କାର ଜୀବନ ବୀମା ପଲିସି କରାଯାଇଛି।

ଆଜିର କାର୍ଯ୍ୟକ୍ରମରେ ୨୫ ଜଣ ଗୋପାଳକଙ୍କୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯିବା ସହ ୩ ଜଣ ଉଦ୍ୟୋଗୀଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ରିହାତି ରାଶି ପ୍ରଦାନ କରାଯାଇଛି। ଏହାଛଡ଼ା ରାଜ୍ୟର ୮୩ଟି ପଞ୍ଜିକୃତ ଗୋଶାଳାକୁ ବୁଲା ଓ ଅସହାୟ ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ୧୧ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ଆହୁରି ରାଜ୍ୟର ୨୪ଟି ପୌରସଂସ୍ଥାକୁ ବୁଲା ପ୍ରାଣୀଙ୍କ ଉଦ୍ଧାର ପାଇଁ ଆବଶ୍ୟକ ଗାଡ଼ି କିଣିବା ସକାଶେ ୬ କୋଟି ଟଙ୍କା ପ୍ରଦାନ କରାଯାଇଛି।

ରାଜ୍ୟର ପ୍ରତି ବ୍ଲକ୍‌ରେ ଆନ୍ଦୋଳନ କରିବ କଂଗ୍ରେସ: ଭକ୍ତ

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ) : ସ୍ଥାନୀୟ ଉତ୍କଳ ମଣ୍ଡପ ପରିସରରେ ଭାରତ ଯୋଡ଼ ଅଭିଯାନ ପକ୍ଷରୁ ଭାରତୀୟ ସମ୍ବିଧାନର ୭୬ତମ ପ୍ରଣୟନ ଦିବସ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀରେ ଯୋଗଦେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ରାଷ୍ଟ୍ରୀୟ ନେତୃତ୍ୱ ତଥା ବିଶିଷ୍ଟ ସମାଜବାଦୀ ନେତା ଡ. ସୁନୀଲ କହିଛନ୍ତି ଯେ ଭାରତୀୟ ସମ୍ବିଧାନ ସ୍ୱାଧୀନତା ଆନ୍ଦୋଳନର ଫଳଶ୍ରୁତି। ମହାତ୍ମା ଗାନ୍ଧି, ବାବା ସାହେବ ଭୀମରାଓ ଆମ୍ବେଦକର, ପଣ୍ଡିତ ଜବାହରଲାଲ ନେହରୁ ଆଦି ରାଷ୍ଟ୍ରୀୟ ନେତୃମଣ୍ଡଳୀ ଦୀର୍ଘ ବର୍ଷର ସ୍ୱାଧୀନତା ସଂଗ୍ରାମ କାଳରେ ଯେଉଁସବୁ ବିଷମତା ବିରୋଧରେ ଲଢୁଥିଲେ, ସେସବୁର ରକ୍ଷା ନିମନ୍ତେ ଆମ ସମ୍ବିଧାନ ନିଜକୁ ଉତ୍ତରଦାୟୀ କରି ପ୍ରଣୀତ ହୋଇଛି। ତେବେ ଦେଶରେ ରହିଥିବା ଫାଶୀବାଦୀ ନେତୃତ୍ୱ ଆମ ସମ୍ବିଧାନକୁ ବଦଳେଇଦେବା ନିମନ୍ତେ ଅହରହ ପ୍ରୟାସ ଜାରି ରଖିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ କହିଛନ୍ତି ଯେ ଓଡ଼ିଶାରେ ଜନସଂଖ୍ୟାର ୯୪ ପ୍ରତିଶତ ହେଉଛନ୍ତି ଦଳିତ, ଆଦିବାସୀ ତଥା ପଛୁଆବର୍ଗର। ଭାରତୀୟ ସମ୍ବିଧାନରେ ଏସମସ୍ତ ଜନଗଣଙ୍କୁ ଅଧିକାର ମିଳିବା ନିମନ୍ତେ ବ୍ୟବସ୍ଥା ଥିଲେ ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାର ଏହି ପଛୁଆ ବର୍ଗର ଅଧିକାର କ୍ଷୁଣ୍ଣ କରିବା ନିମନ୍ତେ ଗଳା ବାଟ ଦେଇ ନୀତି ବଦଳାଇବାରେ ଲାଗିଛନ୍ତି। ରାଜ୍ୟ କଂଗ୍ରେସ ସମ୍ବିଧାନ ବଞ୍ଚାଇବା ନିମନ୍ତେ ରାଜ୍ୟର ପ୍ରତି ବ୍ଲକରେ ଆନ୍ଦୋଳନ କରିବ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ସମ୍ବିଧାନ ପ୍ରଣୟନ ସଭାରେ ଯେତେବେଳେ ପ୍ରତି ମଣିଷକୁ ଅଧିକାର ଦେବା ନିମନ୍ତେ କଂଗ୍ରେସ ଚର୍ଚ୍ଚା ଆଲୋଚନା କରୁଥିଲା, ସେତେବେଳେ ହିନ୍ଦୁ ମହାସଭା ଓ ଆରଏସଏସ ଭଳି ସଂଗଠନମାନେ ଗଣତନ୍ତ୍ର, ସମ୍ବିଧାନ, ସର୍ବଧର୍ମ ସମଭାବ ତଥା ଭାଇଚାରା ବିଚାରକୁ ବିରୋଧ କରି ସାଧାରଣ ଲୋକଙ୍କୁ ପୁଣି ଅନ୍ଧକାର ଗହ୍ୱର ଭିତରକୁ ଠେଲିଦେବାକୁ ପ୍ରୟାସ ଚଳାଇଥିଲା। ଭାରତ ଯୋଡ଼ ଅଭିଯାନର ରାଷ୍ଟ୍ରୀୟ ସମ୍ପାଦକ ଡାକ୍ତର ବିଶ୍ୱଜିତଙ୍କ ସଂଯୋଜନାରେ ବରିଷ୍ଠ ସାମ୍ବାଦିକ ରବି ଦାଶ, ସିପିଆଇଏମର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସର୍ବୋଦୟ ନେତା ସେକ ନାସିର ବକ୍ସ, ଜୟଦେବ ଜେନା, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ଅଜୟା ପାଶ୍ୱାନ, ଶିବାନନ୍ଦ ରାୟ, ସୁଧାଂଶୁ ଶେଖର ଦେଓ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଯୁବ ଗାନ୍ଧିବାଦୀ ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଦେଇଥିଲେ।

ଓଡ଼ିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ) : ଆଜି ପୂର୍ବାହ୍ନ ଓଡିଶା ବିଧାନସଭାରେ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଶାସକ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ରଞ୍ଜନ ଏକ୍କା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଉପସ୍ଥିତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସ ପ୍ରସ୍ତାବନା ପାଠ କରାଇଥିଲେ।

ହ୍ୟୁମାନ ସାଗରଙ୍କ ମୃତ୍ୟୁ ପାଇଁ କିଏ ଦାୟୀ ?

ତଦନ୍ତ ଦାବି କରି ମଧୁପାଟଣା ଥାନାରେ ଏତଲା ଦେଲେ ନିର୍ଦ୍ଦେଶକ ଜିତୁ ରାଉତ

କଟକ, ୨୬।୧୧ (ସଂଚାର ବ୍ୟୁରୋ) : କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ଘଟଣା। ପ୍ରମୁଖ ତିନି ସହଯୋଗୀଙ୍କ ଭୂମିକାକୁ ତଦନ୍ତ କରି ସତ ସାମ୍ନାକୁ ଆଣିବାକୁ ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ କଲେ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜିତୁ ରାଉତ। ହ୍ୟୁମାନଙ୍କ ଆର୍ଥିକ କାରବାର, ଚିକିତ୍ସା ଓ ସେବାରେ ଅବହେଳା ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏତଲାରେ କଣ୍ଠଶିଳ୍ପୀ ଅର୍ପିତା, ହ୍ୟୁମାନଙ୍କ ମ୍ୟାନେଜର ପ୍ରଶାନ୍ତ ଓ ଦିନେଶଙ୍କ ନାଁ ଉଲ୍ଲେଖ କରାଯାଇଛି। ହ୍ୟୁମାନ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରିଛନ୍ତି ନିର୍ଦ୍ଦେଶକ ଜିତୁ ରାଉତ। ତାଙ୍କ ସହ ଅନ୍ୟ କଳାକାର ମାନେ ମଧ୍ୟ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ନିର୍ଦ୍ଦେଶକ ଜିତୁ ରାଉତ ଅଭିଯୋଗ କରିଛନ୍ତି ଯେ, ହ୍ୟୁମାନ ରୋଜଗାର କରିଥିବା ବିପୁଳ ଟଙ୍କା ହେରଫେର ହୋଇଛି। ମ୍ୟାନେଜର ଓ ଟିମ୍ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିଛନ୍ତି। ସେପଟେ ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ହାଇକୋର୍ଟ ବାର୍ ଆସୋସିଏସନର ଯୁଗ୍ମ ସମ୍ପାଦିକା ଆଇନଜୀବୀ ପଦ୍ମାଳୟା ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ ଦାବି କରିଛନ୍ତି। ଜନସାଧାରଣ ଉଦ୍ଦେଶ୍ୟରେ ଏକ ସ୍ୱଚ୍ଛ ରିପୋର୍ଟ ଉପସ୍ଥାପିତ କରାଯାଉ ବୋଲି ଆଇନଜୀବୀ କହିଛନ୍ତି। ଅପର ପକ୍ଷରେ ବଲାଙ୍ଗିର ଖ୍ରୀଷ୍ଟିଆନ ସୋସାଇଟି ଓ ତାଙ୍କ ପରିବାର ସଦସ୍ୟ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହ୍ୟୁମାନ ସାଗରଙ୍କ ମୃତ୍ୟୁ ସାଧାରଣ ମୃତ୍ୟୁ ନୁହେଁ। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏହାର ଉପଯୁକ୍ତ ତଦନ୍ତ ହେଉ ନଚେତ୍ ଆଗକୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

ଖଣି ଚୋରିରେ ପଡ଼ିବ ପୂର୍ଣ୍ଣଚ୍ଛେଦ

ମାଫିଆଙ୍କ ମୂଳପୋଛ ଯାଏଁ ଜାରି ରହିବ ଆକ୍ସନ୍

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ସାବାଡ଼ ହେବେ ଲଘୁ ଖଣିଜ ଚୋର। ନିଶ୍ଚିହ୍ନ ହେବେ ବାଲି ମାଫିଆ। ଖଣି ଚୋରିରେ ପଡ଼ିବ ପୂର୍ଣ୍ଣଚ୍ଛେଦ। ମାଫିଆଙ୍କ ମୂଳପୋଛ ନହେବା ଯାଏଁ ସରକାର ଜାରି ରଖିବେ ଆକ୍ସନ୍। ଆଜି ଏଭଳି ଚରମ ବାଣୀ ଶୁଣାଇଛନ୍ତି ଖଣି ମନ୍ତ୍ରୀ ବିଭୂତି ଜେନା। ଖଣି ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗାଡି ଜବତ କରାଯାଇଛି। ବାଲି ମାଫିଆଙ୍କୁ ଦମନ କରିବା ପାଇଁ ତହସିଲଦାର, ଉପଜିଲ୍ଲାପାଳ ଓ ଜିଲ୍ଲାପାଳ ଓ ପୁଲିସ ପ୍ରଶାସନ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସମ୍ପତ୍ତି ଜନସାଧାରଣଙ୍କର। ଯାହାକୁ ଲୁଟ୍ ହେବାକୁ ସରକାର ଦେବେ ନାହିଁ। ବେତନଟୀ ଥାନାରେ ଗୋଟେ ଅଘଟଣ ଘଟିଛି। ସେଥିପାଇଁ କେସ୍ କରାଯାଇଛି। ତିନି ଜଣଙ୍କୁ ଗିରଫ କରାଯାଇଛି। ଆଉ ଯେଉଁମାନେ ସମ୍ପୃକ୍ତ ସମସ୍ତଙ୍କୁ ଦମନ କରାଯିବ। ରାସଗୋବିନ୍ଦପୁରରେ ବି ପୂର୍ବରୁ ଗୋଟେ ଘଟଣା ଘଟିଥିଲା। ସବୁ କେସ୍‌ରେ ରାଜ୍ୟ ସରକାରଙ୍କ ତୁରନ୍ତ ଆକ୍ସନ ନେଇଛନ୍ତି। ବାଲି ମାଫିଆ ଯଦି ଭାବୁଛନ୍ତି ଆମେ ସରକାରଙ୍କୁ ଡରେଇଦେବୁ ତାହା ସେମାନଙ୍କ ଭ୍ରାନ୍ତ ଧାରଣା। କେହି ବି ସରକାରଙ୍କ ନଜରରୁ ବର୍ତ୍ତିପାରିବେ ନାହିଁ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଆଗକୁ ଆହୁରି ବଡ଼ ଧରଣର ଆକ୍ସନ ହେବ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାରତୀୟ ସମ୍ବିଧାନ ଦିବସ

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାରତୀୟ ସମ୍ବିଧାନ ଦିବସ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତୀୟ ସମ୍ବିଧାନକୁ ଆମ ଦେଶର ଆଦର୍ଶ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତୀକ ଭାବେ ଅଭିହିତ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ଭାରତୀୟ ସମ୍ବିଧାନ ଏକ ଦୀର୍ଘ, ବିସ୍ତୃତ ଓ ସବିଶେଷ ଲିଖିତ ଆଇନ ଭାବେ ସମଗ୍ର ପୃଥିବୀରେ ନିଜର ଅନନ୍ୟତା ବଜାୟ ରଖିଛି । ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ସମ୍ବିଧାନ ଦିବସର ପ୍ରାସଙ୍ଗିକତା ସଂପର୍କରେ ଆଲୋଚନା କରିଥିଲେ । 'ଆମ ସମ୍ବିଧାନ-ଆମ ସ୍ୱାଭିମାନ' ଶୀର୍ଷକ ଆଲୋଚନାଚକ୍ରରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଭାରତୀୟ ସମ୍ବିଧାନର ବିଶେଷତ୍ୱ ସଂପର୍କରେ ତଥ୍ୟ ପ୍ରଦାନ କରିଥିଲେ ।

ମୁମ୍ବାଇ ଆକ୍ରମଣକୁ ୧୭ ବର୍ଷ

ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୧୧(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ୨୬/୧୧ ମୁମ୍ବାଇ ଆକ୍ରମଣକୁ ଆଜି ୧୭ ବର୍ଷ ପୂରିଥିବାବେଳେ, ଏହି ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ନିର୍ଦ୍ଦୋଷ ନାଗରିକଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଏହି ଦୁର୍ଭାଗ୍ୟଜନକ ଘଟଣାରେ ନିଜର କର୍ତ୍ତବ୍ୟ ପାଳନ କରି ସହିଦ ହୋଇଥିବା ଭାରତ ମାତାର ସମସ୍ତ ସାହସୀ ପୁତ୍ରମାନଙ୍କୁ ହୃଦୟର ସହିତ ପ୍ରଣାମ। ମୁମ୍ବାଇ ଆକ୍ରମଣ ସମୟ ବିତିଥିଲେ ବି କ୍ଷତ ଶୁଖିନି। ଏହି ଆତଙ୍କବାଦୀ ଆକ୍ରମଣରେ ୧୬୬ ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ୩୦୮ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ। ପାକିସ୍ତାନ ପ୍ରାୟୋଜିତ ଆତଙ୍କୀ ସଂଗଠନ ଲସ୍କର-ଇ-ତୋଇବାର ୧୦ ଜଣ ଆତଙ୍କବାଦୀ ସେଦିନ ମୁମ୍ବାଇ ରେଳ ଷ୍ଟେସନଠାରୁ ଆରମ୍ଭ କରି ନରିମନ ହାଉସ, ହୋଟେଲ ଓବରଏ, ହୋଟେଲ୍ ତାଜ ପ୍ୟାଲେସ, ଲିଓପୋଲଡ କାଫେରେ ରାତିସାରା ଚଲାଇଥିଲେ ସଂହାରଲୀଳା। ଆଜି ବି ସେଇ ଲୋମହର୍ଷଣକାରୀ ଘଟଣା ମନେ ପଡ଼ିଲେ ପ୍ରତିଟି ଭାରତୀୟଙ୍କ ଲୋମ ଟାଙ୍କୁରି ଉଠୁଛି। ଇତିମଧ୍ୟରେ ଘଟଣାକୁ ବିତିଲାଣି ୧୭ ବର୍ଷ। ଏହି ଆତଙ୍କବାଦୀମାନଙ୍କୁ ସମୂଳେ ନିପାତ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ଲାଗିଥିଲା ୪ ଦିନ। ଶେଷରେ ୨୯ ନଭେମ୍ବର ୨୦୦୮ରେ ଶେଷ ହୋଇଥିଲା ଅପରେସନ୍ ବ୍ଲାକ ଟର୍ଣ୍ଣାଡୋ। ଏହାପରେ କସାବକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଆଉ ୨୬/୧୧ରେ ଯାହା ଘଟିଲା, ତାହା ସବୁଦିନ ପାଇଁ ଭାରତ ଇତିହାସରେ ଏକ କଳାଦିନ ହୋଇ ରହିଗଲା।

ନିର୍ମଳ ଷଡ଼ଙ୍ଗୀଙ୍କ ବିୟୋଗରେ ବିଜେପିର ଶୋକ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ସ୍ୱଦେଶୀ ଆନ୍ଦୋଳନର ଜଣେ ପ୍ରଖର ଯୋଦ୍ଧା, ଛାତ୍ର ସଂଗଠନ ଏବିଭିପିର ପୂର୍ବତନ ପ୍ରଦେଶ ସଂଗଠନ ମନ୍ତ୍ରୀ ତଥା ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରଦେଶ ସଂଯୋଜକ ନିର୍ମଳ ଷଡ଼ଙ୍ଗୀଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ପରଲୋକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ନିର୍ମଳ ଜଣେ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ସୁସଂଗଠକ, ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ଜନସାଧାରଣଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ତାଙ୍କ ପରଲୋକରେ ଦଳ ସ୍ୱଦେଶୀ ଆନ୍ଦୋଳନର ଜଣେ ପ୍ରଖର ଯୋଦ୍ଧାଙ୍କୁ ହରାଇଛି ବୋଲି ଶ୍ରୀ ସାମଲ କହିବା ସହ ନିର୍ମଳଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ସେ ଏଭଳି ଏକ ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି କହିଛନ୍ତି।

ପୁରୀ ପୁଲିସ୍‌ର ଅପରେସନ ଚକ୍ର

୩ ମାସରେ ୧୪୨ ନାବାଳିକା ଓ ଯୁବତୀ ଉଦ୍ଧାର

ପୁରୀ,୨୬।୧୧(ସଂଚାର ବ୍ୟୁରୋ): ପୁରୀ ପୁଲିସ ପକ୍ଷରୁ ଚାଲିଥିବା 'ଅପରେସନ ଚକ୍ର' ଅଭିଯାନରେ ଜିଲ୍ଲାରେ ହଜିଥିବା ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କରାଯିବାରେ ଉଲ୍ଲେଖନୀୟ ସଫଳତା ମିଳିଛି। ଗତ ୩ ମାସରେ ୧୪୨ ଜଣ ନାବାଳିକା ଓ ଯୁବତୀ ଉଦ୍ଧାର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୬୨ ଜଣ ନାବାଳିକା ଓ ୮୦ ଜଣ ଯୁବତୀ ଅଛନ୍ତି। ପୁରୀ ଏସପି ପ୍ରତୀକ ସିଂ ସମଗ୍ର ପୁରୀ ଜିଲ୍ଲାରେ ଅପରେସନ ଚକ୍ର ଅଭିଯାନ ଆରମ୍ଭ କରିଛନ୍ତି। ପ୍ରତ୍ୟେକ ନିଖୋଜ ନାବାଳିକା ଓ ଯୁବତୀଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ସକାଶେ ସେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଥାନାକୁ ମିସିଂ କେସ୍ ଟ୍ରାକିଂ, ଚଢ଼ାଉ, ଇଣ୍ଟରସେପ୍ସନ, ଟେକ୍ନିକାଲ ଆନାଲିସିସ ଓ ଇଣ୍ଟରଷ୍ଟେଟ୍ କୋର୍ଡିନେସନ ଉପରେ ଜୋର ଦେବାକୁ ଶ୍ରୀ ସିଂ ପରାମର୍ଶ ଦେଇଛନ୍ତି। ଏହି ଅପରେସନ୍‌ରେ ଆଜି ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ବ୍ରହ୍ମଗିରି, ନିମାପଡ଼ା ଓ କାକଟପୁର ଥାନା ପୁଲିସ୍ ୩ ନାବାଳିକା ଉଦ୍ଧାର କରିଥିବା ବେଳେ ସତ୍ୟବାଦୀ ଥାନା ପୁଲିସ୍ ଜଣେ ଯୁବତୀଙ୍କୁ ଉଦ୍ଧାର କରିଛି।

ଭଗବାନ ଏବେ ବେସାହାରା

- ଡକାଡକି ହୋଇ ଚାଲିଗଲେ ବାପା-ମା'
- ସରକାରୀ ସାହାଯ୍ୟକୁ ଅପେକ୍ଷା



କେନ୍ଦୁଝର,୨୬।୧୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ ଘୁଙ୍ଗି ଗାଁର ବାପ-ମା' ଛେଉଣ୍ଡ ଆଦିବାସୀ ପିଲା ଭଗବାନ ବେସାହାରା। ଏବେ କେବଳ ସରକାରୀ ସାହାଯ୍ୟ ଭରସା। ଘୁଙ୍ଗି ଗାଁରେ ଶ୍ୟାମ ଜୁଆଙ୍ଗଙ୍କ ଘର। ସ୍ତ୍ରୀ ଓ ଦୁଇ ପିଲାଙ୍କୁ ନେଇ ବେଶ୍ ହସଖୁସିରେ ଚାଲିଥିଲା ତାଙ୍କ ପରିବାର। ଶ୍ୟାମ ଏକ ଆଦିମ ଜନଜାତି ଜୁଆଙ୍ଗ ବର୍ଗର ହୋଇଥିବା ବେଳେ ଝିଅ ଲବଙ୍ଗର ବାହାଘର ହୋଇସାରିଛି। ପୁଅ ଭଗବାନକୁ ନେଇ ଚାଲିଥିଲା ତାଙ୍କ ଦୁଃଖସୁଖରେ ସଂସାର। କିନ୍ତୁ ୨୦୨୦ରେ ଏହି ପରିବାର ଉପରେ ଅଚାନକ ଚଡ଼କ ପଡ଼ିଥିଲା। ରୋଗରେ ପଡ଼ି ଶ୍ୟାମଙ୍କ ମୃତ୍ୟୁ ଘଟିବା ଫଳରେ ପରିବାରଟି ରୋଜଗାରଶୂନ୍ୟ ହୋଇପଡ଼ିଲା। ଏହାପରେ ଚଳିତ ବର୍ଷ ସ୍ତ୍ରୀ କାନ୍ଦିରି ବି ଆଉ ପାରିକି ଚାଲିଯାଇଛନ୍ତି। ବାପା-ମା'ଙ୍କୁ ହରାଇ ଭଗବାନ ଏବେ ନିରାଶ୍ରୟ। ତା'ର ଦେଖାଶୁଣା କରିବାକୁ କେହି ନାହିଁ। ଭାତ ଗଣ୍ଡାଏ ଫୁଟାଇ ଦେବାକୁ ବି ତାକୁ ପଡ଼ିଶା ଘର ଉପରେ ନିର୍ଭର କରୁଛି। କାରଣ ମୃତ୍ୟୁ ପୂର୍ବରୁ ଶ୍ୟାମ ପରିବାର ପାଇଁ କିଛି ବି ରଖିନଥିଲେ। ନା ଥିଲା ଚାଷଜମି ନା କିଛି ସଞ୍ଚିତ ଅର୍ଥ। ତାଙ୍କ ପରିବାର ଯଥେଷ୍ଟ ଦୁଃଖକଷ୍ଟରେ ଚଳୁଥିଲା। ଏପରି ସ୍ଥିତିରେ ଶ୍ୟାମ କ'ଣ ବା ବଞ୍ଚାଇପାରିଥାନ୍ତେ। ଏବେ ଭଗବାନ ରୋଜଗାରହୀନ ହୋଇଥିବାରୁ ଗଣ୍ଡେ ଖାଇବାକୁ ବି ପାଉନି ସେ। ଶ୍ୟାମଙ୍କ ମୃତ୍ୟୁ ବେଳକୁ ତାକୁ ମାତ୍ର ୧୩ ବର୍ଷ ବୟସ ହୋଇଥିଲା। ସେତେବେଳେ ବିଧବା ମା' ଓ ଭଗବାନଙ୍କୁ କିଛି ବି ସରକାରୀ ସହାୟତା ମିଳିନଥିଲା। ଏବେ ସରକାରୀ ସହାୟତା ବାବଦରେ କେବଳ ଭଗବାନଙ୍କୁ ମିଳୁଛି କେଇ କିଲୋ ଚାଉଳ। ଏହି ଚାଉଳ ଗଣ୍ଡାକ ପଡ଼ିଶା ଘର ରୋଷେଇ କରିଦେଲେ ଭଗବାନ ଖାଏ ଆଉ ସରକାରଙ୍କ ପକ୍ଷରୁ ମିଳିଥିବା ଘରେ ରହୁଛି। କିନ୍ତୁ ତା' ପାଇଁ ଚଉଦିଗ ଅନ୍ଧାର। ଏପରି ସ୍ଥିତିରେ ଜୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ନିତ୍ୟାନନ୍ଦପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ଭଗବାନକୁ ସହାୟତା ଯୋଗାଇଦେବା ସକାଶେ ସରକାରଙ୍କୁ ନିବେଦନ କରାଯାଇଛି। ବିଶେଷକରି ଘୁଙ୍ଗି ଗାଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନମଣ୍ଡଳୀରେ ଥିବାରୁ ଲୋକଙ୍କ ମୁଖ୍ୟମନ୍ତ୍ରୀ ଟ୍ୟାଗ୍ ପାଇଥିବା ଶ୍ରୀ ମାଝୀ ନିଶ୍ଚିତ ଭାବେ ଭଗବାନର ଦୁଃଖ ବୁଝିବେ ବୋଲି 'ଆଶା' ଉମ୍ବ୍ରଧର ଘଣା ଆଶା କରିଛନ୍ତି।

୪ ଶ୍ରମ କୋଡ୍ ପ୍ରତ୍ୟାଖ୍ୟାନ ଦିବସ

କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ବିକ୍ଷୋଭ

କଟକ,୨୬।୧୧(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆଜି ସର୍ବଭାରତୀୟ ଡାକରାରେ ୪ଟି ଶ୍ରମ କୋଡ୍ ପ୍ରତ୍ୟାଖ୍ୟାନ ଦିବସ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶ୍ରମିକବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୧୦ ଘଣ୍ଟାକୁ ବଢ଼ାଇବା ବନ୍ଦ କରିବା, ମହିଳା ଶ୍ରମିକଙ୍କ ରାତ୍ରିକାଳୀନ ଡ୍ୟୁଟି ଉପରେ ଥିବା କଟକଣା ହଟାଇବା ବନ୍ଦ କରିବା, କୃଷକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସ୍ୱାମୀନାଥନ କମିଶନ୍‌ଙ୍କ ସୁପାରିସ୍ କାର୍ଯ୍ୟକାରୀ କରି ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ଗ୍ୟାରେଣ୍ଟି ଆଇନ୍ ପ୍ରଣୟନ, ମନରେଗା ଯୋଜନାରେ ବର୍ଷକୁ ୨୦୦ ଦିନ କାମ ଓ ଦୈନିକ ୬୦୦ ଟଙ୍କା ମଜୁରୀ ଗ୍ୟାରେଣ୍ଟି, ସହରାଞ୍ଚଳରେ ଅନୁରୂପ ଯୋଜନା କାର୍ଯ୍ୟକାରୀ କରିବା, ଠିକା ଓ ସ୍କିମ୍ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶ୍ରମିକବିରୋଧୀ ୪ଟି ଶ୍ରମ କୋଡ୍‌ର ଏକ ନକଲ ପ୍ରତିବାଦକାରୀମାନେ ବିକ୍ଷୋଭସ୍ଥଳରେ ପୋଡ଼ିଥିଲେ।

ଶିକ୍ଷା ନାଁରେ ଚାଲିଛି ବ୍ୟବସାୟ

- ଘରୋଇ ସ୍କୁଲକୁ ଏନ୍‌ଓସି ଦେବାରେ ବ୍ୟାପକ ଜାଲିଆତି
- ଗଣଶିକ୍ଷା ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲା ମାନବାଧିକାର ସାମ୍ମୁଖ୍ୟ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ରାଜ୍ୟରେ ବେସରକାରୀ ବିଦ୍ୟାଳୟକୁ ମାଧ୍ୟମିକ ଶିକ୍ଷା ପ୍ରଦାନ ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଦିଆଯାଉଥିବା ଏନ୍‌ଓସିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ରାଷ୍ଟ୍ରୀୟ ମାନବାଧିକାର ସାମ୍ମୁଖ୍ୟ ପକ୍ଷରୁ ଏ ସଂକ୍ରାନ୍ତରେ ଆବଶ୍ୟକ ତଥ୍ୟ ପ୍ରମାଣ ସହ ଗଣଶିକ୍ଷା ସଚିବଙ୍କୁ ଅଭିଯୋଗପତ୍ର ଦାଖଲ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ ଓ ଆବାହକ ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟରେ ବେସରକାରୀ ବିଦ୍ୟାଳୟ ଖୋଲି ଶିକ୍ଷାଦାନ ନିମନ୍ତେ ୩ଟି ପର୍ଯ୍ୟାୟରେ ବିଭିନ୍ନ ନୀତିନିୟମ ପାଳନ ସର୍ତ୍ତରେ ଅନୁମତି ପ୍ରଦାନ କରାଯାଉଛି। ପ୍ରଥମେ ବିଦ୍ୟାଳୟ ଖୋଲିବା ପାଇଁ ବିଭାଗୀୟ ଅନୁମତି, ଦ୍ୱିତୀୟରେ ପ୍ରାଥମିକ ଶିକ୍ଷାଦାନ ପାଇଁ ଅନୁମତି (ସିଓଆର) ଓ ତୃତୀୟରେ ମାଧ୍ୟମିକ ଶିକ୍ଷା ଅର୍ଥାତ୍ ନବମ ଦଶମ ଶ୍ରେଣୀ ଶିକ୍ଷା ପ୍ରଦାନ ନିମନ୍ତେ ଏନ୍‌ଓସି ଆବଶ୍ୟକ। ଏହାର ବୈଧତା ଏକ ବର୍ଷ ଏବଂ ପ୍ରତ୍ୟେକ ବର୍ଷ ଏହାର ନବୀକରଣ ଜରୁରୀ। ବିଭାଗୀୟ ତଥ୍ୟ ଅନୁଯାୟୀ, କେବଳ ଖୋର୍ଦ୍ଧା ଜିଲ୍ଲାରେ ପାଖାପାଖି ୪୦୦ ପ୍ରାଥମିକ ଶିକ୍ଷାଦାନ ପାଇଁ ବେସରକାରୀ ବିଦ୍ୟାଳୟ ଚାଲୁଥିଲେ ହେଁ ସେଥି ମଧ୍ୟରୁ ମାତ୍ର ୬୦ଟି ବିଦ୍ୟାଳୟକୁ ଏନ୍‌ଓସି ଦିଆଯାଇଛି। ଏନ୍‌ଓସି ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଯେଉଁ ୩ଟି ସର୍ତ୍ତାବଳୀ ଧାର୍ଯ୍ୟ କରାଯାଇଛି ସେଥିରୁ ପ୍ରମୁଖ ସର୍ତ୍ତାବଳୀ ହେଉଛି ଓଡ଼ିଶା ଗେଜେଟ୍, ଅତିରିକ୍ତ ସଂକଳ୍ପ ସଂ-୨୯୫୧୯, ୨୬ ସେପ୍ଟେମ୍ବର ୧୯୯୮ ଅନୁଯାୟୀ ସହରାଞ୍ଚଳରେ ବିଦ୍ୟାଳୟ ନିମନ୍ତେ ଅନ୍ୟୁନ ୧ ଏକର ନିଜସ୍ୱ ଜାଗା ଥିବା ଜରୁରୀ। ଏହି ସର୍ତ୍ତାବଳୀ ଅନୁଯାୟୀ ପ୍ରାଥମିକ ସ୍ତରୀୟ ସିଓଆରପ୍ରାପ୍ତ ବିଦ୍ୟାଳୟ ଅନୁପାତରେ ମାଧ୍ୟମିକ ଶିକ୍ଷା ନିମନ୍ତେ ପ୍ରଦାନ କରାଯାଉଥିବା ଏନ୍‌ଓସିପ୍ରାପ୍ତ ବିଦ୍ୟାଳୟ ସଂଖ୍ୟା ଯଥେଷ୍ଟ କମ୍।

ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ, ଖଣ୍ଡଗିରିଠାରୁ ଆରମ୍ଭ କରି କେଦାରଗୌରୀ ପର୍ଯ୍ୟନ୍ତ ଅନେକ ଘରୋଇ ସ୍କୁଲ ଦୀର୍ଘଦିନ ଧରି ଭଡ଼ାଘରେ ଚାଲିଥିବା ସତ୍ତ୍ୱେ ତଞ୍ଚକତା କରି ଜାଲ କାଗଜପତ୍ର ଦାଖଲ କରି ପ୍ରଥମ ଥର ପାଇଁ ଏନ୍‌ଓସି ହାତେଇଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଏହାର ଆଉ ନବୀକରଣ ହୋଇନାହିଁ। ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ନିୟମ ଉଲ୍ଲଂଘନ କରାଯାଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ହାତବାରେସୀ କରି ଏନ୍‌ଓସି ହାସଲ କରିଛନ୍ତି। ଏଭଳି ବେଆଇନ ଘରୋଇ ସ୍କୁଲ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସାମ୍ମୁଖ୍ୟ ପକ୍ଷରୁ ଦାବି କରାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ଗୁରୁବାର ୨୭ ନଭେମ୍ବର ୨୦୨୫, ଭୁବନେଶ୍ୱର
Thursday 27 November 2025, Bhubaneswar

୨୬/୧୧: ଏକ ଅଲିଭା ଦାଗ

ନଭେମ୍ବର ୨୬, ୨୦୦୮। ସୟୁରୋପୀୟ ଶୈଳୀରେ ଉଜ୍ଜ୍ୱଳ ମୁମ୍ବାଇ ନଗରୀ ରାତିରେ ଅଚାନକ ଅନ୍ଧକାରମୟ ହୋଇଗଲା। ଲଶ୍କର-ଏ-ତୋଇବାର ଦଶ ଜଣ ଆତଙ୍କବାଦୀ ସମୁଦ୍ରପଥରେ ଆସି ତାଜ୍

ହୋଟେଲ, ଓବେରୋୟ, ନାରିମାନ ହାଉସ୍, ଛତ୍ରପତି ଶିବାଜୀ ଟର୍ମିନସ୍ ଓ ଲିଓପୋଲ୍ଡ କ୍ୟାଫେରେ ଅନ୍ଧାଧୁନ ଗୁଳି ଚଳାଇଲେ। ତିନି ଦିନ ଧରି ଚାଲିଥିବା ଏହି ନରସଂହାରରେ ୧୬୬ ଜଣ ନିରୀହ ଲୋକ ପ୍ରାଣ ହରାଇଲେ, ତିନି ଶହରୁ ଅଧିକ ଆହତ ହେଲେ। ଏହା କେବଳ ମୁମ୍ବାଇ ନୁହେଁ, ସମଗ୍ର ଭାରତର ଆତ୍ମା ଉପରେ ଏକ ଅଲିଭା କ୍ଷତ ଚିହ୍ନ ରହିଗଲା।

ଏହି ଆକ୍ରମଣ ଭାରତର ଅର୍ଥନୈତିକ ରାଜଧାନୀକୁ ଦୋହଲାଇ ଦେଇଥିଲା। ବିଦେଶୀ ପର୍ଯ୍ୟଟକ, ବ୍ୟବସାୟୀ ଓ ସାଧାରଣ ନାଗରିକଙ୍କୁ ହତ୍ୟା କରି ଆତଙ୍କବାଦୀମାନେ ଭାରତର ବିଶ୍ୱ ପ୍ରତିଷ୍ଠାକୁ ଆଘାତ ଦେବାକୁ ଚାହୁଁଥିଲେ। କିନ୍ତୁ ମୁମ୍ବାଇର ଅଦମ୍ୟ ଜୀବନଶକ୍ତି ଓ ଭାରତୀୟ ସୈନିକ, ପୁଲିସ୍ ଓ ଏନ୍‌ଏସ୍‌ଜି କମାଣ୍ଡୋଙ୍କ ଅସାଧାରଣ ସାହସ ସେହି ଷଡ଼ଯନ୍ତ୍ରକୁ ବିଫଳ କରିଦେଲା। ମେଜର ସନ୍ଦୀପ ଉନ୍ନିକୃଷ୍ଣନ, ତୁକାରାମ ଓମ୍ବଲେ, ହେମନ୍ତ କର୍କରେ ଓ ଅଶୋକ କାମଟେଙ୍କ ପରି ବୀରଙ୍କ ବଳିଦାନ ଆଜି ମଧ୍ୟ ଆମର ହୃଦୟରେ ଜାଗ୍ରତ।

ଏହି ଆକ୍ରମଣ ଭାରତର ଗୋଚର ଗୁଇନ୍ଦା ବ୍ୟବସ୍ଥା ଓ ଉପକୂଳ ସୁରକ୍ଷାର ଦୁର୍ବଳତାକୁ ପଦାରେ ପକାଇଥିଲା। ପାକିସ୍ତାନ ପରିଚାଳିତ ଆତଙ୍କବାଦୀମାନେ ସମୁଦ୍ରପଥରେ ଅବାଧରେ ପ୍ରବେଶ କରିବା ଦେଖି ଦେଶ ସ୍ତବ୍ଧ ହୋଇଯାଇଥିଲା। ଏହା ପରେ ଦେଶରେ ଅନେକ ସଂସ୍କାର ହେଲା- ଏନ୍‌ଆଇଏ ଗଠନ, ଉପକୂଳ ସୁରକ୍ଷା ମଜବୁତ କରାଯିବା, ଗୁଇନ୍ଦା ବ୍ୟବସ୍ଥାର ଆଧୁନିକୀକରଣ। କିନ୍ତୁ ଏତେ ବର୍ଷ ପରେ ବି ନ୍ୟାୟ ପୂରା ହୋଇନାହିଁ। ଡେଭିଡ ହେଡଲି ଓ ତାହାଉର ରାନା ଆମେରିକାରେ ଦଣ୍ଡିତ ହେଲେ, କିନ୍ତୁ ପାକିସ୍ତାନରେ ଲସ୍କର ନେତା ହାଫିଜ ସଈଦ ଓ ଜକି-ଉର-ରେହମାନ ଲଖଭି ପ୍ରାୟତଃ ମୁକୁଳିଯାଇ ରହିଛନ୍ତି। ଏହା ଭାରତର କ୍ଷତକୁ ଆହୁରି ବିଦାରିତ କରୁଛି।

ମୁମ୍ବାଇ ଆକ୍ରମଣ ଭାରତକୁ ଶିଖାଇଲା ଯେ ଆତଙ୍କବାଦ କେବଳ ସୈନିକ ବଳରେ ନୁହେଁ, ରାଜନୈତିକ ଦୃଢ଼ତା, ଅର୍ଥନୈତିକ ଚାପ ଓ ଆନ୍ତର୍ଜାତିକ ସହଯୋଗରେ ମୁକାବିଲା କରିବାକୁ ହେବ। ଆଜି ଯେତେବେଳେ ଦେଶ ଅର୍ଥନୈତିକ ମହାଶକ୍ତି ହେବାର ପଥରେ ଅଗ୍ରସର, ସେତେବେଳେ ୨୬/୧୧ର ସେହି କଳଙ୍କ ଆମକୁ ସତର୍କ ରହିବାକୁ ବାଧ୍ୟ କରୁଛି। ଏହି କ୍ଷତ କେବେ ମଧ୍ୟ ପୂରାପୂରି ଭଲ ହେବ ନାହିଁ, କାରଣ ଯେଉଁ ଲୋକମାନେ ଆଜି ମଧ୍ୟ ତାଙ୍କ ପରିବାର ସଦସ୍ୟଙ୍କୁ ଅପେକ୍ଷା କରୁଛନ୍ତି, ସେମାନଙ୍କ ବେଦନା ଅବଧି ସାରିନାହିଁ।

ଆଜି ୨୬ ନଭେମ୍ବରରେ ଆସନ୍ତୁ ସେହି ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ, ନିଜର ସୁରକ୍ଷା ଓ ଏକତାକୁ ଆହୁରି ମଜବୁତ କରିବାର ଶପଥ ନେବା। ମୁମ୍ବାଇର ସେହି କାଳ ରାତି ଯେପରି ଆଉ କେବେ ଫେରି ନଆସୁ, ତାହା ନିଶ୍ଚିତ କରିବା ଆମର ସମବେତ ଦାୟିତ୍ୱ।

ସମ୍ବିଧାନ ଦିବସ

ଲୋକତନ୍ତ୍ରର ପ୍ରାଣ, ନାଗରିକଙ୍କ ଦାୟିତ୍ୱ

ଡ଼ ସୁଶାନ୍ତ କୁମାର ପରିଡା

ପ୍ରତିବର୍ଷ ନଭେମ୍ବର ୨୬ ଆମେ ମନାଉଛନ୍ତି ସଂବିଧାନ ଦିବସ,ଏହା ଏକ ତାରିଖ ଯାହା କେବଳ ଏକ ଐତିହାସିକ ଘଟଣାକୁ ମନେ ପକାଉନାହିଁ ବରଂ ଏହା ଆମ ଦେଶ ଭାରତର ଗଠନ, ପରିଚୟ ଓ ଭାବୀ ଯାତ୍ରାର କଣ୍ଠସ୍ୱରା ସଂବିଧାନ ସଭା ୧୯୪୬ରେ ଗଠିତ ହେଇ ୨ ବର୍ଷ ୧୧ ମାସ ୧୮ ଦିନ ଧରି ୧୧୬୫୨ ଲାଇନ ଆଲୋଚନାର ମାଧ୍ୟମରେ ଏହି ଅତିଶୟ ଉତ୍କୃଷ୍ଟ ଦଲିଲକୁ ଗଠିତ କଲା। ୧୯୪୯ ମସିହାର ଏହି ଦିନରେ ସଂବିଧାନ ସଭା ଆମ ସଂବିଧାନକୁ ଅନୁମୋଦନ କରିଥିଲା,ଯାହାକୁ ୧୯୫୦ ଜାନୁଆରୀ ୨୬ରେ କାର୍ଯ୍ୟକାରୀ କରାଯାଇଥିଲା। ଏହି ନଭେମ୍ବର ୨୬ ଦିନଟି କେବଳ ଗତିବିଧି କିମ୍ବା ସମାରୋହର କଥା ନୁହେଁ; ଏହା ଲୋକତନ୍ତ୍ରର ପ୍ରାଣକୁ ସ୍ମରଣ କରିବା ଏବଂ ନାଗରିକ ଭାବେ ଆମର କର୍ତ୍ତବ୍ୟକୁ ପୁନଃବିଚାର କରିବାର ଦିବସ। ଭାରତୀୟ ସଂବିଧାନ ସାଧାରଣ ଭାବେ ଲିଖା ହୋଇନଥିଲା। ଏହା ମାନବତା, ସଂଘର୍ଷ, ସମାନତା ପ୍ରତି ଆଶା ଓ ନୂତନ ଭାରତ ସଂକଳ୍ପର ଫଳ। ଆମ ସମ୍ବିଧାନ ହେଉଛି ଗଣତନ୍ତ୍ରର ଲିଖିତ ଆତ୍ମା, ଆଧୁନିକ ଭାରତର ପଥ ପ୍ରଦର୍ଶକ, ଓ ନ୍ୟାୟ- ସ୍ୱାଧୀନତା- ସମାନତା- ଭାଇଚାରାର ତତ୍ତ୍ୱରେ ଆଧାରିତ ଜାତୀୟ ଚରିତ୍ରର ମୂଳ ଶିଳା। ବିଶ୍ୱର ସବୁଠୁ ଦୀର୍ଘ ଲିଖିତ ସଂବିଧାନ ଆମ ଭାରତର। ବହୁ ଦେଶର ଶ୍ରେଷ୍ଠତମ ଧାରଣାଗୁଡ଼ିକୁ ଗ୍ରହଣ କରି, ଦେଶର ଏକତା, ବିବିଧତା, ସାଧାରଣ ନ୍ୟାୟ ଓ ସମାଜିକ ସମତାକୁ ଆଧାର କରି ଏହା ଗଠିତ ହୋଇଛି। ବାବା ସାହେବ ଆମ୍ବେଦକରଙ୍କ ନେତୃତ୍ୱ ଦେଖାଇଦେଇଛି କିପରି

ଏକ ଅସମାନତାପୂର୍ଣ୍ଣ ସମାଜରେ ମଧ୍ୟ ନ୍ୟାୟ, ସମାନତା ଓ ସ୍ୱାଧୀନତାର ମୂଲ୍ୟକୁ ବିଶ୍ୱାସ କରି ଭାରତ ପ୍ରତିଷ୍ଠିତ ହୋଇପାରିଛି।

ଡ଼. ବୀ.ଆର୍. ଆମ୍ବେଦକର, ସଂବିଧାନ ଖସଡ଼ା କମିଟିର ଅଧ୍ୟକ୍ଷ, ସମ୍ବିଧାନ "ସମାଜିକ ବିପ୍ଳବର ଉପକରଣ" ଭାବେ ଦେଖିଥିଲେ। ସେମାନଙ୍କ ଦୃଷ୍ଟିଭଙ୍ଗୀରେ ସଂବିଧାନ ହେଉଛି—

ସମାନତାକୁ ସଂରକ୍ଷଣ, ଅସମାନତାକୁ ଚ୍ୟାଲେଞ୍ଜ, ଏବଂ ଅଧିକାରକୁ ବାସ୍ତବତାରେ ପରିଣତ କରିବାର ଉପକରଣ।

ସମାଜ ପରିବର୍ତ୍ତନ ହେଉଛି, ରାଜନୀତି ଗତିଶୀଳ, ଏବଂ ବିଶ୍ୱ ଅନିଶ୍ଚୟତାରେ ପୂର୍ଣ୍ଣ। ଏହି ପରିପ୍ରେକ୍ଷିରେ ସଂବିଧାନ କେବଳ ଏକ ପାଠ୍ୟପୁସ୍ତକୀୟ ଦଲିଲ ନୁହେଁ, ଏହା ଏକ ଜୀବନ୍ତ ନିର୍ଦ୍ଦେଶିକା। ଯେତେବେଳେ ମତଭେଦ ବଢ଼ୁଛି,ସଂବିଧାନ ଆମକୁ ସମାଧାନର ପଥ ଦେଖାଏ। ଯେତେବେଳେ ଅଧିକାର ଓ ଅବହେଳାର ମଧ୍ୟରେ ସଂଘର୍ଷ ଚାଲେ ସଂବିଧାନ ଆମକୁ ମୂଳ ଅଧିକାର ସ୍ମରଣ କରାଏ। ଯେତେବେଳେ ସମାଜିକ ସମତା ସଙ୍କଟରେ ସେବେ ଏହା ଆମକୁ ନ୍ୟାୟ ଓ ସମାଜିକ ସୁରକ୍ଷାର ସଫଳ ସୂତ୍ର ଦେଖାଏ।

ସଂବିଧାନ ଦେଶକୁ ସଂଯୋଗ ଦେଇଥାଏ, ହେଲେ ତାହାର ପ୍ରାଣ ନାଗରିକଙ୍କ ମନୋଭାବ, ସଚେତନତା ଓ ନିର୍ବାଚିତ ନେତାଙ୍କ ଦାୟିତ୍ୱରେ ନିହିତ। ସଂବିଧାନ ଦେଇଛି ଜୀବନ, ମତ, ସ୍ୱାଧୀନତା, ସମାନତା, ଅବସର ଇତ୍ୟାଦିର ଅଧିକାର। କିନ୍ତୁ ଏହା ସହିତ ମିଶିଛି ଦେଶ ପ୍ରତି କର୍ତ୍ତବ୍ୟ, ଆଇନ ପାଳନ, ସମାଜ ପ୍ରତି ମର୍ଯ୍ୟାଦା, ସମାନତା ଓ ସହନଶୀଳତା। ଯେତେବେଳେ ଆମେ ଅଧିକାର ଦାବି କରୁଛୁ, ସେତେବେଳେ ଆମେ ଦାୟିତ୍ୱକୁ ଭୁଲିବା ଉଚିତ୍ ନୁହେଁ।

ଯୁବସମାଜ ହେଉଛି ଭାରତର ପ୍ରାଣସ୍ୱରୂପ। ସେମାନେ ଯଦି ସଂବିଧାନର ମୂଳ ଗୁଣଗୁଡ଼ିକୁ ମନେରେ ରଖନ୍ତି ସହିଷ୍ଣୁତା, ଅଦାଲତ ପ୍ରତି ଆସ୍ଥା, ବିଚାରର ସ୍ୱାଧୀନତା, ବୈଜ୍ଞାନିକ ଚେତନା ତେବେ ଲୋକତନ୍ତ୍ର ଅଧିକ ସୁଦୃଢ଼ ହେବ। ବିଦ୍ୟାଳୟରେ ସମ୍ବିଧାନ ପାଠ, କଲେଜରେ ନାଗରିକ ଅଧ୍ୟୟନ, ଏବଂ ସାଧାରଣ ଲୋକମାନେ ଆଇନ ସଚେତନତା— ଏହି ସବୁ ଦେଶକୁ ଗଢ଼ି ତୋଳେ। ଯୁବପୀଢ଼ୀ ହେଉଛନ୍ତି ସଂବିଧାନର ସତ୍ୟ ସୁରକ୍ଷକ। ସେମାନଙ୍କୁ ଯଦି ସଂବିଧାନୀକ ମୂଲ୍ୟବୋଧ ସିଖାଯାଏ, ଭାରତ ଉଜ୍ଜ୍ୱଳ ହେବ। ସଂବିଧାନ ଅପରିବର୍ତ୍ତନଶୀଳ ପାଥର ନୁହେଁ। ସମୟ ସହ ଅନୁକୂଳ ହୋଇ ୧୦୦ରୁ ଅଧିକ ସଂଶୋଧନ ହୋଇଛି। ଏହାକୁ ପ୍ରମାଣ କରେ— ସଂବିଧାନ ଚଳନଶୀଳ, ଜୀବନ୍ତ ଏବଂ ଦେଶର ରୂପାନ୍ତରଣକୁ ଗୁରୁତ୍ୱ ଦିଏ। ସଂବିଧାନ ଦିବସ କେବଳ ଏକ ପାଳନ ନୁହେଁ; ଏହା ଆତ୍ମବିଚାରର ମୁହୂର୍ତ୍ତ। ଆମେ ଆମର ଅଧିକାର ବିଷୟରେ ସଚେତନ କି? ,ଆମେ ନାଗରିକ ଭାବରେ କର୍ତ୍ତବ୍ୟ ପାଳନ କରୁଛୁ କି? ଆଜିର ଭାରତର ସାମାଜିକ, ରାଜନୀତିକ ଓ ଆର୍ଥିକ ପରିପ୍ରେକ୍ଷ୍ୟରେ ସଂବିଧାନକୁ ସ୍ମରଣ କରିବା ଏକ ଆନ୍ଦୋଳନ ନୁହେଁ; ଏହା ଏକ ଦାୟିତ୍ୱ, ଏକ ଆତ୍ମପର୍ଯ୍ୟାଲୋଚନା, ଏକ ସମ୍ବିଧାନିକ ମୂଲ୍ୟବୋଧ ପୁନଃଆବିଷ୍କାର। ସଂବିଧାନ କେବଳ ଏକ ଆଇନ ନୁହେଁ— ଏହା ଏକ ସାମାଜିକ ସଂପ୍ରତିଜ୍ଞା। କାଗଜରେ ଲେଖା ସଂବିଧାନ ସମ୍ପୂର୍ଣ୍ଣ ନୁହେଁ- ହୃଦୟରେ ଲିଖା ସଂବିଧାନ ଦେଶକୁ ବଞ୍ଚାଇଥାଏ।

ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା
ମୋବାଇଲ୍: ୯୪୩୭୨୧୦୪୫୮

ମାଣବସା ଗୁରୁବାର ଓ ମହିଳା ସଶକ୍ତିକରଣ

କିଶୋର ଚନ୍ଦ୍ର ବେହେରା

ଷୋଡ଼ଶ ଶତାବ୍ଦୀରେ ବଳରାମ ଦାସଙ୍କ ଦ୍ୱାରା ରଚିତ 'ମହାଲକ୍ଷ୍ମୀ ପୁରାଣ' ପାଠ କଲା ବେଳେ ବିସ୍ମିତ ହେବାକୁ ପଡ଼େ ଯେ ସେ ଯୁଗର ପୁରୁଷ-ପ୍ରଧାନ ବ୍ୟବସ୍ଥା ବିରୋଧରେ ଯାଇ ନାରୀକୁ ଉପଯୁକ୍ତ ମର୍ଯ୍ୟାଦା ଦେବା ପାଇଁ ସାହିତ୍ୟିକ, ସାମାଜିକ ଓ ଧର୍ମୀୟ ସ୍ତରରେ ଚେତନାର ଏଭଳି ଉତ୍ତରଣ ଘଟିବା ସମ୍ଭବ ହୋଇପାରିଥିଲା। ମହିଳା ସଶକ୍ତିକରଣ ହ ଏକ ପ୍ରମୁଖ ବିକାଶମୂଳକ ପଦକ୍ଷେପ। ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ସେମାନଙ୍କର ସାମାଜିକ ସଶକ୍ତିକରଣରେ ଯଥେଷ୍ଟ ସହାୟକ ହୋଇଥିଲା ଏହିପରି, ମହିଳାମାନଙ୍କୁ ସ୍ୱାଧୀନ ଭାବରେ ରୋଜଗାର ଏବଂ ଆୟ ପାଇବାକୁ ସକ୍ଷମ କରି ଅର୍ଥନୈତିକ ସ୍ୱାଧୀନତା ହାସଲ କରିବାରେ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ପୃଥିବୀ ପୃଷ୍ଠର ମୋଟ ୧୯୫ଟି ଦେଶ ମଧ୍ୟରେ ଆମ ଦେଶ ଭାରତର ସଂସ୍କୃତି, ପରମ୍ପରା, ସଂସ୍କାର ସ୍ୱତନ୍ତ୍ର। ଭାରତବାସୀ ପୁଣି ଏକ ସ୍ୱତନ୍ତ୍ର ଆବେଗର ଅଧିକାରୀ ଯେଉଁମାନେ ଆମ ଜନ୍ମଭୂମିକୁ ମା'ର ସମ୍ମାନରେ ଭୂଷିତ କରି ପୂଜା କରିଥା'ନ୍ତି। ଅନ୍ୟ କେଉଁ ଦେଶରେ ଏଭଳି ପରମ୍ପରା ଦେଖାଯାଏ ନାହିଁ। ଆମ ଦେଶର ସାମାଜିକ ପରମ୍ପରା ମଧ୍ୟ ଅନନ୍ୟ। ଆମ ପୁରାଣ ଶାସ୍ତ୍ରରେ ଯେଉଁ ମହାନ ବାର୍ତ୍ତା ଉଲ୍ଲେଖ ରହିଛି ତାହା ହେଲା, "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା।" ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ଦିଆଯାଏ, ପୂଜା କରାଯାଏ, ସେଠାରେ ଦେବତାମାନେ ଖୁସିରେ ବିଚରଣ କରନ୍ତି। ଆମ ଦେଶ ପୁଣି ଲୀଳାବତୀ, ଆତ୍ରେୟୀ, ମୈତ୍ରେୟୀ, ଭାନୁମତୀଙ୍କ ଭଳି ଅନେକ ବିଦୂଷୀ ମହିଳାଙ୍କୁ ଜନ୍ମଦେଇ ଗର୍ବିତ। ଅତୀତରେ ଆମ ଦେଶରେ ଦ୍ରୌପଦୀଙ୍କୁ ଅସମ୍ମାନିତ କରିବାର ଫଳସ୍ୱରୂପ ଭୟଙ୍କର ମହାଭାରତ ଯୁଦ୍ଧ ହେବାର କରୁଣ ଦୃଶ୍ୟ ଓ ଧ୍ୱଂସଲୀଳା ସହିତ ଆମେ ଅବଗତ। ରାମାୟଣରେ ମଧ୍ୟ ସୀତାଙ୍କୁ ଅପମାନିତ କରିବାର ଫଳ ରାବଣର ବିନାଶ ପାଇଁ ଯେ ମୁଖ୍ୟ କାରଣ ହୋଇଥିଲା ଏହା ଆମେ ସବୁ ଜାଣିଥାଉ। ଆମର ଦୀର୍ଘ ଅତୀତରୁ ଆମେ ଯାହା ଦେଖିଛୁ ତାହା ହେଲା ଯେଉଁଠାରେ ନାରୀମାନଙ୍କୁ ଅସମ୍ମାନିତ କରାଯାଇଛି ସେଠାରେ ନିଶ୍ଚିତ ଭାବେ ଅନେକ ବିନାଶକାରୀ ଘଟଣା ଘଟିଛି।

ସଂପ୍ରତି କେନ୍ଦ୍ର ସରକାର କିମ୍ବା ସମସ୍ତ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ନିମନ୍ତେ ଯେଉଁ ସବୁ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ସମସ୍ତ ଅଭିଯାନର ରୂପରେଖ ମା' ମହାଲକ୍ଷ୍ମୀଙ୍କ ପାଖରୁ ଆରମ୍ଭ ହୋଇଛି। ସରକାରଙ୍କ ପ୍ରତିଟି ଯୋଜନା ମାଣବସା ଗୁରୁବାର ପୁରାଣରେ ବର୍ଣ୍ଣିତ ହୋଇଅଛି। ଜଣେ ନାରୀ ତା ଜୀବନ କାଳରେ ବହୁ ଭୂମିକା ତୁଲାଇ ଥାଏ। କେବେ ମା ହୋଇ, କେବେ ଭଉଣୀ ହୋଇ, ତ ଆଉ କେବେ ସ୍ତ୍ରୀ ହୋଇ। ପୁରୁଷ ପ୍ରଧାନ ସମାଜରେ ନାରୀର ସ୍ୱରକୁ ଦାବି ଦିଆ ଯାଉଛି। କିନ୍ତୁ ଦେଶର ପ୍ରଗତି ପାଇଁ ମହିଳାଙ୍କ ପ୍ରଗତି ଆବଶ୍ୟକ। ଶିଶୁ ଟିଏ ଜନ୍ମ ହେବା ପରେ କେବଳ ମାଆକୁ ହିଁ ଜାଣେ। ମାଆ ହିଁ ତାର ପ୍ରଥମ ଗୁରୁ ହୋଇ ଥାଆନ୍ତି। କିନ୍ତୁ ଯଦି ମାଆ ହିଁ ନିରକ୍ଷର ରହିବ, ତେବେ ଶିଶୁକୁ ସୁରକ୍ଷା ଦେବ କିଏ ?

ଦେଶର ପ୍ରଗତି ନିମନ୍ତେ ମହିଳାଙ୍କର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଭାବେ ସଶକ୍ତିକରଣ ହେବାର ଆବଶ୍ୟକତା ରହିଛି। ସାମଗ୍ରିକ ବିକାଶ ପାଇଁ ମହିଳାମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ପ୍ରୟୋଜନ ରହିଛି। ମହାତ୍ମା ଗାନ୍ଧୀ କହିଥିଲେ, ଯେବେ ଅଧା ରାତିରେ ଜଣେ ମହିଳା ନିର୍ଭୟରେ ରାସ୍ତା ଚାଲି ପାରିବ, ସେବେ ହିଁ ଭାରତ ପ୍ରକୃତ ସ୍ୱାଧିନତା ଲାଭ କରିବ। ଯାହାର ଅନୁରୂପ ଭାବେ ମା' ମହାଲକ୍ଷ୍ମୀ ମାର୍ଗଶିର ମାସର ଗୁରୁବାର ଦିନ ପାହାନ୍ତା ସମୟରେ ପ୍ରତ୍ୟେକ ଘର ଘର ବୁଲି ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ପରିଖି ଥିଲେ। ସାଧବାଣୀର ଗୃହ ଅପରିଷ୍କାର ଦେଖି କ୍ଷୁବ୍ଧ ହେବା ସହିତ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ ଏବଂ ଶ୍ରୀୟା ଚଣ୍ଡାଳୁଣୀର ପରିଷ୍କାର କୁଡ଼ିଆ ଦେଖି ତାକୁ ପ୍ରଶଂସା କରିବା ସହ ପ୍ରୋତ୍ସାହନମୂଳକ ରାଶି ପ୍ରଦାନ କରିବା ଓ ସ୍ୱଚ୍ଛତା ହିଁ ସୁନ୍ଦର ସ୍ୱାସ୍ଥ୍ୟର ପ୍ରକୃଷ୍ଟ ମାଧ୍ୟମର ପ୍ରଚାର ପ୍ରସାର କରିଥିଲେ।

ଧନସମ୍ପଦ, ସୌଭାଗ୍ୟ, ସୁଖ୍ୟାତି, ସୁଖସମୃଦ୍ଧି, ସୌନ୍ଦର୍ଯ୍ୟ ଓ ପ୍ରେମର ଦେବୀ ମା' ମହାଲକ୍ଷ୍ମୀ ସ୍ୱାଭିମାନ ସହ ବଡ଼ଦେଉଳ ଓ ଧନସମ୍ପଦକୁ ତ୍ୟାଗ କରି ପିତା ବରୁଣ ଦେବଙ୍କ ଘରକୁ ନଯାଇ ଆତ୍ମନିର୍ଭରଶୀଳ ହେବାକୁ ପ୍ରୟାସ ଆରମ୍ଭ କରିଥିଲେ। ମହିଳା ସଶକ୍ତିକରଣ ସନ୍ଦର୍ଭର ବାର୍ତ୍ତା ନେଇ ଚିତ୍ରଶିଳ୍ପୀ ବିଶ୍ୱକର୍ମାଙ୍କ ସହଯୋଗରେ ସୁନ୍ଦର ଅଟ୍ଟାଳିକା ନିର୍ମାଣ କରି ନାରୀ ସଂଗଠନ ସୁଦୃଢ଼ ପରିଚୟ ସୃଷ୍ଟି କରିଥିଲେ। ମହିଳା ସଶକ୍ତିକରଣ ହାସଲ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି ପ୍ରସ୍ତୁତ କରି ପୁରୁଷ ପ୍ରାଧାନ୍ୟ ସମାଜରୁ କିପରି ରୋଜଗାର କ୍ଷମ ହୋଇ ସ୍ୱାଭିମାନର ସହିତ ବଞ୍ଚିବାର ମନ୍ତ୍ର ସମସ୍ତ ନାରୀ ସମାଜକୁ ଶିକ୍ଷା ପ୍ରଦାନ କରିଥିଲେ। ନାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉପଯୁକ୍ତ ସୁଯୋଗ ଦେଇ ସେମାନଙ୍କୁ ଦେଶର ମୁଖ୍ୟ ସ୍ରୋତରେ ସେମାନଙ୍କୁ ସାମିଲ କରିବା ପାଇଁ କେନ୍ଦ୍ର ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଖୋଲିଛନ୍ତି। ଏହି ବିଭାଗ ଦ୍ୱାରା ବିଭିନ୍ନ ଯୋଜନାମାନ ପ୍ରଣୟନ କାରାଯାଇ ସେମାନଙ୍କୁ ସଶକ୍ତିକରଣ କରିବାର ଲକ୍ଷ୍ୟ ରଖାଯାଇଛି। ଦେଶର ନାରୀମାନଙ୍କୁ ସଶକ୍ତ କରିବା ନିମନ୍ତେ ୧୯୯୨ ମସିହାରେ ଜାତୀୟ ମହିଳା କମିଶନ ସ୍ଥାପନ କରାଯାଇଅଛି। ବିଭିନ୍ନ ନାରୀ ସଂକ୍ରାନ୍ତୀୟ ଆଇନଗୁଡିକୁ ପନଃବ୍ୟାଖ୍ୟା କରିବା, କାର୍ଯ୍ୟାଳୟରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଧରଣର ଉତ୍ପୀଡ଼ନ ଓ ଯୌନ ନିର୍ଯାତନାକୁ ପ୍ରତିରୋଧ କରିବା ଓ ସେଗୁଡିକ ନିରାକରଣ ନିମିତ୍ତ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏହି କମିଶନର ମୁଖ୍ୟ ଉଦ୍ଦେଶ୍ୟ। ମିଶନ୍ ଶକ୍ତି ଜରିଆରେ ମହିଳାଙ୍କୁ ଅନେକ ଦିଗରେ ସ୍ୱାବଲମ୍ବୀ ହେବା ପାଇଁ କାର୍ଯ୍ୟକ୍ରମ ମାନ କରାଯାଉଛି। ନିଜେ ରୋଜଗାର କରି ଘର ଚଳାଇବା ସହ ସେମାନେ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିପାରୁଛନ୍ତି। ମିଶନ୍ ଶକ୍ତିର ମା ମାନେ ଆଜି ମିଲେଟ କାଫେ ବା ମିଶନ୍ ଶକ୍ତି କାଫେ କରି ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି। ନାରୀଟିଏ ଆଜି କଲମ ଧରି ପାରୁଛି , ନାରୀ ଟିଏ ଆଜି ଶାସନ ଗାଦିରେ ବସି ପାରୁଛି। ରାଜ୍ୟର ଲୋକତନ୍ତ୍ରକୁ ସମ୍ଭାଳି ପାରିବାର ଅଦମ୍ୟ ଦକ୍ଷତା ବି ରଖୁଛି। କେବଳ ରାଜନୀତି ନୁହେଁ ବରଂ ବିଭିନ୍ନ କ୍ଷେତ୍ରରେ ମହିଳା ମାନେ ନିଜର ସଫଳତା ପ୍ରଦର୍ଶନ କରିପାରୁଛନ୍ତି। ନାରୀର ଉନ୍ନତି ବିନା ଦେଶ ପ୍ରଗତି କରିବା ଅସମ୍ଭବ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮



ଡକ୍ଟର ଲକ୍ଷ୍ମଣ ସାହୁ

ଚଣ୍ଡାଳୁଣୀ ଘରେ ମା' ଲକ୍ଷ୍ମୀ

ଆଧ୍ୟାତ୍ମିକ ଓ ଧାର୍ମିକ ପୃଷ୍ଠଭୂମିରେ ଓଡିଆ ଲୋକ ଜୀବନ ଖୁବ୍ ପ୍ରଭାବଶାଳୀ। ଓଡିଆ ସଂସ୍କୃତି ଗୁରୁବାର 'ମାଣବସା' ଓ କୃଷି ସଭ୍ୟତାର ଆଧ୍ୟାତ୍ମିକ ପରମ୍ପରାକୁ ଧର୍ମ ଅତି ମାତ୍ରାରେ ପୃଷ୍ଠପୋଷକତା ପ୍ରଦାନ କରିଆସୁଛି। ଯୁଗେ ଯୁଗେ ଉତ୍କଳୀୟ ଚଳଣି ଓ ପରମ୍ପରା ସହିତ ଘନିଷ୍ଠ ଓ ନିବିଡ ଏକାତ୍ମକତା ସୃଷ୍ଟି କରୁଛି ଏହି ଧାର୍ମିକ ଚେତନା। ଓଡିଆ ଚଳଣି ଓ ପରମ୍ପରାରେ ଧମନୀରେ ରକ୍ତ ପ୍ରବାହ ପରି ଏହି ଧାର୍ମିକ ଭାବନା ଏକ ସାର୍ବକାଳିକ ଆବେଦନକୁ ଉଜ୍ଜୀବିତ କରି ରଖିବାକୁ ସମର୍ଥ ହୋଇଛି। କୁହାଯାଇଛି ଓଡିଶା ଏକ ଧର୍ମ ପରାୟଣ ରାଜ୍ୟ। ବାରମାସରେ ସେ ତେର ପର୍ବ ପାଳନ କରେ। ଧର୍ମ ପରାୟଣ ରାଜ୍ୟ ଭାବରେ ଯେତିକି ପ୍ରତିଷ୍ଠିତ, ସେତିକି କୃଷି ପ୍ରଧାନ ରାଜ୍ୟ ଭାବରେ ସୁଖ୍ୟାତି ଲାଭ କରିଛି। ଧାନ ଶିଂସାଟିଏ ତା'ଦୃଷ୍ଟିରେ ଲକ୍ଷ୍ମୀ। ଓଡିଆ ଘରଣୀ ସେହି ଧାରାରେ ପୂଜା କରିଥାଏ। ମାର୍ଗଶୀର ମାସର ପ୍ରଥମ ଗୁରୁବାର ଦିନ ଏହି ପୂଜା ଆରମ୍ଭ ହୋଇଥାଏ ଓ ମାସର ଶେଷ ଗୁରୁରେ ଏହା ଉଦଯାପିତ ହୋଇଥାଏ।

ଅନେକ ଓଡିଆ ଘରଣୀ ବର୍ଷର ପ୍ରତ୍ୟେକ ଗୁରୁବାର ଏହି ପୂଜା ବ୍ରତ କରୁଥିବାର ଦେଖାଯାଏ। କିନ୍ତୁ ମାର୍ଗଶୀର ଓ ପୁଷ ମାସର ଚାରି ଗୁରୁବାରର ପ୍ରାଧାନ୍ୟ ବେଶୀ। ଏହି ସମୟରେ ପ୍ରତ୍ୟେକ ଓଡିଆଙ୍କ ଘର ଲକ୍ଷ୍ମୀଙ୍କ ପଦ୍ମପାଦ ଚିହ୍ନରେ ପୁରି ଉଠେ। କାଛବାଡ ଧାନ ଶୀଂସା ଓ ଧାନ ମେଣ୍ଟରେ ପରିପୂର୍ଣ୍ଣ ହୋଇଉଠେ। ଘରବାଡି, ଖଳାବାଡି ଆଦି ପ୍ରତ୍ୟେକ ସ୍ଥାନରେ ଲିପା ପୋଛା ହୋଇ ନାନା ପ୍ରକାର ସୁନ୍ଦର ଝୋଟି ଚିତା କଟା ଯାଇ ମା' ଲକ୍ଷ୍ମୀଙ୍କୁ ଆବାହନ କରାଯାଇଥାଏ। ମା' ଲକ୍ଷ୍ମୀଙ୍କ ପୂଜା ଓ ବିଧି ପାଳନ ପାଇଁ ସ୍ୱତନ୍ତ୍ର ଆସ୍ଥାନ ପ୍ରସ୍ତୁତ କରାଯାଇଥାଏ। ଘର ଭିତରେ ଧାନ ଓ ଗଉଣୀ ହୋଇଥାନ୍ତି ଲକ୍ଷ୍ମୀ ଠାକୁରାଣୀ। ସେଇ ଧାନ ଓ ଗଉଣୀ ମଣ୍ଡାଫୁଲରେ ମଣ୍ଡିତ ହୁଏ ଓ ତାଉପରେ ମା'ଲକ୍ଷ୍ମୀଙ୍କ ଛିଟ ଥିବା ବସ୍ତ୍ର ଘୋଡାଇ ଦିଆଯାଏ। ଅଷ୍ଟଧାତୁରେ ଗଠିତ ପିତଳ ଲକ୍ଷ୍ମୀ ମୂର୍ତ୍ତୀ ରଖାଯାଏ ଓ ଗୁଆ ତିନୋଟି ମାଣ ଉପରେ ସିନ୍ଦୁର ଲଗାଇ ଶୋଭନ କରାଯାଏ, ଦୁଇପାର୍ଶ୍ୱରେ ପିତଳ ନିର୍ମିତ ହସ୍ତୀ ରଖାଯାଇଥାଏ। ଏପରିକି ଆଖୁ, ମୂଳା, ବିଭିନ୍ନ ସାତଟି ଫଳ କଡରେ ରଖାଯାଇ ପୂଜା କରାଯାଏ। କଦଳୀ, ଚକୁଳି, ଖିରୀ, ଦହି, ଛେନା, ଆମ୍ବିଳ, ଶାକର, ମୂଳାଶାଗ, ବିରି ଲଡୁ, ଆରିସା, କାକରା, ମଣ୍ଡା ଚକୁଳି, ମିଷ୍ଟାନ୍ନ ଖେଚୁଡି ଆଦି ଭୋଗଲାଗି କରାଯାଏ। ଦିନରେ ତିନି ଧୂପ ବା ପ୍ରହର ଭୋଗଲାଗି କରାଯାଇ ଧୂପ ଦୀପ ବାସନାରେ ଘର ମହକି ଉଠେ। ପ୍ରତି ଘରେ ଲକ୍ଷ୍ମୀଙ୍କ ମହିମା ଗାନ କରାଯାଏ।

ଏହି ପୂଜା ସାରଳା ଦାସଙ୍କ ଯୁଗ ପୂର୍ବରୁ ତଥା ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତକ ବେଳୁ ପାଳିତ ହୋଇ ଆସୁଛି। ମାଟିର କବି ସାରଳା ଦାସଙ୍କ 'ଲକ୍ଷ୍ମୀ ନାରାୟଣ ବଚନିକା' ଓ ପଞ୍ଚସଖା ଯୁଗର ଭକ୍ତ କବି ବଳରାମ ଦାସଙ୍କ

ରଚିତ 'ଲକ୍ଷ୍ମୀ ପୁରାଣ' ଏହାର ଦୃଷ୍ଟାନ୍ତ। ଲକ୍ଷ୍ମୀ ଶବ୍ଦର ଅର୍ଥ ପରିପୂର୍ଣ୍ଣ। ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଚର୍ତୁବର୍ଗ ଫଳପ୍ରାପ୍ତି ପାଇଁ ଧର୍ମ, ଅର୍ଥ, କାମ, ମୋକ୍ଷ ଆଦି ଆଶା ପୋଷଣ କରିଥାନ୍ତି। ସେହି ଆଶାହିଁ କେବଳ ପୂର୍ଣ୍ଣ କରିପାରନ୍ତି ପୂର୍ଣ୍ଣମୟୀ ମା'ଲକ୍ଷ୍ମୀ। ସେ ହେଉଛନ୍ତି ଐଶ୍ୱର୍ଯ୍ୟ, ସମୃଦ୍ଧି, ଶ୍ରୀ ଓ ସୌନ୍ଦର୍ଯ୍ୟ ପ୍ରଦାୟିନୀ ଦେବୀ। ସେ ଯାହା ପ୍ରତି ବିମୁଖ ହୁଅନ୍ତି ସେ ଭିକ୍ଷୁକ ହୋଇଥାଏ। ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣନା ଅଛି ଯେ ମାର୍ଗଶିର ମାସ ଗୁରୁବାର ଦିନ ମା'ଲକ୍ଷ୍ମୀ ନଗର ପରିକ୍ରମାରେ ଯାଇ ଶ୍ରୀୟା ଚଣ୍ଡାଳୁଣୀର ତାଙ୍କ ପ୍ରତି ଥିବା ପଚଣ୍ଡ ନିଷ୍ଠା ଓ ଭକ୍ତି ଦେଖି ବର ଦେଇଥିଲେ। କିନ୍ତୁ ଜଗନ୍ନାଥ ଓ ବଳରାମ ଦୁହେଁ ଏକଥା ଜାଣି ଲକ୍ଷ୍ମୀଙ୍କୁ ବଡ ଦେଉଳରୁ ବାହାର କରି ଦେଇଥିଲେ।

ମା'ଲକ୍ଷ୍ମୀ ଦେଉଳ ଦୁଆର ଛାଡି ଯିବାବେଳେ ଅଭିଶାପ ଦେଲେ ଯେ ଦୁଇ ଭାଇ ଭିକ୍ଷୁକ ହେବେ ଓ ଦୁହିଁଙ୍କୁ ଅନ୍ନ ମିଳିବ ନାହିଁ। ଅଭିଶାପ ସତ୍ୟରେ ପରିଣତ ହେଲା। ବଡଠାକୁର ଜଗନ୍ନାଥ ଓ ପ୍ରଭୁ ବଳରାମ ଭିକାରୀ ହୋଇ ଶେଷରେ ମା'ଲକ୍ଷ୍ମୀଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହି ମହାମାୟୀ କରୁଣା ପ୍ରଦାୟିନୀ ମା' ଲକ୍ଷ୍ମୀଙ୍କର ପବିତ୍ର ପୂଜାର ଦିନ। ସେହିଁ କେବଳ ଆମ ପାଇଁ ଧନଲକ୍ଷ୍ମୀ, ଜନଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ, ଶୋଭାଲକ୍ଷ୍ମୀ, ଗୃହଲକ୍ଷ୍ମୀ, ଐଶ୍ୱର୍ଯ୍ୟଲକ୍ଷ୍ମୀ, ସ୍ୱର୍ଗଲକ୍ଷ୍ମୀ ରୂପେ ପୂଜିତା ଲକ୍ଷ୍ମୀଙ୍କର ପ୍ରତୀକ ଗଜ ଓ ପଦ ଚିହ୍ନ। ତାଙ୍କର ବାହାନ ଧବଳ ପେଚା। ତାଙ୍କର ପୂଜା ବର୍ଷର ବିଭିନ୍ନ ପର୍ବ ମାନଙ୍କରେ ପାଳନ କରାଯାଏ। ବିଶେଷତଃ ମହାଲକ୍ଷ୍ମୀ ସ୍ନାନ, ଗୁରୁ ପଞ୍ଚମୀ, ଚତୁର୍ମାସ୍ୟ ଗୁରୁବାର ସୁଦସା ବ୍ରତ, ମାର୍ଗଶୀର ଗୁରୁବାର ଆଦି ମାନଙ୍କରେ ତାଙ୍କର ପର୍ବ ପଡିଥାଏ।

ହିନ୍ଦୁ ପରମ୍ପରାରେ ଏହି ଲକ୍ଷ୍ମୀ ପୂଜାର ଏକ ସୁମହତ୍ ଆଦର୍ଶ ଆମ ଆଖି ଆଗରେ ପ୍ରକଟିତ ହୁଏ। ଲକ୍ଷ୍ମୀପୁରାଣରୁ ଶିଖିବାକୁ ହୁଏ ପତ୍ନୀର ଅବର୍ତ୍ତମାନରେ ଗୃହ କିଭଳି ବିପର୍ଯ୍ୟସ୍ତ ହୋଇପଡେ। ଗୃହର ଅନ୍ତେବାସୀମାନେ ପ୍ରାଚୁର୍ଯ୍ୟ ମଧ୍ୟରେ ଦରିଦ୍ର ପ୍ରାୟ ଜୀବନ ଯାପନ କରନ୍ତି। ଜୀବନ କିଭଳି ବିତସ୍ପୃହ, ବିଡମ୍ବିତ ହୋଇଉଠେ। ଏଥିରୁ ଶିକ୍ଷା ମିଳେ ଜାତି ଭେଦ ବିଶ୍ୱାସ ରଖିଥିବା ରକ୍ଷଣଶୀଳ ଦୁଇ ଭାଇ ମା'ଲକ୍ଷ୍ମୀଙ୍କୁ ହରାଇ ଭିକ୍ଷୁକ ହୋଇଥିଲେ। ଜାତି, ବର୍ଣ୍ଣ, ବୈଷମ୍ୟ ବିରୋଧରେ ମା'ଲକ୍ଷ୍ମୀଙ୍କ ବିଦ୍ରୋହର ସ୍ୱର ଉତ୍ତୋଳନ ଅପ୍ରାସଙ୍ଗିକ ନୁହେଁ। ଲକ୍ଷ୍ମୀ ଜାତି ଅଜାତି ବିଚାର ନକରି ଯେଉଁଠି ଶୁଚି, ପରିଚ୍ଛନ୍ନତା, ପବିତ୍ର, ନିର୍ମଳ ଚିତ୍ତର ଏକାଗ୍ରତା ଦେଖନ୍ତି ସେଠାରେ ସେ ଉଭା ହୁଅନ୍ତି। ଶ୍ରୀୟା ଚଣ୍ଡାଳୁଣୀ ବି ମଣିଷ, ମଣିଷ ପାଖରେ ମଣିଷର ଛୁଆଁ ଅଛୁଆଁ କଣ (?), ଜାତି ଭେଦ ସେ ମାନି ନାହାନ୍ତି। ପୃଥିବୀର ଅନ୍ୟ ଯେଉଁ କୋଣ ଅନୁକୋଣରେ ହୁଏତ ମଣିଷ ମଣିଷ ଭିତରେ ଜାତି ଭେଦ, ସଂପ୍ରଦାୟ ଦେଖା ଦେଇପାରେ, ମାତ୍ର ପୁଣ୍ୟ ଭୂମି ଶ୍ରୀକ୍ଷେତ୍ରରେ ନୁହେଁ। ଜାତି ପ୍ରଥାରେ ବିଶ୍ୱାସୀ ଦୁଇ ଭାଇ ଜଗନ୍ନାଥ ଓ ବଳରାମଙ୍କୁ ସେହି ବ୍ରାହ୍ମଣ ପିଣ୍ଡିତ ଏକାଧିପତ୍ୟ ଭିତରୁ ମୁକୁଳାଇ... ବଡଦେଉଳରୁ ଓହ୍ଲାଇ ଆଣି ଗାଁଗଣ୍ଡାର ଧୂଳିମାଟି ଦାଣ୍ଡ ପର୍ଯ୍ୟନ୍ତ ନେଇଯିବାର ଏହା ମା'ଲକ୍ଷ୍ମୀଙ୍କ ଏକ ଦୁର୍ବାର ମନର ବିଦ୍ରୋହୀ ଅଭିଳାଷ।

କେବଳ ସେତିକିରେ କଥା ସରି ନାହିଁ, ମା'ଲକ୍ଷ୍ମୀ ଠାକୁରାଣୀଙ୍କ ସର୍ତ୍ତ ରଖିଲେ, ବଡ ଦେଉଳକୁ ସେ ଫେରିବେ ସତ, ମାତ୍ର ଏଣିକି ତାଙ୍କ 'ମହାପ୍ରସାଦ'ରେ 'ଆବ୍ରାଣ ଚଣ୍ଡାଳ'ଙ୍କର ଅଧିକାର ରହିବ। ଜାତିଗୋତ୍ରର ଭେଦ ଆଧାରରେ କେହି ବି ଜଗନ୍ନାଥ ଓ ମହାପ୍ରଭୁ ଜଗନ୍ନାଥଙ୍କ 'ମହାପ୍ରସାଦ'ରୁ ବଞ୍ଚିତ ହେବେ ନାହିଁ। ଲକ୍ଷ୍ମୀଙ୍କ କଥାରେ ରାଜି ହେଲେ ଅଗତ୍ୟା ବଡଠାକୁର। ବଳରାମ ମଧ୍ୟ ମା'ଲକ୍ଷ୍ମୀଙ୍କୁ ବାରଣ କରିନଥିଲେ, କାରଣ 'ଲକ୍ଷ୍ମୀଛଡା' ହେବାର ହିନସ୍ଥା ଭୋଗ କରିବାକୁ ତାଙ୍କର ସାହସ ଆଉ ନଥିଲା। ଜାତି-ପତି-ହୀନ ସମାଜ ପ୍ରତିଷ୍ଠାର ଏ ସଂକଳ୍ପ ମା'ଲକ୍ଷ୍ମୀଙ୍କୁ ଦେଇଛି ଏକ ଐତିହାସିକ ଆତ୍ମ ମର୍ଯ୍ୟାଦା :

'ଚଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ
ସମସ୍ତେ ଖାଇଣ ହସ୍ତ ଜଳେ ନଧୋଇବେ।
ହାଡିର ହସ୍ତୁଁ ବ୍ରାହ୍ମଣ ଛଡାଇ ଖାଇବେ
ବ୍ରାହ୍ମଣେ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।
ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ
ତେବେ ବଡ ଦେଉଳକୁ ଯିବି ଜଗନ୍ନାଥ।"

ଜଗନ୍ନାଥଙ୍କ ନିବାସ ଶ୍ରୀମନ୍ଦିର ମହାପ୍ରସାଦ ସେବନରେ ବ୍ରାହଣ ଚଣ୍ଡାଳର ବିଚାର ଭେଦ ଲୋପ ହୋଇ ଶ୍ରୀମନ୍ଦିରର ମହାନତା ମା'ଲକ୍ଷ୍ମୀଙ୍କ ଯୋଗୁ ବଢ଼ିଯାଇଛି। ଲକ୍ଷ୍ମୀପୁରାଣରେ ନିଜେ ମା'ଲକ୍ଷ୍ମୀ ନଗର ପରିକ୍ରମା କରି ସାଧବାଣୀକୁ ନାନା ଉପଦେଶ ଦେଇଥିବାର ଦେଖିବାକୁ ମିଳେ। ପ୍ରତ୍ୟେକ ଓଡିଆ ଗରଣୀଙ୍କୁ ଆଦର୍ଶ ଗୃହଲକ୍ଷ୍ମୀ କରାଇବା ଲକ୍ଷ୍ମୀଙ୍କ ଇଚ୍ଛା।

ଆଜି କେବଳ ଓଡିଶାରେ ନୁହେଁ, ସମଗ୍ର ଭାରତବର୍ଷରେ ଏପରି ବିଶ୍ୱରେ ମା'ଲକ୍ଷ୍ମୀଙ୍କ ପୂଜା ହେଉଛି। ଭାରତ ବ୍ୟତୀତ ବର୍ମା, ନେପାଳ, ଇଣ୍ଡୋନେସିଆ ଆଦି ଦେଶ ବିଦେଶରେ ପୂଜା କରାଯାଉଛି। ସେଭଳି ଓଡିଶାରେ କେନ୍ଦ୍ରାପଡା, ବଲାଙ୍ଗୀର, ଢେଙ୍କାନାଳ ଆଦି ସ୍ଥାନରେ 'ଗଜଲକ୍ଷ୍ମୀ' ପୂଜା ବଡ ଯାକଜମକ ସହକାରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି। ପରମ୍ପରାରେ ପର୍ଯ୍ୟବେସିତ ଏହି ଲକ୍ଷ୍ମୀ ପୂଜା ଘରେ ଘରେ ମାଣବସା ଉତ୍କଳୀୟ ଜନଜୀବନ ଧାରାରେ ଗୁରୁତ୍ୱ ଓ ପ୍ରାଧାନ୍ୟ ଆହରଣ କରି ଆସିଛି। ସେଥିପାଇଁ ଉତ୍କଳୀୟ ଶସ୍ୟ ସମ୍ଭାରକୁ ମା'ଲକ୍ଷ୍ମୀଙ୍କର ଦାନ ବା ପଡି ବୋଲି ଗ୍ରହଣ କରି ତାଙ୍କୁ ଆରାଧନା କରାଯାଉଛି। ଏହି ପର୍ବ ସମାନ ବିଧିରେ ଓଡ଼ିଶାର ବିଭିନ୍ନ ଆଦିବାସୀ ସମାଜରେ ମଧ୍ୟ ପାଳିତ ହୋଇଥାଏ। ସାନ୍ତାଳମାନେ "ଇରୁ ମାମଣେ", ଭୂୟାଁମାନେ "ମଗୁଶୀର ଗୁରୁବାର ହଳବା", ହୋ ଓ ଓମାନାତ୍ୟାମାନେ ଲକ୍ଷ୍ମୀ ପୂଜା କରିଥାନ୍ତି।

ଆଜି ଏ ମଗୁଶିର ମାସର ଶୀତ ସକାଳେ ପ୍ରତିଟି ଓଡିଆ ଗୋବର ଲିପା ଅଗଣା ସର୍ବତ୍ର ଝୋଟି ଚିତାର ତାଙ୍କର ପ୍ରିୟ ଲକ୍ଷ୍ମୀପାଦ ପକାଇ ମା'ଲକ୍ଷ୍ମୀଙ୍କୁ ଆବାହନ କରେ। ପ୍ରତୀକ ସ୍ୱରୂପା ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ମାଣଭର୍ତ୍ତି ଧାନର ପ୍ରତିମା କରି ଖଟୁଲୀରେ ଥୋଇ ତାଙ୍କର ପ୍ରିୟ ପଦ୍ମପୁଷ୍ପ, ମଣ୍ଡା ଫୁଲରେ ମଣ୍ଡିତ କରି ମା'ଲକ୍ଷ୍ମୀଙ୍କୁ ଭକ୍ତି ସହକାରେ ପୂଜା ଅର୍ଚ୍ଚନା କଲେ ଅଚ୍ଛବ ଶ୍ରୀୟା ଚଣ୍ଡାଳୁଣୀ ଅଗଣାରେ ପ୍ରବେଶ କଲା ପରି ହୁଏତ ସେ ତମ ଅଗଣାରେ ପହଞ୍ଚି ଯିବେ। ସେହିଁ କରୁଣାମୟୀ ଅନ୍ନପୂର୍ଣ୍ଣା ଏ ବିଶ୍ୱର ଆର୍ଥିକ ଅନଟନକୁ ଦୂରେଇ ଦିଅନ୍ତୁ, ଏହାହିଁ ତାଙ୍କ ନିକଟରେ ପ୍ରଣିପାତ ଭିକ୍ଷା 'ନମଃ ମା' ମହାଲକ୍ଷ୍ମୀ ନମଃ'।

ଅଧ୍ୟକ୍ଷ, ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪
ମୋବାଇଲ୍: ୯୦୪୦ ୧୫୧୪୭୫

ଦିଲ୍ଲୀ ବିସ୍ଫୋରଣ ମାମଲାରେ ଏନଆଇଏକୁ ବଡ଼ ସଫଳତା

୭ ନମ୍ବର ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୨୬।୧୧: ଦିଲ୍ଲୀ ବିସ୍ଫୋରଣ ମାମଲାରେ ଏନଆଇଏକୁ ବଡ଼ ସଫଳତା ମିଳିଛି। ଫରିଦାବାଦରୁ ଅନ୍ୟତମ ମୋଷ୍ଟୱାଣ୍ଟେଡ ଆତଙ୍କୀକୁ ଗିରଫ କରିଛି ଏନଆଇଏ। ଗିରଫ ଆତଙ୍କୀ ନାଁ ସୋଏବ ଓ ସେ ଦିଲ୍ଲୀ ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ଉମର ନବୀର ଘନିଷ୍ଠ ସହଯୋଗୀ। ବିସ୍ଫୋରଣ ପାଇଁ ଉମରକୁ ସାହାଯ୍ୟ କରିବା ସହ କାର ଯୋଗାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୂର୍ବରୁ ଗିରଫ ୬ଜଣ ଆତଙ୍କୀ ଡାକ୍ତରଙ୍କୁ ଜେରା ସମୟରେ ସୋଏବ ନାଁ ସାମ୍ନାକୁ ଆସିଥିଲା। ତେବେ ଏହାକୁ ମିଶାଇ ମାମଲାରେ ୭ଜଣ ଆତଙ୍କୀକୁ ଗିରଫ କରାଯାଇଛି। ଅଭିଯୁକ୍ତ ଡାକ୍ତର ମୁଜାମିଲଙ୍କୁ ସ୍ଥାନ ଚିହ୍ନଟ ପାଇଁ ଅଲ-ଫାଲାହକୁ ଆଣିଲା ଏନଆଇଏ। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଡାକ୍ତର ମୁଜାମିଲ୍ ଶକିଲ୍‌କୁ ଅନୁସନ୍ଧାନ ପାଇଁ ଫରିଦାବାଦର ଅଲ-ଫାଲାହ ମେଡିକାଲ କଲେଜ କ୍ୟାମ୍ପସକୁ ଆଣିଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଡାକ୍ତର ମୁଜାମିଲ୍ ତିନି ମାସ ମଧ୍ୟରେ ସୋହନାରୁ ପ୍ରାୟ ୧,୬୦୦ କିଲୋଗ୍ରାମ ଆମୋନିୟମ୍ ନାଇଟ୍ରେଟ୍ କିଣିଥିବା ଅଭିଯୋଗ ହୋଇଛି। ଏହି ବିସ୍ଫୋରକ ସାମଗ୍ରୀକୁ କେଉଁଠାରୁ କିଣାଯାଇଥିଲା, ତାହା ଚିହ୍ନଟ କରିବାକୁ ମୁଜାମିଲ୍‌କୁ ସୋହନାର ଧାନ ମଣ୍ଡିକୁ ନିଆଯାଇଥିଲା। ତଦନ୍ତକାରୀ ଦଳ ମୁଜାମିଲ୍‌ର କ୍ୟାବିନ୍ ଏବଂ ରହୁଥିବା କୋଠରୀ ସମେତ ଆତଙ୍କୀ ଡାକ୍ତର ଯେଉଁ ଯେଉଁ ସ୍ଥାନକୁ ଯାଉଥିଲା ସବୁ ସ୍ଥାନକୁ ଏନଆଇଏ ଦଳ ଯାଇଥିଲା। ଆତଙ୍କୀ ଗୋଷ୍ଠୀ ଧୌଜ ଏବଂ ଫତେହପୁର ଟାଗାରେ ଭଡା ଘରେ ୨,୯୦୦ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ, ଡେଟୋନେଟର ଏବଂ ଅନ୍ୟାନ୍ୟ ଜିନିଷ ଗଚ୍ଛିତ କରି ଆତଙ୍କବାଦୀ ଲଜିଷ୍ଟିକ୍ସ ବେସ୍ ଭାବରେ ବ୍ୟବହାର କରୁଥିଲେ। ତଦନ୍ତକାରୀମାନେ ତାଙ୍କର ଏନକ୍ରିପ୍ଟ ହୋଇଥିବା ଚାଟ୍ ଏବଂ ଆର୍ଥିକ କାରବାରକୁ ତଦନ୍ତ କରୁଛନ୍ତି, ଯାହା ବିଦେଶୀ ହ୍ୟାଣ୍ଡଲର୍ମାନଙ୍କ ସହିତ ତାଙ୍କର ସମ୍ଭାବ୍ୟ ସଂଯୋଗକୁ ସୂଚାଉଛି।

'ରେୟାର ଆର୍ଥ' ନେଇ କେନ୍ଦ୍ର କ୍ୟାବିନେଟର ବଡ଼ ନିଷ୍ପତ୍ତି

୭୨୮୦ କୋଟି ବ୍ୟୟରେ ଆରମ୍ଭ ହେବ ପ୍ରକଳ୍ପ

ନୂଆଦିଲ୍ଲୀ,୨୬।୧୧: ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗନେଟ୍ ମ୍ୟାନୁଫାକ୍ଚରିଂ , ପୁଣେ ମେଟ୍ରୋର ସମ୍ପ୍ରସାରଣ, ଦେବଭୂମି ଦ୍ୱାରିକା (ଓଖା)-କାନାଲୁସ୍ ରେଳ ଲାଇନର ଦୋହରୀକରଣ ଏବଂ ବାଦଲପୁରା-କରଜତର ତୃତୀୟ ଓ ଚତୁର୍ଥ ରେଳ ଲାଇନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ସବୁ ପ୍ରକଳ୍ପ ଲାଗି କେନ୍ଦ୍ର କ୍ୟାବିନେଟ୍ ମୋଟ ୧୯,୯୧୯ କୋଟି ଟଙ୍କା ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର ୭,୨୮୦ କୋଟି ଟଙ୍କାର 'ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗନେଟ୍ ଉତ୍ପାଦନ ପ୍ରୋତ୍ସାହନ ଯୋଜନା'କୁ ମଞ୍ଜୁରି ଦେଇଛି।

ସୂଚନା ଓ ପ୍ରସାରଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଭାରତରେ ବାର୍ଷିକ ୬,୦୦୦ ମେଟ୍ରିକ୍ ଟନ୍ ରେୟାର ଆର୍ଥ ପରମାନେଣ୍ଟ ମ୍ୟାଗନେଟ୍ ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ଦାର୍ଯ୍ୟ ହୋଇଛି। ଏହା ଆତ୍ମନିର୍ଭରଶୀଳତା ବୃଦ୍ଧି କରିବ ଏବଂ ବିଶ୍ୱ ରେୟାର ଆର୍ଥ ବଜାରରେ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବରେ ପରିଚିତ କରାଇବ। ଏହି ଯୋଜନାରେ ମୋଟ ୭୨୮୦ କୋଟି ଟଙ୍କା ଖର୍ଚ୍ଚ ହେବ।

ସେହିଭଳି କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରେଳ ଲାଇନ୍ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ପୁଣେର ସାର୍ବଜନୀନ ପରିବହନ ନେଟୱର୍କକୁ ଆଉ ଏକ ବଡ଼ ପ୍ରୋତ୍ସାହନ ମିଳିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ପୁଣେ ମେଟ୍ରୋ ରେଳ ପ୍ରକଳ୍ପର ପର୍ଯ୍ୟାୟ ୨ ଅନ୍ତର୍ଗତ ଲାଇନ ୪ (ଖାରଡି-ହଡପସର-ସ୍ୱର୍ଗଗେଟ-ଖଡକୱାସଲା) ଏବଂ ଲାଇନ ୪ଏ (ନାଲ୍ ଷ୍ଟପ୍-ୱାର୍ଜେ-ମାଣିକ ବାଗ)କୁ ମଞ୍ଜୁରୀ ଦେଇଛି। ଲାଇନ ୨ଏ (ଭଞ୍ଜ-ଚାନ୍ଦନୀ ଚୌକ) ଏବଂ ଲାଇନ ୨ବି (ରାମୱାଡି-ୱାଘୋଲି/ଭିଠଲୱାଡି) ପରେ ପର୍ଯ୍ୟାୟ ୨ ଅଧୀନରେ ଏହା ଦ୍ୱିତୀୟ ପ୍ରମୁଖ ପ୍ରକଳ୍ପ। ମୋଟ ୩୧,୬୩୬ କିଲୋମିଟର ବ୍ୟାପ୍ତ ଏହି ରେଳ ଲାଇନରେ ୨୮ ଟି ଉଚ୍ଚ ଷ୍ଟେସନ ରହିବ। ଲାଇନ ୪ ଏବଂ ୪ଏ ପୂର୍ବ, ଦକ୍ଷିଣ ଏବଂ ପଶ୍ଚିମ ପୁଣେରେ ଆଇଟି ହବ୍, ବାଣିଜ୍ୟିକ ଜୋନ୍, ଶିକ୍ଷାନୁଷ୍ଠାନ ଏବଂ ଆବାସିକ କ୍ଲଷ୍ଟରଗୁଡ଼ିକୁ ସଂଯୋଗ କରିବ। ପାଞ୍ଚ ବର୍ଷ ମଧ୍ୟରେ ସମାପ୍ତ ହେବାକୁ ଥିବା ଏହି ପ୍ରକଳ୍ପର ମୂଲ୍ୟ ଆନୁମାନିକ ୯,୮୫୭.୮୫ କୋଟି ଟଙ୍କା ହେବ। ଏହାକୁ ଭାରତ ସରକାର, ମହାରାଷ୍ଟ୍ର ସରକାରଙ୍କ ସମେତ ଅନ୍ୟ ଫଣ୍ଡିଂ ଏଜେନ୍ସି ମିଳିତ ଭାବରେ ପାଣ୍ଠି ଯୋଗାଇବେ।

ନିର୍ବାଚନ ପରାଜୟ ପରେ କରିଥିଲେ ଷଡ଼ଯନ୍ତ୍ର

ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତିଙ୍କୁ ୨୭ ବର୍ଷ ଜେଲ

ବ୍ରାଜିଲିଆ, ୨୬।୧୧: ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାୟର ବୋଲସେନାରୋଙ୍କୁ ସୁପ୍ରିମକୋର୍ଟ ଏକ ଷଡଯନ୍ତ୍ର ମାମଲାରେ ୨୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ତାଙ୍କ ଉପରେ ଅଭିଯୋଗ ଥିଲା କି, ୨୦୨୨ ରେ ରାଷ୍ଟ୍ରପତି ନିର୍ବାଚନରେ ସେ ପରାଜିତ ହେବା ପରେ କ୍ଷମତାରେ ରହିବାକୁ ବିଜୟୀ ରାଷ୍ଟ୍ରପତି ଲୁଲା ଡି ସିଲବାଙ୍କ ସରକାର ଭାଙ୍ଗିଦେବାକୁ ଷଡଯନ୍ତ୍ର କରିଥିଲେ। ଶୁଣାଣି ସମୟରେ ବୋଲସେନାରୋଙ୍କ ଟିମ୍ କୋର୍ଟଙ୍କ ରାୟ ବିରୋଧରେ ଶେଷ ଆବେଦନ ବି କରିନାହାଁନ୍ତି। ଯାହାପରେ ବିଚାରପତି ଜଷ୍ଟିସ ଆଲେକଜାଣ୍ଡ୍ରେ ସୋରାଏସ ୨୭ ବର୍ଷର ଜେଲଦଣ୍ଡ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତିଙ୍କ ନିର୍ଦ୍ଦେଶ ମୁତାବକ ବୋଲସେନାରୋଙ୍କୁ ଏବେ ରାଜଧାନୀ ବ୍ରାଜିଲିଆର ଫେଡେରାଲ ପୁଲିସ ହେଡକ୍ୱାର୍ଟରରେ ରଖାଯିବ। ସେପଟେ ଶନିବାର ଦିନ ସେ ଫେରାର ହେବା ଆଶଂକା କରି ତାକୁ ଗିରଫ କରାଯାଇଥିଲା। ବୋଲସେନାରୋ ସୁପ୍ରିମକୋର୍ଟ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ରାଷ୍ଟ୍ରପତି ଲୁଲା ଡି ସିଲବା ଓ ବିଚାରପତି ଡି ମୋରାୟସଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ଏବଂ ସେନା ସହାୟତାରେ ନିର୍ବାଚନ ଫଳାଫଳ ବଦଳାଇବାକୁ ଚେଷ୍ଟା କରିଥିଲେ। ସେପଟେ ରାୟ ପରେ ବୋଲସେନାରୋଙ୍କ ଓକିଲ ଗୁହାରି କରିଥିଲେ କି, ସ୍ୱାସ୍ଥ୍ୟଗତ କାରଣରୁ ବୋଲସେନାରୋଙ୍କୁ ଗୃହବନ୍ଦୀ କରାଯାଉ। ହେଲେ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ।

ଇମ୍ରାନ ଖାଁଙ୍କୁ ଜେଲରେ କରାଯାଇଛି କି ହତ୍ୟା

ଭେଟିବା ଜିଦ୍‌ରେ ୩ ଭଉଣୀ ଅଟଳ

ଇସଲାମାବାଦ, ୨୬।୧୧: ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଜୀବିତ ଅଛନ୍ତି ନା ଜେଲରେ ତାଙ୍କୁ ହତ୍ୟା କରାଯାଇଛି, ଏନେଇ ତର୍କ ଆରମ୍ଭ ହୋଇଛି। ତାଙ୍କ ଜୀବିତ ରହିବା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପାକିସ୍ତାନରେ ଅନେକ ଗୁଜବ ପ୍ରସାରିତ ହେଉଛି। ଗୁଜବ ହେଉଛି ଯେ, ଜେଲରେ ତାଙ୍କୁ ହତ୍ୟା କରାଯାଇଛି। ଆଉ ଅନ୍ୟପଟେ ଇମ୍ରାନ ଖାନଙ୍କ ତିନି ଭଉଣୀଙ୍କୁ ଗତ ୨୧ ଦିନ ଧରି ଆଡିଆଲା ଜେଲରେ ତାଙ୍କ ଭାଇଙ୍କୁ ସାକ୍ଷାତ କରିବାକୁ ମନା କରାଯାଉଛି। ଯେଉଁଥି ପାଇଁ ଇମ୍ରାନ ଖାନଙ୍କ ଭଉଣୀମାନେ ପାକିସ୍ତାନର ପଞ୍ଜାବ ପ୍ରଦେଶର ଆଇଜିଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୋର୍ଟର ଅନୁମତି ସତ୍ତ୍ୱେ, ଇମ୍ରାନ ଖାନଙ୍କ ତିନି ଭଉଣୀ ଏବଂ ଓକିଲଙ୍କୁ ରାୱଲପିଣ୍ଡିର ଆଡିଆଲା ଜେଲରେ ତାଙ୍କୁ ଭେଟିବାକୁ ଅନୁମତି ଦିଆଯାଉନାହିଁ। ଭଉଣୀମାନେ ଅଭିଯୋଗ କରିଛନ୍ତି ଯେ, ଇମ୍ରାନ ଖାନଙ୍କ ଅବସ୍ଥା କିମ୍ବା ସ୍ୱାସ୍ଥ୍ୟାବସ୍ଥା ବିଷୟରେ କୌଣସି ସରକାରୀ ସୂଚନା ନାହିଁ। ଇମ୍ରାନଙ୍କ ଭଉଣୀ ନୌରିନ ଆଡିଆଲା ଏ ସମ୍ପର୍କରେ ପଞ୍ଜାବ ଆଇଜିଙ୍କୁ ଅଭିଯୋଗ କରିଛନ୍ତି।

ସେପଟେ ଆଫଗାନ୍ ଗଣମାଧ୍ୟମରେ ଇମ୍ରାନ ଖାନଙ୍କ ବିଷୟରେ ଅନେକ କିଛି କଥା କୁହାଯାଉଛି। ଆଉ ପାକିସ୍ତାନ ସରକାରଙ୍କୁ ଏଥିରେ ଅଭିଯୁକ୍ତ ବୋଲି ଦର୍ଶାଯାଉଛି। ସେହିଭଳି ପିଟିଆଇ ସମର୍ଥକମାନେ ପ୍ରଶ୍ନ କରିଛନ୍ତି ଯେ, ଯଦି ଇମ୍ରାନ ଖାନ ସୁସ୍ଥ ଅଛନ୍ତି, ତେବେ ପୋଲିସ ତାଙ୍କୁ ଭେଟିବାକୁ କାହିଁକି ଅନୁମତି ଦେଉନାହିଁ। ଗତ ସପ୍ତାହରେ, ଇମ୍ରାନଙ୍କ ଭଉଣୀମାନେ ଆଡିଆଲା ଜେଲ ବାହାରେ ଡେରା ପକାଇଥିଲେ, ଯେଉଁଠି କି ପିଟିଆଇ ପ୍ରତିଷ୍ଠାତାଙ୍କୁ ବର୍ତ୍ତମାନ ବନ୍ଦୀ କରି ରଖାଯାଇଛି । ସେମାନେ ପିଟିଆଇର ଅନ୍ୟ ସଦସ୍ୟମାନଙ୍କୁ ତାଙ୍କ ସହିତ ସାକ୍ଷାତ କରିବାରୁ ମଧ୍ୟ ବାରଣ କରିଥିଲେ।

ସୂଚନାଯୋଗ୍ୟ ଯେ, ପୂର୍ବତନ ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଅଗଷ୍ଟ ୨୦୨୩ ରୁ ରାୱଲପିଣ୍ଡିର ଆଡିଆଲା ଜେଲରେ ବନ୍ଦୀ ଅଛନ୍ତି। ଅଲ-କାଦିର ଟ୍ରଷ୍ଟ ମାମଲାରେ ଦୁର୍ନୀତି ଅଭିଯୋଗରେ ତାଙ୍କୁ ଜାତୀୟ ଆକାଉଣ୍ଟେବିଲିଟି ବ୍ୟୁରୋ ଗିରଫ କରିଥିଲା।

ଉପକୂଳରେ ମାଡ଼ ହେବ ବାତ୍ୟା

ଓଡ଼ିଶା ସମେତ ୬ ରାଜ୍ୟରେ ହେବ ବର୍ଷା



ନୂଆଦିଲ୍ଲୀ,୨୬।୧୧ : ବଙ୍ଗୋପସାଗରରେ ଘୂର୍ଣ୍ଣିଝଡ଼ ଯୋଗୁ ଆଗାମୀ କିଛି ଘଣ୍ଟା ମଧ୍ୟରେ ଆଣ୍ଡାମାନ ସାଗରର ପାଗରେ ହଠାତ୍ ପରିବର୍ତ୍ତନ ହୋଇପାରେ। ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁଯାୟୀ, ଆଗାମୀ ଦୁଇ ଦିନ ମଧ୍ୟରେ ସେନ୍ୟାର ନାମକ ଏକ ଘୂର୍ଣ୍ଣିଝଡ଼ ଉପକୂଳରେ ମାଡ଼ ହେବାର ସମ୍ଭାବନା ରହିଛି। ଏହା ଯୋଗୁ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ ଏବଂ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ମଧ୍ୟ ହୋଇପାରେ।

ଭାରତୀୟ ପାଣିପାଗ ବିଭାଗ ନଭେମ୍ବର ୨୬ ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଦକ୍ଷିଣ ଭାରତର ଅନେକ ରାଜ୍ୟ ପାଇଁ ପ୍ରବଳ ବର୍ଷା ସତର୍କତା ଜାରି କରିଛି। ଏହି ଝଡ଼ ଦକ୍ଷିଣ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ପବନ, ପ୍ରବଳ ବର୍ଷା ଏବଂ ବନ୍ୟା ଆଣିପାରେ। ପ୍ରଭାବିତ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡ଼ୁ, କେରଳ, ଆନ୍ଧ୍ରପ୍ରଦେଶ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ଅନ୍ତର୍ଭୁକ୍ତ ରହିଛି।

ଦକ୍ଷିଣ ଥାଇଲ୍ୟାଣ୍ଡରେ ଭୟଙ୍କର ବନ୍ୟା, ୧୭ ମୃତ

ନୂଆଦିଲ୍ଲୀ ୨୬।୧୧: ଦକ୍ଷିଣ ଥାଇଲ୍ୟାଣ୍ଡରେ ପ୍ରବଳ ବର୍ଷା ପରେ ଭୟଙ୍କର ବନ୍ୟା ସୃଷ୍ଟି ହୋଇଛି। ରାସ୍ତାଘାଟ ବୁଡ଼ିବା ସହ ଘର ଦୁଆର ପାଣିରେ ଉବୁଟୁବୁ। ସ୍ଥିତି ଏମିତି ହୋଇଛି ମଙ୍ଗଳବାର ସୋଙ୍ଗ୍ଖ୍ଲା ପ୍ରଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ହୋଇଥିଲା। ଏପରି ସ୍ଥିତି ପାଇଁ ବାଧ୍ୟ ହୋଇଥିଲେ ସରକାର। ଅଧିକାରୀମାନେ କହିଛନ୍ତି ଯେ, ବନ୍ୟା ପ୍ରଭାବିତ ଚାରୋଟି ପ୍ରଦେଶରେ ଅତି କମରେ ୧୭ଜଣଙ୍କ ମୃତ୍ୟୁ ହୋଇଛି। ଥାଇଲ୍ୟାଣ୍ଡରେ ନୌସେନା ମୁତୟନ ହୋଇଛନ୍ତି। ୧୪ଟି ଡଙ୍ଗା ସହ ହେଲିକପ୍ଟର, ଡାକ୍ତରୀ ଦଳ ନିୟୋଜିତ ହୋଇଛନ୍ତି। ନୌସେନା ଏକ ବିବୃତ୍ତିରେ କହିଛି, ରେସ୍କ୍ୟୁ ଟିମ୍ ଭାସମାନ ହସ୍ପିଟାଲ ବ୍ୟବସ୍ଥା ବି କରିଛି। ଜାତୀୟ ପାଣିପାଗ ସଂସ୍ଥା ପ୍ରବଳ ବର୍ଷା ଓ ସମ୍ଭାବ୍ୟ ସତର୍କ ସୂଚନା ଜାରି କରିଛି। ଉଦ୍ଧାରକାରୀ ଦଳଗୁଡ଼ିକ ଡଙ୍ଗା, ଜେଟସ୍କି ଏବଂ ସାମରିକ ଟ୍ରକ ବ୍ୟବହାର କରି ଲୋକଙ୍କୁ ଉଚ୍ଚ ଜଳସ୍ତର ମଧ୍ୟରେ ସ୍ଥାନାନ୍ତର କରାଯାଇଛି। ପ୍ରାଦେଶିକ ପ୍ରଶାସନ କହିଛି ଯେ, ବନ୍ୟା ଘରୁ ୧,୨୦୦ ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ଣ୍ଣଭିରାକୁଲ୍ ସ୍ଥାନାନ୍ତର ନିମନ୍ତେ ସହାୟତା ପାଇଁ ଅତିରିକ୍ତ ଡଙ୍ଗା ଏବଂ ଟ୍ରକ ଯୋଗାଇ ଦେଇଛନ୍ତି। ଥାଇଲ୍ୟାଣ୍ଡରେ ନିୟମିତ ଭାବରେ ଜୁନ୍ ଓ ସେପ୍ଟେମ୍ବର ମଧ୍ୟରେ ପ୍ରବଳ ମୌସୁମୀ ବର୍ଷା ହୋଇଥାଏ। ଗତ ସପ୍ତାହ ଶେଷ ଠାରୁ ଦିନ ଧରି ପ୍ରବଳ ବର୍ଷା ହେବା ଫଳରେ ହାଟ ୟାଇ ଏବଂ ଆଖପାଖ ଅଞ୍ଚଳଗୁଡ଼ିକର କିଛି ଅଂଶ ଜଳମଗ୍ନ ହୋଇଯାଇଛି ଏବଂ ସ୍ଥାନାନ୍ତର ପ୍ରକ୍ରିୟା ଏବେ ବି ଜାରି ରହିଛି। ସୋଙ୍ଗ୍ଖ୍ଲା ଏବଂ ହାଟ୍ ୟାଇ ବ୍ୟତୀତ, ବନ୍ୟା ଥାଇଲ୍ୟାଣ୍ଡର ନଅଟି ପ୍ରଦେଶ ଓ ପଡ଼ୋଶୀ ମାଲେସିଆର ଆଠଟି ରାଜ୍ୟକୁ ପ୍ରଭାବିତ କରିଛି। ପ୍ରାୟ ୧୯ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛି।

ରେସ୍କ୍ୟୁ ଅପରେଶନ ଜାରି, ୧୯ ଲକ୍ଷ ଲୋକ ପ୍ରଭାବିତ

ଟ୍ରେନ୍‌ରେ ହଲାଲ୍ ମିଟ୍‌କୁ ବିରୋଧ

● ରେଳବାଇକୁ ଏନଏଚ୍‌ଆରସିର ନୋଟିସ୍

ନୂଆଦିଲ୍ଲୀ,୨୬।୧୧: ଡକ୍ଟର ଆମ୍ବେଦକର ଜନକଲ୍ୟାଣ ସମିତିର ଅଭିଯୋଗ ଆଧାରରେ ଏନଏଚ୍‌ଆରସି ରେଳବାଇକୁ ଏକ ନୋଟିସ ଜାରି କରିଛି। ଟ୍ରେନରେ କେବଳ ହଲାଲ ମାଂସ ପରଷା ଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ରେଳବାଇକୁ କହିଛନ୍ତି ଜାତୀୟ ମାନବାଧିକାର କମିଶନ। ଜାତୀୟ ମାନବାଧିକାର କମିଶନ ମାନବାଧିକାର ଆଇନର ଧାରା ୧୨ ଅନୁଯାୟୀ ଭାରତୀୟ ରେଳବାଇକୁ ଏକ ନୋଟିସ ଜାରି କରିଛନ୍ତି। ରେଳବାଇ ଆମିଷ ଥାଳିରେ କେବଳ ହଲାଲ ପ୍ରକ୍ରିୟାକୃତ ମିଟ୍ ଦେଉଛି ବୋଲି ଅଭିଯୋଗ ହୋଇଛି। ଏହା ଦ୍ୱାରା ହିନ୍ଦୁ, ଶିଖ୍ ଏବଂ ଅନୁସୂଚିତ ଜାତିର ଲୋକମାନଙ୍କ ମାନବାଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ଅଭିଯୋଗକାରୀ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସମିତର ଅଭିଯୋଗ ଅନୁସାରେ, ହିନ୍ଦୁ, ଶିଖ ଏବଂ ଅନୁସୂଚିତ ଜାତିର ଲୋକମାନେ ମଧ୍ୟ ମାଂସ ବିକ୍ରି କରୁଛନ୍ତି। ଭାରତୀୟ ରେଳରେ କେବଳ ହଲାଲ ମିଟ୍ ଦିଆଗଲେ ସେମାନଙ୍କୁ ଏହି କ୍ଷେତ୍ରରେ ବ୍ୟବସାୟ କରିବାର ସୁଯୋଗ ମିଳି ପାରିବନାହିଁ। ଅଭିଯୋଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ଏନଏଚଆରସି ଏହି ମାମଲାକୁ ବିଚାରକୁ ନେଇ ରେଳବାଇ ବୋର୍ଡର ଅଧ୍ୟକ୍ଷଙ୍କୁ ଏକ ନୋଟିସ ଜାରି କରିଛନ୍ତି। କମିଶନ ନିର୍ଦ୍ଦେଶ ଦେଇଛନ୍ତି ଯେ, ରେଳବାଇ ଦୁଇ ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ଏକ ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବ।

ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଭୟଙ୍କର ଅଗ୍ନିକାଣ୍ଡ ; ୪ ମୃତ

ହଂକଂ, ୨୬।୧୧: ନୂଆଦିଲ୍ଲୀ: ଚୀନର ହଂକଂରେ ବଡ଼ ବଡ଼ ଅଟ୍ଟାଳିକାରେ ଅଗ୍ନିକାଣ୍ଡ ଘଟିଛି। ହୁତୁ ହୁତୁ ହୋଇ ଜଳିଯାଇଛି ନଭଶ୍ଚୁମ୍ବୀ ଅଟ୍ଟାଳିକା। ତାଇ ପୋ ଜିଲ୍ଲାରେ ଥିବା କମ୍ପ୍ଲେକ୍ସରେ ନିଆଁ ଲାଗି ୪ ଜଣଙ୍କର ଜୀବନ ଯାଇଛି। ଅନେକ ଲୋକ ଏବେ ବି ବିଲ୍ଡିଂ ଭିତରେ ଫସି ରହିଛନ୍ତି। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା ଚଳାଇଛି। ତେବେ ୪ ମୃତକଙ୍କ ମଧ୍ୟରେ ଜଣେ ଅଗ୍ନିଶମ ବାହିନୀର ଯବାନ ମଧ୍ୟ ଅଛନ୍ତି। ଅଗ୍ନିକାଣ୍ଡ ସମୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଏଥିରୁ ଜଣାପଡ଼ିଛି ଯେ, ପାଖାପାଖି ଥିବା ୫ଟି ବଡ଼ ବିଲ୍ଡିଂରେ ନିଆଁ ଲାଗିଛି। ଅଗ୍ନିଶମ ଅଧିକାରୀଙ୍କ ଅନୁସାରେ, ଏହ ସବୁ ବିଲ୍ଡିଂରେ ଆଉ କେତେ ଲୋକେ ଫସି ରହିଛନ୍ତି ସେନେଇ ଜଣାପଡ଼ିନାହିଁ। ଅନେକ ଲୋକ ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି। ୩୧ ମହଲା ବିଲ୍ଡିଂରେ ନିଆଁ ଲାଗିଥିବା ବେଳେ ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିଛି। ୱାଙ୍ଗ ଫୁକ୍ କୋର୍ଟ ଆବାସିକ ଅଞ୍ଚଳରେ ମୋଟ ୨୦୦୦ ଆପାର୍ଟମେଣ୍ଟ ରହିଛି। ମିଳିଥିବା ସୂଚନା ଅନୁସାରେ, ଆପାର୍ଟମେଣ୍ଟ ବାହାରେ ଲାଗିଥିବା ବାଉଁଶରେ ନିଆଁ ଲାଗି ପୂରା ବିଲ୍ଡିଂକୁ ବ୍ୟାପିଯାଇଛି। ଉଚ୍ଚକୁ ଉଠୁଥିବା ଧୂଆଁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରିଛି।

କଂଗ୍ରେସକୁ କର୍ଣ୍ଣାଟକ ଭୟ

ଡିସେମ୍ବର ୧ ସୁଦ୍ଧା ନିଷ୍ପତ୍ତି ନେବେ ରାହୁଲ

ନୂଆଦିଲ୍ଲୀ, ୨୬।୧୧ : କର୍ଣ୍ଣାଟକ କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରୁଛନ୍ତି ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଗୋଷ୍ଠୀ। ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ଦିଲ୍ଲୀରେ ଲବି ଆରମ୍ଭ ହୋଇଯାଇଛି। ସେମାନେ ସିଦ୍ଧରମୈୟାଙ୍କୁ ଗ୍ରହଣ କରିପାରୁନାହାଁନ୍ତି। ବାରମ୍ବାର ଦିଲ୍ଲୀ ଗସ୍ତ କରି ଟପ୍ ନେତାଙ୍କୁ ଭେଟି ଦାବି ଉପସ୍ଥାପନା କରୁଛନ୍ତି। ତେବେ ଡିସେମ୍ବର ପୂର୍ବରୁ ଏଆଇସିସିର ଶୀର୍ଷ ନେତୃତ୍ୱ ଏବାବଦରେ ଚୂଡାନ୍ତ ନିଷ୍ପତ୍ତି ନେବା ନେଇ ଚର୍ଚ୍ଚା ହେଉଛି। ଦଳର ସୂତ୍ରାନୁସାରେ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଖୁବ୍ ଶୀଘ୍ର ରାହୁଲ ଗାନ୍ଧୀଙ୍କୁ ଭେଟିବେ। ବୁଧବାର କିମ୍ବା ଗୁରୁବାର ଉଭୟ ନେତା ସାକ୍ଷାତ କରିପାରନ୍ତି। ଉଭୟ ସିଦ୍ଧରମୈୟା ଏବଂ ଡିକେ ଶିବକୁମାରଙ୍କୁ ଦିଲ୍ଲୀ ଡକାଯିବ। ନଭେମ୍ବର ୨୮ କିମ୍ବା ୨୯ରେ ସେମାନେ ଦିଲ୍ଲୀ ଗସ୍ତ କରିବେ। ଦୁଇ ନେତା ଖୋଲାଖୋଲି ଭାବେ ବିଭିନ୍ନ ବୟାନ ଦେଇଥିବା ବାବଦରେ ସେମାନଙ୍କୁ ପ୍ରଶ୍ନ କରାଯାଇପାରେ। କୁହାଯାଉଛି ଯେ, କଂଗ୍ରେସର ହାଇକମାଣ୍ଡ କର୍ଣ୍ଣାଟକ ଅଡୁଆକୁ ଶୀଘ୍ର ତୁଟାଇବା ମୁଡରେ ଅଛନ୍ତି । ଆସନ୍ତା ଶୀତ ଅଧିବେଶନ ପୂର୍ବରୁ ଏପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡିବ। ଦକ୍ଷିଣରେ ନିଜର ସ୍ଥିତି ବଜାୟ ରଖିବା ପାଇଁ କର୍ଣ୍ଣାଟକ ସରକାରରେ ସ୍ଥିରତା ଜରୁରୀ ବୋଲି ଦଳ ବୁଝିସାରିଛି। ଗୋଟିଏ ଦିଗରେ ସିଦ୍ଧରମୈୟାଙ୍କ ସମର୍ଥିତ ବିଧାୟକ ଏବେ ଯାଏଁ ନିରବତା ବଜାୟ ରଖିଛନ୍ତି। ମାର୍ଚ୍ଚ ମାସରେ କ୍ୟାବିନେଟ ଅଦଳବଦଳ ହେବାକୁ ଥିବାରୁ ସେମାନେ ମୁହଁ ଖୋଲୁ ନାହାଁନ୍ତି। ଅନ୍ୟ ଦିଗରେ ଶିବକୁମାରଙ୍କ ସମର୍ଥିତ ବିଧାୟକ ୨୦୨୩ର ଜବାବ ଅନୁସାରେ ଦଳକୁ କାର୍ଯ୍ୟ କରିବା ପାଇଁ ଚାପ ପକାଉଛନ୍ତି। ହେଲେ ସମସ୍ତ ନିଷ୍ପତ୍ତି ରାହୁଲ ଗାନ୍ଧୀ ଏବଂ ଟପ୍ ନେତାଙ୍କ ଉପରେ ନିର୍ଭର କରିବ। ଦଳ ସିଦ୍ଧରମୈୟାଙ୍କୁ ଭରସା କରିବ ନା ଡିକେଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରିବ ତାହା ଡିସେମ୍ବର ୧ସୁଦ୍ଧା ସ୍ପଷ୍ଟ ହୋଇଯିବ।

ବିପଦରେ ଗଣତନ୍ତ୍ର ଏବଂ ଧର୍ମନିରପେକ୍ଷତା

ସମ୍ବିଧାନ ଦିବସରେ କଟାକ୍ଷ କଲେ ମମତା

ନୂଆଦିଲ୍ଲୀ, ୨୬।୧୧: ସମ୍ବିଧାନ ଦିବସରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଯେତେବେଳେ ଗଣତନ୍ତ୍ର, ଧର୍ମ ନିରପେକ୍ଷତା ଏବଂ ସଙ୍ଘୀୟ ବ୍ୟବସ୍ଥା ବିପଦରେ ରହିଛି ସେତେବେଳେ ଏସବୁର ସୁରକ୍ଷା ଜରୁରୀ ବୋଲି ମମତା କହିଛନ୍ତି।

ମମତା କହିଛନ୍ତି ଯେ, ସମ୍ବିଧାନକୁ ସମ୍ମାନ ଦେବା ନାଗିକଙ୍କ କର୍ତ୍ତବ୍ୟ। ଏହା ଭାରତର ମେରୁଦଣ୍ଡ। ଦେଶର ବିଭିନ୍ନତାକୁ ଏକସୂତ୍ରରେ ବାନ୍ଧି ରଖିବାରେ ସମ୍ବିଧାନର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାସହ ସେ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଛନ୍ତି ଯେ, ଦେଶରେ ବିଭିନ୍ନ ସଂସ୍କୃତି, ଭାଷାଭାଷୀର ଲୋକେ ବସବାସ କରନ୍ତି। ସମସ୍ତଙ୍କୁ ବାନ୍ଧି ରଖିବାରେ ସମ୍ବିଧାନ ସଫଳ ହୋଇଛି। ସମ୍ବିଧାନର ସମସ୍ତ ନୀତି ନିୟମକୁ ସମ୍ମାନ ଦେବା ଆବଶ୍ୟକ। ସେ ଆହୁରି କହିଛନ୍ତି ଯେ, ଏବେ ସମ୍ବିଧାନ ବିପଦରେ ରହିଛି। ଗଣତନ୍ତ୍ର ବିପଦରେ ପଡିଛି। ଧର୍ମନିରପେକ୍ଷତା ଶେଷ ହେବାକୁ ବସିଲାଣି। ଏପରି କଠିନ ସମୟରେ ଆମକୁ ସମ୍ବିଧାନର ସୁରକ୍ଷା କରିବାକୁ ପଡିବ। ଏହାଦ୍ୱାରା ସେ ପରୋକ୍ଷରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିବା କୁହାଯାଉଛି।

୨୬/୧୧ ଆକ୍ରମଣକୁ ୧୭ ବର୍ଷ ପୂରିଲା

ମୁମ୍ବାଇ,୨୬।୧୧: ୨୦୦୮ ନଭେମ୍ବର ୨୬ ପୂରା ଦେଶର ଛାତିରେ ଅଲିଭା ଦାଗ ଦେଇଥିବା ବର୍ଷ। ଆତଙ୍କୀଙ୍କ ଆତଙ୍କ, ଅନ୍ଧାଧୁନ୍ଦ ଗୁଳିବର୍ଷା, ଜଣେ ପରେ ଜଣେ ଶବ ପାଲଟୁଥିବାର ଦୃଶ୍ୟ, ହୋଟେଲ ତାଜ ଶିଖରରେ ନିଆଁ ଆଉ ତାପରେ ଅପରେସନ୍... ଆତଙ୍କବାଦୀଙ୍କ ଧ୍ୱଂସଲୀଳାରୁ କୁଢକୁଢ ଶବର ସଂସ୍କାର ଯାଏଁ... ଆଜି ବି ୨୬/୧୧ ମୁମ୍ବାଇ ଆକ୍ରମଣ କଥା ମନେପଡିଗଲେ ଥରିଉଠେ ଛାତି। ଆଉ ଆଜି ସେହି କଳାଦିନକୁ ପୂରିଛି ୧୭ ବର୍ଷ। ଠିକ୍ ୧୭ ବର୍ଷ ତଳେ ଦୋହଲି ଯାଇଥିଲା ଦେଶ। ମୁମ୍ବାଇରେ ବଡ଼ ଆକ୍ରମଣ କରିଥିଲେ ଆତଙ୍କବାଦୀ। ଆତଙ୍କୀଙ୍କ ହାତରେ ଏକେ-୪୭ର ଗର୍ଜନ ସହ ୬୦ ଘଣ୍ଟା ପାଇଁ ମୁମ୍ବାଇରେ ଚାଲିଥିଲା ଛାତିଥରା ସୈତାନଙ୍କ ଆତଙ୍କରାଜ। ତାଜ ହୋଟେଲରୁ ବାହାରୁଥିବା ଧୂଆଁ ହିଁ ସେଦିନ କହୁଥିଲା ୨୬/୧୧ ଆକ୍ରମଣ କେତେ ଭୟଙ୍କର ଥିଲା। ଆଉ କେତେ ନୀରିହ ଲୋକ ସେଦିନ ଆତଙ୍କୀଙ୍କ ଗୁଳିରେ ଆଖି ବୁଜିଥିଲେ।

ଛତ୍ରପତି ଶିବାଜୀ ଟର୍ମିନାଲ ଭିତରେ ଆଖି ବୁଜା ଗୁଳିମାଡ କରିଥିଲେ ୨ ଆତଙ୍କବାଦୀ। ଆଉ ସବୁଦିନ ପାଇଁ ଶେଷ ହୋଇଯାଇଥିଲା ୧୭୫ ନୀରିହ ଲୋକଙ୍କ ଜୀବନ। ଷ୍ଟେସନରେ ନାରକୀୟ କାଣ୍ଡ ପରେ ତାଜ ହୋଟେଲ ସହ ଲିୟୋପୋର୍ଲ୍ଡ କାଫେ, କାମା ହସ୍ପିଟାଲ ଆଉ ଦକ୍ଷିଣ ମୁମ୍ବାଇରେ ଗର୍ଜିଥିଲା ଆତଙ୍କବାଦୀଙ୍କ ବନ୍ଧୁକ । ୨୭ ନଭେମ୍ବର ସକାଳୁ ସକାଳୁ ତାଜ ହୋଟେଲର ହେରିଟେଜ ୱିଙ୍ଗରେ ନିଆଁ ଲଗାଇ ଦେଇଥିଲେ ଆତଙ୍କୀ। ଏହାପରେ ଆରମ୍ଭ ହୋଇଥିଲା ସ୍ପେଶାଲ ଅପରେସନ। ସୁରକ୍ଷାକର୍ମୀଙ୍କ ଗୁଳିରେ ୯ ଆତଙ୍କବାଦୀ ନିପାତ ହୋଇଥିଲେ। ଆଉ ଶେଷରେ ଧରାପଡିଥିଲା ଦୁର୍ଦ୍ଧାନ୍ତ ଆତଙ୍କବାଦୀ ଅଜମଲ କସାବ। ଯାହାକୁ ପରେ ଫାଶୀ ଖୁଣ୍ଟରେ ଝୁଲାଇଥିଲେ ଭାରତର ସୁପ୍ରିମକୋର୍ଟ।

ଆତଙ୍କବାଦୀ ରଚିଥିଲେ ମୃତ୍ୟୁର ତାଣ୍ଡବଲୀଳା

ଆଜି ସେହି ଦିନକୁ ୧୭ ବର୍ଷ ପୂରି ଥିବା ବେଳେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି- ଆମ ଦେଶର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିବା ସାହସୀ ସୈନିକମାନଙ୍କୁ ମୁଁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ନିରାଶ କଲା ଟିମ୍ ଇଣ୍ଡିଆ

ଦକ୍ଷିଣ ଆଫ୍ରିକାଠାରୁ ଶୋଚନୀୟ ପରାସ୍ତ

ଗୌହାଟୀ,୨୬।୧୧: ନିଜ ମାଟିରେ ଟିମ୍ ଇଣ୍ଡିଆର ଶୋଚନୀୟ ପରାଜୟ। ଗୌହାଟୀରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରି ଭାରତକୁ ୪୦୮ ରନ୍‌ରେ ପରାସ୍ତ କଲା ଦକ୍ଷିଣ ଆଫ୍ରିକା। ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚ୍‌ର ଜିତିଥିବା ବେଳେ ଭାରତ କୌଣସି ବି ମ୍ୟାଚରେ ଜିତିପାରିନାହିଁ। ଏହା ଭାରତର ସବୁଠାରୁ ବଡ଼ ଟେଷ୍ଟ ପରାଜୟ। ଏହି ଟେଷ୍ଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ୍‌ରେ ୪୮୯ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ପାଇଁ ସେନୁରନ୍ ମୁଥୁସାମି ୧୦୯

ରନ୍ କରିଥିଲେ, ଯାହା ସେମାନଙ୍କୁ ୪୮୯ ରନ୍‌ରେ ପହଞ୍ଚିବାରେ ସାହାଯ୍ୟ କରିଥିଲା। ଟ୍ରିସ୍ଟନ ଷ୍ଟବ୍ସ ମଧ୍ୟ ୪୯ ରନ୍ କରିଥିଲେ। ଏହି ଦୁଇଟି ଇନିଂସ୍ ବ୍ୟତୀତ କାଇଲ୍ ବେରେନ୍ ୪୫ରନ୍ କରିଥିଲେ।

ପ୍ରଥମ ଇନିଂସ୍‌ରେ ଭାରତ ପାଇଁ କୁଲଦୀପ ଯାଦବ ୪ଟି ୱିକେଟ୍ ନେଇଥିବା ବେଳେ ଜାଡେଜା ଦୁଇଟି ୱିକେଟ୍ ନେଇଥିଲେ। ଏହା ପରେ ଭାରତର ବ୍ୟାଟିଂ କରିବା ପାଳି ଆସିଥିଲା। ବ୍ୟାଟିଂ କରି ଭାରତୀୟ ଦଳ ଏହାର ପ୍ରଥମ ଇନିଂସ୍‌ରେ କେବଳ ୨୦୧ ରନ୍ କରିପାରିଥିଲା। ଏହି ଟେଷ୍ଟ ମ୍ୟାଚରେ ଭାରତର ବ୍ୟାଟସମ୍ୟାନମାନେ ସମ୍ପୂର୍ଣ୍ଣ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। କେବଳ ଯଶସ୍ୱୀ ଜୟସୱାଲ ଭଲ ବ୍ୟାଟିଂ କରି ଆଉଟ ହେବା ପୂର୍ବରୁ ୫୮ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ୟାନସେନ ୬ଟି ୱିକେଟ ଏବଂ ସାଇମନ ହାର୍ମର ୩ଟି ୱିକେଟ ନେଇଥିଲେ। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ଦଳ ୪୮୯ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୨୬୦/୫ ରନ୍ କରିଥିଲା। ଏହା ପରେ ଭାରତ ଆଗରେ ୫୪୯ ରନ୍‌ର ଲକ୍ଷ୍ୟ ରହିଥିଲା। ହେଲେ ଭାରତ ଲକ୍ଷ୍ୟ ପୂରଣ କରିପାରି ନଥିଲା। ଭାରତୀୟ ଦଳ ଚାପରେ ଭାଙ୍ଗି ପଡ଼ି ପ୍ରଥମ ଇନିଂସରେ କେବଳ ୨୦୧ ରନ୍ ଏବଂ ଦ୍ୱିତୀୟ ଇନିଂସରେ ୧୪୦ ରନ୍ କରିପାରିଥିଲା।

ଅହମଦାବାଦରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସଗୋ/ନୂଆଦିଲ୍ଲୀ,୨୬।୧୧: ଭାରତକୁ ୨୦୩୦ କମନୱେଲଥ ଗେମ୍ସ ପାଇଁ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି। ଏହା ଗୁଜୁରାଟର ଅହମଦାବାଦରେ ଅନୁଷ୍ଠିତ ହେବ। କମନୱେଲଥ କ୍ରୀଡା କାର୍ଯ୍ୟନିର୍ବାହୀ ବୋର୍ଡ ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ବୈଠକ କରି ଏହା ଘୋଷଣା କରିଛନ୍ତି। ବୈଠକରେ ଭାରତକୁ ଆୟୋଜକ ଭାବରେ ଚୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଭାରତ ସହିତ ନାଇଜେରିଆ ମଧ୍ୟ ଏହି ଇଭେଣ୍ଟ ଆୟୋଜନ କରିବା ପାଇଁ ଦୌଡ଼ରେ ଥିଲା। ଭାରତ ମଧ୍ୟ ୨୦୩୬ ଅଲିମ୍ପିକ୍ ଗେମ୍ସ ଆୟୋଜନ ପାଇଁ ଏକ ଦାବିଦାର ରହିଛି। ତେଣୁ, ୨୦୩୦ ରାଜ୍ୟଗୋଷ୍ଠୀ ଗେମ୍ସ ଆୟୋଜନ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ପଦକ୍ଷେପ ଭାରତର ଅଲିମ୍ପିକ୍ସ ଆୟୋଜନ ସ୍ୱପ୍ନକୁ ଆହୁରି ମଜବୁତ କରିବ। ଯଦି ଭାରତ ଅଲିମ୍ପିକ୍ ଆୟୋଜନ ଅଧିକାର ହାସଲ କରେ, ତେବେ ଏହା ଦେଶର କ୍ରୀଡା ଇତିହାସରେ ପ୍ରଥମ ହେବ। ଭାରତ ଶେଷ ଥର ପାଇଁ ୨୦୧୦ ମସିହାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଏହା ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପରବର୍ତ୍ତୀ ସଂସ୍କରଣ ୨୦୨୬ ମସିହାରେ ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ଅନୁଷ୍ଠିତ ହେବ। ତେଣୁ, ଗ୍ଲାସଗୋରେ ଚାଲିଥିବା ବୈଠକରୁ ପରବର୍ତ୍ତୀ ଖେଳର ଆନୁଷ୍ଠାନିକ ଘୋଷଣା କରାଯାଇଛି। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣ ହେବ। ଏଥିରେ ୭୪ଟି ଦେଶର ଖେଳାଳି ଅଂଶଗ୍ରହଣ କରିବେ। ଏହାକୁ ମିଶାଇ ତୃତୀୟ ଥର ପାଇଁ ଏସିଆରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅନୁଷ୍ଠିତ ହେବ। ପୂର୍ବ ସଂସ୍କରଣଗୁଡ଼ିକ ୧୯୯୮ରେ କୁଆଲାଲମ୍ପୁର ଏବଂ ୨୦୧୦ରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏହା ପରେ ପରବର୍ତ୍ତୀ ସଂସ୍କରଣ ୨୦୨୨ରେ ଇଂଲଣ୍ଡର ବର୍ମିଂହାମରେ ଅନୁଷ୍ଠିତ ହୋଇଥିଲା।

ଭାବ ବିନିମୟ କଲେ ରାଜ୍ୟପାଳ

ଆଦିବାସୀ ଆରୋଗ୍ୟକାରୀଙ୍କ ଚିକିତ୍ସା ଜ୍ଞାନ ଅମୂଲ୍ୟ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ଆରୋଗ୍ୟକାରୀଙ୍କ ସହ ଭାବ ବିନିମୟ କରିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି। ଚଳିତ ନଭେମ୍ବର ୨୬ ତାରିଖ ଦିନ ରାଜଭବନର ଅଭିଷେକ ହଲରେ ଆୟୋଜିତ ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଆଦିବାସୀ ଆରୋଗ୍ୟକାରୀଙ୍କ ସହ ଆଲୋଚନା ସମୟରେ ସେମାନଙ୍କ ଚିକିତ୍ସା ଜ୍ଞାନ ଅମୂଲ୍ୟ ଓ ପ୍ରଶଂସନୀୟ ବୋଲି କହିଛନ୍ତି। ପାରମ୍ପରିକ ଆଦିବାସୀ ଚିକିତ୍ସା ପ୍ରଣାଳୀର ସଂରକ୍ଷଣ, ବୈଜ୍ଞାନିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଜ୍ଞାନ ପ୍ରଦାନ କରିବା ପାଇଁ ସଠିକ୍ ଭାବରେ ଡକ୍ୟୁମେଣ୍ଟେସନ୍ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଡ. କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀର ସଦସ୍ୟଙ୍କ ସମେତ ଆଦିବାସୀ ଆରୋଗ୍ୟକାରୀଙ୍କ ସହ ଆଲୋଚନା କରି ରାଜ୍ୟପାଳ କହିଥିଲେ ଯେ ଦୁର୍ଗମ ଅଞ୍ଚଳ ଯେଉଁଠାରେ ଆଧୁନିକ ସ୍ୱାସ୍ଥ୍ୟସେବା ସୁବିଧା ସୀମିତ କିମ୍ବା ଅନୁପଲବ୍ଧ ସେଠାରେ ପାରମ୍ପରିକ ଚିକିତ୍ସା ପ୍ରଣାଳୀ ପଦ୍ଧତି ଶହ ଶହ ବର୍ଷ ଧରି ବିକଶିତ ହୋଇ ଆସିଛି। ଆଦିବାସୀ ସମ୍ପ୍ରଦାୟ ସ୍ଥାନୀୟ ଉଦ୍ଭିଦ, ଔଷଧୀୟ ବୃକ୍ଷ ଏବଂ ପ୍ରାକୃତିକ ସମ୍ପଦରୁ ସେମାନଙ୍କର ନିଜସ୍ୱ ଔଷଧୀୟ ପ୍ରଣାଳୀ ବିକଶିତ କରିଛନ୍ତି। ଏହି ଜ୍ଞାନ ଅମୂଲ୍ୟ ଏବଂ ଏହା ଲୋପ ପାଇବା ପୂର୍ବରୁ ଏହାକୁ ସଂରକ୍ଷଣ କରାଯିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ। ଆରୋଗ୍ୟକାରୀମାନଙ୍କୁ ସେମାନଙ୍କର ଚିକିତ୍ସା ପ୍ରକ୍ରିୟା, ଚିକିତ୍ସା କରାଯାଇଥିବା ନିର୍ଦ୍ଦିଷ୍ଟ ରୋଗ ଏବଂ ଔଷଧୀୟ ଉପଚାର ପ୍ରସ୍ତୁତିରେ ବ୍ୟବହୃତ ଔଷଧୀୟ ବୃକ୍ଷ ରେକର୍ଡ କରିବାକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ। ବ୍ୟବସ୍ଥିତ ଦସ୍ତାବିଜୀକରଣ ଦ୍ୱାରା ବନ ବିଭାଗ ସହ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ ଆବଶ୍ୟକୀୟ ଔଷଧୀୟ

ବୃକ୍ଷ, ମୂଳ, ପତ୍ର ଏବଂ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀକୁ ବର୍ଷସାରା ଆରୋଗ୍ୟକାରୀମାନଙ୍କୁ ଉପଲବ୍ଧ କରାଯାଇପାରିବ ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ସୁଧାକର ଶବର ଓ ରାଜଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଅଧିକ ସଶକ୍ତ ହେଲା ଏନ୍‌ଏଚ୍‌ଆଇଡିସିଏଲ

ଯୋଗଦେଲେ ୧୮ ଡେପୁଟି ମ୍ୟାନେଜର

ନୂଆଦିଲ୍ଲୀ,୨୬।୧୧: କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଯୁବଶକ୍ତି ଦୃଷ୍ଟିକୋଣରେ ପରିଚାଳିତ ଜାତୀୟ ରାଜପଥ ଭିତ୍ତିଭୂମି ଉନ୍ନୟନ ନିଗମ ବା ଏନଏଚଆଇଡିସିଏଲରେ ୧୮ ଜଣ ନବନିଯୁକ୍ତ ଡେପୁଟି ମ୍ୟାନେଜର (ବୈଷୟିକ) ଅଧିକାରୀଙ୍କୁ ମାର୍ଗଦର୍ଶନ ସହ ସମ୍ମାନିତ କରିଛନ୍ତି। ଏହି ନବନିଯୁକ୍ତ ଅଧିକାରୀମାନେ ଏନଏଚଆଇଡିସିଏଲର ପ୍ରଥମ ପୂର୍ଣ୍ଣାଙ୍ଗ କ୍ୟାଡର ବୈଷୟିକ କର୍ମଚାରୀ। ଗେଟ ପରୀକ୍ଷା ସ୍କୋର ମାଧ୍ୟମରେ ଏହି ଅଧିକାରୀମାନେ ମନୋନୀତ ହୋଇଥିବା ବେଳେ ଏହି ନିଯୁକ୍ତି ଏନଏଚଆଇଡିସିଏଲର ବୈଷୟିକ ଭିତ୍ତିଭୂମି ଏବଂ ଦୀର୍ଘକାଳୀନ ନେତୃତ୍ୱକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ଦେଶର ବିଭିନ୍ନ ସ୍ଥାନରୁ ଯୋଗଦାନ କରୁଥିବା ଏହି ଯୁବ ବୃତ୍ତିଗତମାନେ ରାଜପଥ କ୍ଷେତ୍ରରେ ନୂତନ ଶକ୍ତି ଏବଂ ଦୃଷ୍ଟିକୋଣ ଦେବେ। ସେମାନଙ୍କ ଲକ୍ଷ୍ୟ ହେଉଛି କିଛି ସବୁଠାରୁ ଚ୍ୟାଲେଞ୍ଜିଂ ଭୂଖଣ୍ଡରେ ରାସ୍ତା ନିର୍ମାଣ ଏବଂ ଅପଗ୍ରେଡ୍ କରି ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ ଦେବେ।



ସ୍ପେଶାଲ ଅଲିମ୍ପିକ୍ସ ଫୁଟ୍‌ବଲ ନ୍ୟାଶନାଲ ଚମ୍ପିଆନସିପ୍ ଉଦଯାପିତ

କୋଲକାତା,୨୬।୧୧(ସଂଚାର ବ୍ୟୁରୋ): ତିନି ଦିନର ରୋମାଞ୍ଚକର ମ୍ୟାଚ୍ ଏବଂ ପ୍ରେରଣାଦାୟକ ପ୍ରଦର୍ଶନ ପରେ ବୁଧବାର ଦିନ ସଲ୍ଟଲେକ୍ ସ୍ଥିତ ସାଇ କମ୍ପ୍ଲେକ୍ସରେ ସ୍ପେଶାଲ ଅଲିମ୍ପିକ୍ସ ଇଣ୍ଡିଆ ନ୍ୟାସନାଲ ଚାମ୍ପିଅନସିପ୍ ଫୁଟବଲ ୨୦୨୫ ଶେଷ ହୋଇଛି। ଦେଶର ୨୨ଟି ରାଜ୍ୟରୁ ପ୍ରାୟ ୩୦୦ ଜଣ ଖେଳାଳି ବରିଷ୍ଠ, ଜୁନିଅର ଏବଂ ସବ୍-ଜୁନିଅର ବର୍ଗରେ ଅଂଶଗ୍ରହଣ କରିଥିଲେ। ଏହା ବୌଦ୍ଧିକ ଅକ୍ଷମତା ଥିବା ଖେଳାଳିଙ୍କ ପାଇଁ ବର୍ଷର ସବୁଠାରୁ ବଡ଼ ଇଭେଣ୍ଟ ମଧ୍ୟରୁ ଗୋଟିଏ। ସମାପନୀ ସମାରୋହରେ ସ୍ପେଶାଲ ଅଲିମ୍ପିକ୍ସ ଇଣ୍ଡିଆର ଅଧ୍ୟକ୍ଷ ଡକ୍ଟର ମଲ୍ଲିକା ନଡ୍ଡା ଯୋଗ ଦେଇ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏହି ଇଭେଣ୍ଟକୁ ସାହସ, ଶୃଙ୍ଖଳା ଏବଂ ଆତ୍ମାର ଉତ୍ସବ ଭାବରେ ବର୍ଣ୍ଣନା କରିଥିଲେ। ସ୍ପେଶାଲ ଅଲିମ୍ପିକ୍ସ ଇଣ୍ଡିଆ - ପଶ୍ଚିମବଙ୍ଗର ସଭାପତି ସିଏ ପବନ କୁମାର ପାଟୋଦିଆ ବୌଦ୍ଧିକ ଅକ୍ଷମତା ଥିବା ଖେଳାଳିମାନଙ୍କ ପାଇଁ ଦୀର୍ଘକାଳୀନ କ୍ରୀଡା, ସ୍ୱାସ୍ଥ୍ୟ ଏବଂ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

ସ୍କୁଲର ଗ୍ୟାସ୍ ସିଲିଣ୍ଡର ଚୋରି

ମଧ୍ୟାହ୍ନଭୋଜନ ବଦଳରେ ଦିଆଗଲା ବିସ୍କୁଟ୍

କୋଲକାତା,୨୬।୧୧(ସଂଚାର ବ୍ୟୁରୋ): ସ୍କୁଲର ରୋଷେଇ ଘରର ତାଲା ଭାଙ୍ଗି ଚାରୋଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଛି। ମିଡ୍ ଡେ ମିଲ୍ ରାନ୍ଧିବାକୁ ଆସିବା ସମୟରେ ରୋଷେୟା ଏହା ଦେଖି ଶିକ୍ଷକଙ୍କୁ କହିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିସ୍କୁଟ ଦେବାର ବ୍ୟବସ୍ଥା କରିଥିଲେ। ବାରୁଇପୁରର ବେଗମପୁର ପଞ୍ଚାୟତର ଉତ୍ତରଭାଗ କଲୋନୀ ହାଇସ୍କୁଲରେ ଏହି ଘଟଣା ଘଟିଛି। କେବଳ ଗ୍ୟାସ ସିଲିଣ୍ଡର ନୁହେଁ, ୪ଟି ସାଇକେଲ ମଧ୍ୟ ଚୋରି ହୋଇଛି ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଜଣେ ଶିକ୍ଷକ ନିତାଇ ମଣ୍ଡଳ କହିଛନ୍ତି ଯେ, ଦୁର୍ବୃତ୍ତମାନେ ସ୍କୁଲ ଗେଟର ତିନୋଟି ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ରୋଷେଇ ଘରର ତାଲା ଭାଙ୍ଗି ଭିତରୁ ଚାରୋଟି ଗ୍ୟାସ ସିଲିଣ୍ଡର ଏବଂ ସାଇକେଲ ଚୋରି କରିଛନ୍ତି। ସକାଳେ ସ୍କୁଲକୁ ଆସିବା ପରେ ଘଟଣାଟି ସାମ୍ନାକୁ ଆସିଥିଲା। ବାରୁଇପୁର ଥାନାର ପୁଲିସ ତଦନ୍ତ ଆରମ୍ଭ କରିଛି।

ଧାନ ଗଦାରୁ ମହିଳାଙ୍କ ମୃତଦେହ ଉଦ୍ଧାର

କୋଲକାତା,୨୬।୧୧(ସଂଚାର ବ୍ୟୁରୋ): ଚାଷୀମାନେ ସଂଗୃହୀତ ଧାନ ଉଠାଇବା ମାତ୍ରେ ଜଣେ ମହିଳାଙ୍କ ମୃତଦେହ ମିଳିଲା। ଏହି ଘଟଣାକୁ ନେଇ ଜଳପାଇଗୁଡ଼ିର ଧୂପଗୁଡ଼ିରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ମହିଳାଙ୍କ ନାମ ଫରିଦା ବେଗମ। ତାଙ୍କ ଘର ଧୂପଗୁଡ଼ି ମହକୁମାର ପୂର୍ବ ଆଲଟାଗ୍ରାମର ପ୍ରଧାନପଡା ଗ୍ରାମରେ। ପରେ ଧୂପଗୁଡ଼ି ଥାନାର ଆଇସି ଅନିନ୍ଦ୍ୟ ଭଟ୍ଟାଚାର୍ଯ୍ୟ ସେଠାରେ ପହଞ୍ଚିଥିଲେ। ୪୫ ବର୍ଷୀୟା ଫରିଦା ବେଗମଙ୍କୁ କାହିଁକି ହତ୍ୟା କରାଯାଇଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର କାରଣ ଜଣାପଡିବ।

ନିଖୋଜ ତୃଣମୂଳ କର୍ମୀଙ୍କୁ ହତ୍ୟା

କୋଲକାତା,୨୬।୧୧(ସଂଚାର ବ୍ୟୁରୋ): ସୋମବାର ଠାରୁ ଖୋଜଖବର ମିଳିନଥିଲା। ମଙ୍ଗଳବାର ମିଳିଲା ଗୁଳିବିଦ୍ଧ ଦେହ। ଜଣେ ତୃଣମୂଳ କର୍ମୀଙ୍କ ରକ୍ତାକ୍ତ ମୃତଦେହ ମିଳିବା ପରେ ବ୍ୟାପକ ଚାଞ୍ଚଲ୍ୟ। ଘଟଣାର ଖବର ପାଇବା ପରେ ମନ୍ତ୍ରୀ ସବିନା ୟାସମିନ୍ ମୃତକଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ। କାଳିଆଚକ ଥାନାର ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ସୂତ୍ରରୁ ଜାଣିବାକୁ ମିଳିଛି ଯେ ମୃତକଙ୍କ ନାମ ଓବୈଦୁଲ୍ଲା ଖାନ (୩୧)। ସେ ପେଶାରେ ଜଣେ କୋଇଲା ବ୍ୟବସାୟୀ ଥିଲେ। ସେ ଅଞ୍ଚଳରେ ଜଣେ ସକ୍ରିୟ ତୃଣମୂଳ କର୍ମୀ ଭାବରେ ମଧ୍ୟ ପରିଚିତ ଥିଲେ। ତାଙ୍କ ଘର କାଳିଆଚକ ଥାନାର କଲେଜ ମୋଡର ବାଥାନ ଅଞ୍ଚଳରେ। ଇଂରାଜୀ ବଜାର ଥାନା କଟାଗର ଅଞ୍ଚଳର ଏକ ଆମ୍ବ ବଗିଚାରୁ ତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

ସଡ଼କ ଦୁର୍ଘଟଣାରେ ସିଭିକ ଭଲେଣ୍ଟିୟର ମୃତ

କୋଲକାତା,୨୬।୧୧(ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣାରେ ଜଣେ ସିଭିକ ଭଲେଣ୍ଟିୟରଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ରାତିରେ ହାଓଡାର ଜୟପୁର ଥାନା ଝିକିଡାର ରାୟପଡାରେ ଏହି ଦୁର୍ଘଟଣା ଘଟିଛି। ମୃତ ସିଭିକ ଭଲେଣ୍ଟିୟରଙ୍କ ନାମ ଅଭିଜିତ ଚାଓ୍ଲେ (୩୪)। ସେ ଜୟପୁର ଥାନାରେ କାର୍ଯ୍ୟରତ ଥିଲେ। ପୁଲିସ ଏବଂ ସ୍ଥାନୀୟ ସୂତ୍ରରୁ ଜଣାପଡିଛି ଯେ, ଅଭିଜିତ ମଙ୍ଗଳବାର ରାତିରେ କାମ ସାରି ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅଭିଜିତ୍ ବାଇକ୍‌ରୁ ପଡ଼ିଯାଇଥିଲେ। ଅଞ୍ଚଳର ବାସିନ୍ଦାମାନେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଐତିହାସିକ...

ସଂସଦୀୟ କାର୍ଯ୍ୟକଳାପରେ ବିଧାୟକମାନେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ସହ ବିଧାୟକମାନଙ୍କ ଦାୟିତ୍ୱ ଉପରେ ମହାମହିମ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି।

ବିଧାନସଭାରେ ଚାରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଥିବା ବେଳେ ଏହାର ଚତୁଃପାର୍ଶ୍ୱ ଓ ଲୋୟର୍ ପିଏମ୍‌ଜିରେ ସମସ୍ତ ବଡ଼ ଅଟ୍ଟାଳିକା ଓ ସରକାରୀ ଅଫିସକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି। ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱର ବିମାନବନ୍ଦର, ରାଜଭବନ ଓ ବିଧାନସଭାକୁ ହାଇଆଲର୍ଟରେ ରଖାଯିବ। ୫ ଜଣ ଲେଖାଏଁ ଡିସିପି ଓ ଅତିରିକ୍ତ ଡିସିପି ପାହ୍ୟା ଅଧିକାରୀ, ୨୦ ଜଣ ଏସିପି, ୩୦ ଜଣ ଇନ୍ସପେକ୍ଟର ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ରୁଟ୍ ଲାଇନିଂ ପାଇଁ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ଟ୍ରାଫିକ୍ ପରିଚାଳନାରେ ଆଉ ଗୋଟିଏ ପ୍ଲାଟୁନ୍ ଫୋର୍ସ ଲାଗିବେ। ଡିସିପି (ଟ୍ରାଫିକ) ରୁଟ୍ ଲାଇନିଂ ଓ ଟ୍ରାଫିକ୍ ପରିଚାଳନାର ଦାୟିତ୍ୱ ମୁଣ୍ଡାଇବେ। ୨୭ ତାରିଖ ଅପରାହ୍ନ ସାଢ଼େ ୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏୟାରପୋର୍ଟ ଛକ କ୍ୟାପିଟାଲ ହସ୍ପିଟାଲ-ଏଜି ଛକ-ରାଜଭବନ ଯାଏ କୌଣସି ଗାଡ଼ି ଯାତାୟାତ ଉପରେ କଟକଣା ଜାରି କରାଯାଇଛି। ଅପରାହ୍ନ ୪ଟାରୁ ସାଢ଼େ ୪ଟା ଯାଏ ରାଜଭବନ ଛକ-ଏଜି ଛକ-ପିଏମ୍‌ଜି ଛକ ରାସ୍ତାକୁ ବନ୍ଦ କରାଯିବ। ବିଧାନସଭା ଅଧିବେଶନରେ ଉଦବୋଧନ ଦେବା ପରେ ରାଷ୍ଟ୍ରପତି ଅପରାହ୍ନ ୫ଟା ୧୫ ମିନିଟ୍‌ରେ ରାଜଭବନ ଅଭିମୁଖେ ବାହାରିବେ। ସେଥିପାଇଁ ସନ୍ଧ୍ୟା ୬ଟା ଯାଏ ପିଏମ୍‌ଜି ଛକ-ଏଜି ଛକ-ରାଜଭବନ ଛକ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ। ଆସନ୍ତା ୨୮ ତାରିଖରେ ସକାଳ ୯ଟାରୁ ସାଢ଼େ ୯ଟା ଯାଏ ରାଜଭବନରୁ ଏୟାରପୋର୍ଟ ରାସ୍ତାରେ ଗାଡ଼ିମୋଟର ଯା'ଆସ କରିପାରିବ ନାହିଁ। ଉପରୋକ୍ତ ରାସ୍ତାରେ ନ ଯାଇ ଅନ୍ୟ ରାସ୍ତା ଦେଇ ଯାତାୟାତ କରିବାକୁ ପୁଲିସ ସମସ୍ତ ରାଜଧାନୀବାସୀଙ୍କୁ ନିବେଦନ କରାଯାଇଛି।

ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ଶୀତକାଳୀନ ଅଧିବେଶନ ଚଳିତ ବର୍ଷ ଶେଷ ଅର୍ଥାତ୍ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୨୯ଟି କାର୍ଯ୍ୟଦିବସ ରହିଥିବା ବେଳେ ଆଜି ଅପରାହ୍ନ ସାଢ଼େ ୧୨ଟାରେ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଆହୂତ କରିଥିଲେ। ଏଥିରେ ସେ ବିରୋଧୀ ଦଳମାନଙ୍କୁ ଗୃହ କାର୍ଯ୍ୟ ସୁରୁଖୁରୁରେ ଚାଲିବା ଦିଗରେ ସହଯୋଗ କରିବା ସକାଶେ ଆହ୍ୱାନ କରିବା ସହ ଗୃହର ମର୍ଯ୍ୟାଦା ରକ୍ଷା ପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ଶେଷ ହେବା ପରେ ଡ. ମହାଲିଙ୍ଗ ଗଣମାଧ୍ୟମକୁ କହିଛନ୍ତି ଯେ ଗୃହରେ ଚାଲିବାକୁ ଥିବା ପ୍ରତିଟି ବିତର୍କରେ ବିରୋଧୀ ଦଳର ସଦସ୍ୟସଦସ୍ୟାମାନେ ସହଯୋଗ କରିବା ସହ ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରଖିବା ସକାଶେ ବାଚସ୍ପତି ନିବେଦନ କରିଛନ୍ତି। ଏନେଇ ବିରୋଧୀ ଦଳମାନେ ମଧ୍ୟ ବିଧାନସଭା ଅଧିବେଶନ ସମୟରେ ସେମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସକାଶେ ଯଥେଷ୍ଟ ସମୟ ଦେବା ଉଚିତ ବୋଲି ମତ ଦେଇଥିବା ଡ. ମହାଲିଙ୍ଗ କହିଛନ୍ତି। ଉକ୍ତ ଅଧିବେଶନରେ ଆସନ୍ତା ୨୮ ତାରିଖରେ ସରକାର ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ।

ଚଳିତ ଥରର ଶୀତକାଳୀନ ଅଧିବେଶନ ବେଶ୍ ସରଗରମ ହେବା ଆଶା କରାଯାଉଛି। କାରଣ ବିରୋଧୀ ଦଳ ହାତରେ ଅନେକଗୁଡ଼ିଏ ପ୍ରସଙ୍ଗ ରହିଛି। ରାଜ୍ୟରେ ଅପରାଧିକ ମାମଲା ବଢ଼ିବା, ନାରୀ ନିର୍ଯାତନା ନ ଥମିବା, ବହୁଚର୍ଚ୍ଚିତ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ, ସାର କଳାବଜାରୀ, ନୂଆପଡ଼ା ଉପନିର୍ବାଚନରେ ନାନାଦି ଅନିୟମିତତା ଆଦି ପ୍ରସଙ୍ଗରେ ବିରୋଧୀ ଦଳମାନେ ସରକାରଙ୍କୁ ଘେରିବେ। ସରକାର ମଧ୍ୟ ପ୍ରତିଟି ପ୍ରସଙ୍ଗରେ ବିରୋଧୀ ଦଳମାନଙ୍କୁ ଚେକ୍ ଦେବା ସକାଶେ ଆଜି ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟତଃ ଗୃହକାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ସକାଶେ ରଣନୀତି ଉପରେ ଆଲୋଚନା ହୋଇଛି। ତା'ଛଡ଼ା ପ୍ରତିଟି ଶାସକ ଦଳ ବିଧାୟକ ସମଗ୍ର ଅଧିବେଶନରେ ଉପସ୍ଥିତ ରହିବା ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

୮ ଲକ୍ଷ...

କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ସବୁବେଳେ 'ଅନ୍ନଦାତା'ଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇଆସିଛନ୍ତି। ଧାନକିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ଓଡ଼ିଶାର ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। ମୋଦି ସରକାରଙ୍କ ଏହି ସମୟୋଚିତ ନିଷ୍ପତ୍ତି ରାଜ୍ୟର ଅର୍ଥନୀତି ଓ ଚାଷୀ ଭାଇଭଉଣୀଙ୍କ ହାତମୁଠାକୁ ମଜବୁତ୍ କରିବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି।

ପ୍ରକାଶ ଥାଉକି, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଅଗଷ୍ଟ ୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀଙ୍କୁ ଭେଟି ଏ ବିଷୟରେ ଆଲୋଚନା କରିଥିଲେ। ବିଶେଷ ଭାବରେ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଉଷୁନା ଚାଉଳ ଉଠାଣ ସହ ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ଅଧିକ ଧାନ ସଂଗ୍ରହ କରିବା ପାଇଁ ଆଲୋଚନା କରିବା ସହ ଚିଠି ମଧ୍ୟ ଦେଇଥିଲେ।

ବିଦେଶରେ...

୫୦ ଜଣ ଛାତ୍ରଛାତ୍ରୀମାନଙ୍କୁ ଏହି ଶିକ୍ଷାବୃତ୍ତି ପ୍ରଦାନ କରାଯିବ। ୫୦ ଜଣଙ୍କ ମଧ୍ୟରୁ ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷା ନିମନ୍ତେ ୧୦ ଜଣ (ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷାରେ ପିଜି ପାଠ୍ୟକ୍ରମ ପାଇଁ ୪ ଜଣ ଓ ପିଏଚଡି ପାଠ୍ୟକ୍ରମ ପାଇଁ ୬ ଜଣ) ମେଡିକାଲ, କୃଷି, ଆର୍କିଟେକ୍ଚର୍ ଓ ଅନ୍ୟାନ୍ୟ ଟେକ୍ନିକାଲ କୋର୍ସ ନିମନ୍ତେ ୧୦ ଜଣ (ପିଜି ପାଠ୍ୟକ୍ରମ ପାଇଁ ୪ ଜଣ ଓ ପିଏଚଡି ପାଠ୍ୟକ୍ରମ ପାଇଁ ୬ ଜଣ), ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଆସୁଥିବା ପାଠ୍ୟକ୍ରମ ପାଇଁ ୩୦ ଜଣ (ପିଜି ପାଇଁ ୧୦ ଜଣ ଓ ପିଏଚଡି ପାଇଁ ୨୦ ଜଣ) ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ପ୍ରଦାନ କରାଯିବ। ପ୍ରତ୍ୟେକ ଛାତ୍ର ବା ଛାତ୍ରୀଙ୍କୁ ସର୍ବାଧିକ ବାର୍ଷିକ ୨୫ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯିବ। ବିଦେଶ ଶିକ୍ଷା ବୃତ୍ତି ଯୋଜନାର ଶୁଭାରମ୍ଭ ସହ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୩୪ ଜଣଙ୍କୁ ଗ୍ରୁପ-ସି' ଓ ଗ୍ରୁପ-ଡି' ବର୍ଗରେ ଅନୁକମ୍ପାମୂଳକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସମସ୍ତ ନବନିଯୁକ୍ତମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ନିଜର ନିଯୁକ୍ତିପତ୍ର ଗ୍ରହଣ କରିବା ସହ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏଥିସହ ରାଜ୍ୟରେ ରହିଥିବା ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କର ଏକାଡେମିକ ପରଫର୍ମାନ୍ସ ଅଡିଟ ନିମନ୍ତେ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦକୁ କପି ରାଇଟ୍ ମଧ୍ୟ ପ୍ରଦାନ କରାଯାଇଛି, ଯାହାଦ୍ୱାରା ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ ଦ୍ୱାରା ରାଜ୍ୟରେ ରହିଥିବା ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନଦଣ୍ଡକୁ ସଠିକ ରୂପେ ଯାଞ୍ଚ କରାଯାଇପାରିବ। ଏପରି ବ୍ୟବସ୍ଥା ଲାଗୁ କରିବାରେ ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗ ପ୍ରଥମ।

ମୁଖ୍ୟସ୍ରୋତକୁ...

ତେଲେଙ୍ଗାନା ରାଜ୍ୟ କମିଟି ଓ ଧମତାରି ଗାରିଆବନ୍ଦ ନୂଆପଡ଼ା ଡିଭିଜନର ମଧ୍ୟ ମାଓବାଦୀ ରହିଛନ୍ତି। ଏମାନଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ ସରକାର ୧ କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଛତିଶଗଡ଼ରେ 'ପୁଣା ମାର୍ଗେମ୍: ପୁନର୍ବାସ ନୀତି ମାଧ୍ୟମରେ ପୁନର୍ଜୀବନ' ପରିବର୍ତ୍ତନର ଏକ ନୂତନ ଆରମ୍ଭ ହୋଇଛି। ଛତିଶଗଡ଼ ସରକାରଙ୍କ ନକ୍ସଲ ନିପାତ ନୀତି ଏବଂ ଶାନ୍ତି ଆଲୋଚନା ଓ ବିକାଶ ଉପରେ ଆଧାରିତ ନିରନ୍ତର ପ୍ରୟାସର ଫଳସ୍ୱରୂପ ୪୧ ଜଣ ମାଓବାଦୀ ହିଂସାର ରାସ୍ତା ଛାଡି ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ୧୨ ଜଣ ମହିଳା କ୍ୟାଡର ଏବଂ ୨୯ଜଣ ପୁରୁଷ କ୍ୟାଡରଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ୪୧ ଜଣ କ୍ୟାଡରଙ୍କ ମଧ୍ୟରେ ପିଏଲ୍‌ଜିଏ ବାଟାଲିୟନ ନମ୍ବର ୧ ଓ ବିଭିନ୍ନ କମ୍ପାନୀର ୫ ଜଣ ସଦସ୍ୟ, ଏସିଏମ୍ ୩ ଜଣ, ପ୍ଲାଟୁନ ଓ କ୍ଷେତ୍ର କମିଟି ପାର୍ଟି ସଦସ୍ୟ ୧୧ ଜଣ, ପିଏଲ୍‌ଜିଏ ସଦସ୍ୟ ୨ ଜଣ, ମିଲିସିଆ ପ୍ଲାଟୁନ କମାଣ୍ଡର ୪ ଜଣ, ମିଲିସିଆ ପ୍ଲାଟୁନ ଡେପୁଟି କମାଣ୍ଡର ୧ ଜଣ, ମିଲିସିଆ ପ୍ଲାଟୁନ ସଦସ୍ୟ ୬ ଜଣ, ଜନତାନା ସରକାର ବିଭିନ୍ନ ଆର୍‌ପିସିର ସଭାପତି/ଉପରାଷ୍ଟ୍ରପତି/ସଦସ୍ୟ, ଡିଏକେଏମ୍‌ଏସ୍, କେଏଏମ୍‌ଏସ୍ ସଭାପତି/ସଦସ୍ୟ ୯ ଜଣ ସଦସ୍ୟ, ଯେଉଁମାନେ ହିଂସାର ପଥ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ସ୍ରୋତକୁ ଫେରିଥିବା ମାଓବାଦୀ କ୍ୟାଡର୍‌ମାନେ ଭାରତୀୟ ସମ୍ବିଧାନରେ ବିଶ୍ୱାସ ପ୍ରକାଶ କରିଛନ୍ତି ଏବଂ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ସମ୍ମାନଜନକ ଓ ସୁରକ୍ଷିତ ଜୀବନଯାପନ କରିବାକୁ ସଂକଳ୍ପ ନେଇଛନ୍ତି। ପୁନର୍ବାସ ପ୍ରକ୍ରିୟାର ଏକ ଅଂଶ ଭାବେ ପ୍ରତ୍ୟେକ କ୍ୟାଡର୍‌କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନ୍ୟ ମାଓବାଦୀଙ୍କୁ ମଧ୍ୟ ଆତ୍ମସମର୍ପଣ କରିବା ଲାଗି ଆହ୍ୱାନ ଦେଇଛନ୍ତି ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ।

ସେନ୍ୟାର...

ତାମିଲନାଡୁ ଓ ପୁଡୁଚେରୀ ଆଡ଼କୁ ମୁହାଁଇବ। ୨୯ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ଯଦି ବାତ୍ୟା ସୃଷ୍ଟି ହୁଏ, ତା'ହେଲେ ଏହାର ନାଁ ରହିବ ଦିତ୍ୱା। ତେବେ ସେନ୍ୟାର ପରି ଏହି ବାତ୍ୟାର ବିଶେଷ ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହିବ ନାହିଁ। କିନ୍ତୁ ଏହାର ପ୍ରଭାବରେ ଆସନ୍ତା ୧ ଓ ୨ ତାରିଖରେ ରାଜ୍ୟରେ କାଁଭାଁ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି।

ସ୍ୱାର୍ଥପର...

ଯିବା ପରେ କିଛି ନେତା ଆନୁଗତ୍ୟ ପରିବର୍ତ୍ତନ ପୂର୍ବରୁ ଏଭଳି ବିଷ ଓଗାଳିଥାଆନ୍ତି। ସେମାନଙ୍କ ମଧ୍ୟରୁ ଦେବାଶିଷ ଅନ୍ୟତମ। ବିଜେଡି ଓ ନେତୃତ୍ୱ ବିରୋଧରେ କହିବା ଏବେ ଏକ ଫ୍ୟାସନରେ ପରିଣତ ହୋଇଛି। ଏପରି ନେତା ତୁରନ୍ତ ଦଳ ଛାଡ଼ିଦେବା ଦଳ ପକ୍ଷେ ହିତକର ବୋଲି କହୁଛନ୍ତି କିଛି ନବୀନପ୍ରେମୀ।

୨କୋଟି...

ସମ୍ପୂର୍ଣ୍ଣ ଓ ଶୀଘ୍ର ଅପଡେଟ୍ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। ତଥାପି ଏହି ବୈଶିଷ୍ଟ୍ୟ ବର୍ତ୍ତମାନ ସିଭିଲ୍ ପଞ୍ଜିକରଣ ପ୍ରଣାଳୀ ବ୍ୟବହାର କରୁଥିବା ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଉପଲବ୍ଧ। ଏହି ପୋର୍ଟାଲରେ ଅବଶିଷ୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବାର ପ୍ରକ୍ରିୟା ଜାରି ରହିଛି।

ୟୁଆଇଡିଏଆଇ ପକ୍ଷରୁ ଏନେଇ କୁହାଯାଇଛି ଯେ ଜଣେ ବ୍ୟକ୍ତିଙ୍କ ଆଧାର ନମ୍ବର ଅନ୍ୟ ଜଣଙ୍କ ନାମରେ ପୁନର୍ବାର ଜାରି କରାଯାଏ ନାହିଁ। ତଥାପି ଜନକଲ୍ୟାଣ ଯୋଜନା ଅଧୀନରେ ଲାଭ ପାଇବା ପାଇଁ ବ୍ୟକ୍ତିଙ୍କ ପରିଚୟର ଠକେଇ କିମ୍ବା ଆଧାର ନମ୍ବରର ଅପବ୍ୟବହାରକୁ ରୋକିବା ପାଇଁ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଆଧାର ନମ୍ବରକୁ ନିଷ୍କ୍ରିୟ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

୬ ବର୍ଷ...

ନ ଦେଇ ଶ୍ରୀମନ୍ଦିର ପ୍ରଶାସନ ନିଜେ ଏହାକୁ ପରିଚାଳନା କରିବ। ସେହିପରି ମନ୍ଦିରରେ ଦର୍ଶନ ସକାଶେ ଟିକେଟ୍‌ର ଦାମ୍ ୧୦ ଟଙ୍କା ରଖାଯାଇଛି। ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ଗୁଣ୍ଡିଚା ମନ୍ଦିର ଦାରୁବ୍ରହ୍ମମାନଙ୍କ ଜନ୍ମସ୍ଥାନ। ଏଠାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଶହେ ଅଶ୍ୱମେଧ ଯଜ୍ଞ କରିବା ପରେ ମହାପ୍ରଭୁଙ୍କ ପ୍ରତିଷ୍ଠା କାର୍ଯ୍ୟ କରିଥିଲେ। ଗୁଣ୍ଡିଚା ରାଣୀଙ୍କୁ ଦେଇଥିବା ବରଦାନ ମୁତାବକ ପ୍ରତିବର୍ଷ ଶ୍ରୀଜିଉମାନେ ରଥଯାତ୍ରାରେ ଜନ୍ମସ୍ଥାନକୁ ଆସନ୍ତି। ଆଡ଼ପ ମଣ୍ଡପରେ ଅନ୍ନଦାନ, ଶ୍ରୀଜିଉମାନଙ୍କ ଦର୍ଶନ, ମହାପ୍ରସାଦ ସେବନ ଆଦି ମୁକ୍ତିଦାୟକ। ତେଣୁ କୋଟି କୋଟି ଶ୍ରୀଜଗନ୍ନାଥପ୍ରେମୀଙ୍କ ନିମନ୍ତେ ଏହା ଆସ୍ଥାର କେନ୍ଦ୍ର। ଶ୍ରୀମନ୍ଦିର ଭଳି ଶ୍ରୀଗୁଣ୍ଡିଚା ମନ୍ଦିରରେ ରତ୍ନବେଦୀ, ବିଶାଳ ରୋଷଘର, ଆନନ୍ଦବଜାର ଆଦି ରହିଛି। ଏହି ପୁରାତନ ସ୍ଥାନର ଉନ୍ନତିକରଣ ନିମନ୍ତେ ଅବଢ଼ା ଯୋଜନା ଓ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ବଜେଟରେ ୯୯ କୋଟି ଟଙ୍କା ବ୍ୟୟ ମଞ୍ଜୁରୀ ହୋଇଥିଲା। ଉନ୍ନତିକରଣ କାର୍ଯ୍ୟକୁ ଅଧାରେ ଅଟକାଇଦିଆଗଲା। ଏବେ ପ୍ରାୟ ୩୨ କୋଟି ୭ ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀଗୁଣ୍ଡିଚା ମନ୍ଦିରର ପୁନର୍ବିକାଶ କାର୍ଯ୍ୟ ହେଉଛି। ୯ ମାସ ଭିତରେ ଅର୍ଥାତ୍ ଆସନ୍ତା ବର୍ଷ ମେ' ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କାମ ନିମନ୍ତେ ଶରଧାବାଲିରେ ବିପୁଳ ସଂଖ୍ୟାରେ ଖଣ୍ଡୋଲାଇଟ୍ ପଥର ରଖାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଏକ ବିଶାଳ ଅସ୍ଥାୟୀ କ୍ୟାବିନ୍ ଶ୍ରମିକଙ୍କ ରହଣି ଓ ଠିକାସଂସ୍ଥାର ଅଫିସ ଚଳାଇବା ନିମନ୍ତେ ନିର୍ମାଣ କରାଯାଇଛି। ପ୍ରତିଦିନ ବହୁସଂଖ୍ୟକ ଶ୍ରଦ୍ଧାଳୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିଭ୍ରମଣ ଉଦ୍ଦେଶ୍ୟରେ ଆସି ନିରାଶରେ ଫେରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଆସନ୍ତା ୧ରେ ଶ୍ରଦ୍ଧାଳୁଙ୍କ ପରିଦର୍ଶନ ନିମନ୍ତେ ଆଡ଼ପ ମଣ୍ଡପ ବା ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାକୁ ଲକ୍ଷ୍ୟ ରଖିଛି।

ଶଙ୍କା...

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଉପରେ ରହିଛି। ନବୀନ ଗୃହରେ ଉପସ୍ଥିତ ରହି ଭାଙ୍ଗିପଡ଼ିଥିବା ବିଧାୟକମାନଙ୍କ ମନୋବଳ ବୃଦ୍ଧି କରିବେ ନା କାମଚଳା ଭାବେ ଗୋଟିଏ ଦିନ ହାଜିରା ପକାଇ ପୂର୍ବଭଳି ଅଧିକାଂଶ ଦିନ ଅନୁପସ୍ଥିତ ରହିବେ, ତାହାକୁ ନେଇ ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଶାସକ ଦଳକୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ ବିଜେଡି ବିଧାୟକମାନଙ୍କ ରଣହୁଙ୍କାର ଆଉ ପୂର୍ବଭଳି ଶୁଣାଯାଉନାହିଁ।

ଅନ୍ୟ ପକ୍ଷରେ ୧୪ ବିଧାୟକ ଥିବା କଂଗ୍ରେସ ନୂଆପଡ଼ାରେ ବିଜେଡିକୁ ତୃତୀୟ ସ୍ଥାନକୁ ଠେଲି ରନର୍ସଅପ୍ ହୋଇଥିବାରୁ ଦଳର ବିଧାୟକମାନେ ବେଶ୍ ଉତ୍ସାହିତ ଅଛନ୍ତି। ତେଣୁ କଂଗ୍ରେସ ଏଥର ସରକାରଙ୍କୁ କେଉଁ ପ୍ରସଙ୍ଗରେ କିଭଳି ଘେରୁଛି, ତାହା ଉପରେ ରାଜନୈତିକ ବିଶେଷଜ୍ଞଙ୍କ ନଜର ରହିଛି। ଅନ୍ୟପକ୍ଷରେ ବିଜେପିର ନୂଆପଡ଼ା ବିଜୟ ଦଳୀୟ ବିଧାୟକଙ୍କ ମନୋବଳ ବଢ଼ାଇଥିବାରୁ ସେମାନେ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କୁ ସମାଲୋଚନାର କୌଣସି ସୁଯୋଗ ଦେବେନାହିଁ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଗାଦି ଛାଡ଼ିବାକୁ ସରକାରୀ ଚାକିରିଆ କୁନ୍ଥ କୁନ୍ଥ ପଦବୀ ଲୋଭି ଆନନ୍ଦପୁର ଅଧିକାରୀ

ଆନନ୍ଦପୁର,୨୬।୧୧(ସଂଚାର ବ୍ୟୁରୋ): ଆନନ୍ଦପୁର ରେ କି ରସ ଅଛି ପାନ କଲା ଅଧିକାରୀ ସବୁ ଜାଣିଛି। ଗୋଟିଏ ସ୍ଥାନରେ ରହିବା ଦ୍ୱାରା ଦୁର୍ନୀତି କରିବା ପାଇଁ ସୁଯୋଗ ମିଳୁଛି। ଗୋଟିଏ ପଦବୀ ରେ ରହିବା ପାଇଁ କେସ ଲଢ଼ଟନ୍ତି ଏଠି ଅଦାଲତ ରେ ଯାଇ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରେ ଏବେ କିଛି ସରକାରୀ ଚାକିରିଆ ନିଜ ଚୌକି ଛାଡ଼ିବା ପାଇଁ ତାଙ୍କୁ ଭାରି କାଟୁଚି। କଥା ରେ ଅଛି ହରି ନାମେ କି ରସ ଅଛି ପାନ କଲା ଲୋକ ଜାଣିଛି। ସେହିପରି ଆନନ୍ଦପୁର ର ଅଧିକାରୀ ମାନେ ଆନନ୍ଦପୁର ରେ କି ରସ ପାଉଛନ୍ତି ଗାଦି ଛାଡ଼ିବାକୁ କୁନ୍ଥହୁ କୁନ୍ଥହୁ ହେଉଛନ୍ତି। କିଛି ଅଧିକାରୀ ମାନେ ରାଜନେତା, ଠିକାଦାର ଓ କିଛି ମାଫିଆ ଶ୍ରେଣୀ ର ଲୋକଙ୍କୁ ହାତରେ ରଖି ଦୁର୍ନୀତି କରି କୋଠା ବାଡି, ଦାମୀ ଗାଡ଼ି, ସୁନା ଅଳଙ୍କାର କିଣିବାରେ ବ୍ୟସ୍ତ। ବିଭିନ୍ନ ବିଭାଗରେ ସ୍ୱଚ୍ଛତା ଆଣିବା ଲାଞ୍ଚ କାରବାର ବନ୍ଦ କରିବା ଗରୀବ ଲୋକଙ୍କୁ ନ୍ୟାୟ ଦେବାରେ କୌଣସି ଅସୁବିଧା ନହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହୁଛନ୍ତି ଅଧିକାରୀ ଙ୍କୁ ଗୋଟିଏ ସ୍ଥାନରେ ନରଖି ଅନ୍ୟ ବିଭାଗ କୁ ବଦଳି କରାଯାଉ। ହେଲେ ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ କୁ କେନ୍ଦୁଝର ଜିଲ୍ଲାରେ ଥିବା ଅଧିକାରୀ ମାନେ ଖାତିରି କରୁନାହାନ୍ତି। ବିଜେଡ଼ି ସରକାର ସମୟରୁ ଗୋଟିଏ ଗୋଟିଏ ପଦବୀ ରେ ଅଧିକାରୀ, ଯନ୍ତ୍ରୀ ଏବଂ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ର ଷ୍ଟାପ ନର୍ସ ଙ୍କ ସହିତ ଅନ୍ୟ ବିଭାଗର କର୍ମଚାରୀ ମାନେ ରହିବା ଦ୍ୱାରା ସ୍ୱଚ୍ଛତା ଆସି ପାରୁନାହିଁ ବୋଲି ଅଭିଯୋଗ ହୋଇଛି।

ଦରମା ଦେଉନି ଠିକା ସଂସ୍ଥା

ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ଧାରଣା

ହିଞ୍ଜିଳିକାଟୁ,୨୬।୧୧(ସଂଚାର ବ୍ୟୁରୋ): ମାସ ମାସ ହେଲା ନିୟମିତ ଭାବେ ଦରମା ମିଳୁନି। ଦାବି କଲେ ପ୍ରତିଶ୍ରୁତି ମିଳୁଛି ସିନା, ଦରମା ଦେଉ ନାହାନ୍ତି। ବିନା ଦରମାରେ ଆଉ କେତେ ଦିନ ଖଟିବୁ ବୋଲି ପ୍ରଶ୍ନ କରିବା ସହ ଆଜି ଧାରଣାକୁ ଓହ୍ଲାଇଛନ୍ତି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟର ସୁରକ୍ଷାକର୍ମୀ, ନର୍ସ ଓ ଝାଡୁଦାର। ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚିକିତ୍ସାଳୟର ସୁରକ୍ଷାକର୍ମୀ, ନର୍ସ ଓ ସୁଇପର ମାନେ ଏକତ୍ରିତ ହୋଇ ଧାରଣାରେ ବସିଥିଲେ। କିଛି ମାସ ହେବ ନିୟମିତ ଭାବେ ଦରମା ମିଳୁନଥିବା ବେଳେ କର୍ମଚାରୀ ମାନେ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ବାହାରୁ ଆସି ହିଞ୍ଜିଳିକାଟୁରେ ଘରଭଡ଼ା ନେଇ ରହୁଥିବା କର୍ମଚାରୀଙ୍କ ଦୁଃଖ ଦୁଇ ଗୁଣ ହୋଇଯାଇଛି। ତେବେ ଧାରଣାରେ ବସିବା ପରେ ଚିକିତ୍ସାଳୟର ଅଧିକ୍ଷକ ଡ଼ା ଶ୍ରୀକାନ୍ତ ସାହୁ ସଙ୍ଗେ ସଙ୍ଗେ ଉପରିସ୍ଥ ଅଧିକାରୀଙ୍କୁ ଉକ୍ତ ଘଟଣା ଜଣାଇଛନ୍ତି। କିଛି ମାସ ହେବ ଏଲ.ଆଣ୍ଡ. କେ ଠିକା ସଂସ୍ଥା ଟେଣ୍ଡର ନେଇଥିବା ବେଳେ ନିୟମିତ ଭାବେ ଦରମା ତ ମିଳୁନି ଏବଂ ଆରମ୍ଭରୁ ଏପିଏଫ ବି କଟୁନଥିବା ନେଇ କର୍ମଚାରୀ ମାନେ କହିଛନ୍ତି। ବର୍ତ୍ତମାନ ସବୁଠାରୁ ବଡକଥା ହେଉଛି କି କେତେଦିନ ଧରି ଏଭଳି ଠିକା ସଂସ୍ଥାର ମନମାନି ରହିବ ଆଉ ଗରିବ ନିରୀହ ଖଟିଖିଆ କେତେଦିନ ଧରି ନିଜ ପରିଶ୍ରମର ମୂଲ୍ୟ ନ ପାଇ ଏମିତି ହଇରାଣ ହେଉଥିବେ ? ଦେଖିବାକୁ ବାକି ରହିଲା ଆଗାମୀ ଦିନରେ ଏହି ଠିକା ସଂସ୍ଥା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉଛି ନା ମନମୁଖି ଶାସନ ଜାରି ରହୁଛି।

ବ୍ଲକରେ ସାଂସଦ ଖେଳ ମହୋତ୍ସବ

ହିଞ୍ଜିଳିକାଟୁ,୨୬।୧୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଆଳପୁର ହାଇସ୍କୁଲ ଷ୍ଟାଡିୟମ ପରିସରରେ ବୁଧବାର ଦିନ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରିକା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଆମ ଦେଶର କ୍ରୀଡାବିତ୍‌ମାନେ ବହୁ ଆଗକୁ ଯାଇଛନ୍ତି। ଏହା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ହିଁ ସମ୍ଭବପର ହୋଇପାରିଛି। ଗ୍ରାମାଞ୍ଚଳରେ ଏବେବି ଅନେକ ଯୁବ କ୍ରୀଡାବିତ୍ ଲୁକ୍କାୟିତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ଖୋଜି ବାହାର କରିବା ଲକ୍ଷ୍ୟରେ ବର୍ତ୍ତମାନ ସାଂସଦ ଖେଳ ମହୋତ୍ସବ ଚାଲିଛି। ଭବିଷ୍ୟତରେ ସେମାନେ ଜିଲ୍ଲା, ଦେଶ ଓ ରାଜ୍ୟ ପାଇଁ ସୁନାମ ଆଣିବେ ବୋଲି ସାଂସଦ କହିଛନ୍ତି। ଘୁମୁସର ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ହିଞ୍ଜିଳିକାଟୁ ପୌରପରିଷଦର ଅଧ୍ୟକ୍ଷ ସୁବାଷ ପୋଲାଇ, ପୌରପରିଷଦର କାର୍ଯ୍ୟନିବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ହିଞ୍ଜିଳି ବ୍ଲକର ଅଧ୍ୟକ୍ଷା ସରସ୍ୱତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଏ.ସୁଦର୍ଶନ, ଜିଲ୍ଲା ପରିଷଦ ସଭ୍ୟ ପ୍ରୀତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ବାଳକ ବାଳିକା ଅଂଶ ଗ୍ରହଣ କରିଥିଲେ।

ଆନନ୍ଦପୁର ମହୋତ୍ସବ ନାମକୁ ଦୁରୁପଯୋଗ

ମହୋତ୍ସବ ପାଳନ କରିବାକୁ ସ୍ୱୀକୃତି ଦେଲା କିଏ

ଆନନ୍ଦପୁର,୨୬।୧୧ (ସଂଚାର ବ୍ୟୁରୋ): ଆନନ୍ଦପୁର ବାଣିଜ୍ୟ ମହୋତ୍ସବ" ନାମର ଦୁରୁପଯୋଗ ବନ୍ଦ କରିବା ଓ ଆନନ୍ଦପୁର ଷ୍ଟାଡିୟମରେ ଅନଧିକୃତ ମହୋତ୍ସବ କୁ ବାରଣ କରିବା ପାଇଁ ଆନନ୍ଦପୁର ଉପ ଜିଲ୍ଲାପାଳ ଙ୍କୁ ଅନୁରୋଧ କରାଯାଇଛି। ଆନନ୍ଦପୁର ବାଣିଜ୍ୟ ମହୋତ୍ସବ" ନାମରେ ଆନନ୍ଦପୁର ଷ୍ଟାଡିୟମରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ଗୁରୁତର ଚିନ୍ତା ବ୍ୟକ୍ତ ହୋଇଛି। ଦୀର୍ଘଦିନ ଧରି, ଐତିହାସିକ ଆନନ୍ଦପୁର ମହୋତ୍ସବ ଆମ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଉତ୍ସବ ଭାବେ ଅବିଚ୍ଛିନ୍ନ ଭାବରେ ଆନନ୍ଦପୁର ଷ୍ଟାଡିୟମରେ ଆୟୋଜିତ ହେଉଛି। ଏହି ମହୋତ୍ସବ ଆନନ୍ଦପୁର ଲୋକଙ୍କ ଐତିହ୍ୟ, ପରିଚୟ ଓ ଗୌରବକୁ ପ୍ରତିନିଧିତ୍ୱ କରେ। କିନ୍ତୁ, ସମ୍ପ୍ରତି ଜଣା ପଡ଼ିଛି ଯେ ଆନନ୍ଦପୁର ପ୍ରେସକ୍ଲବ "ଆନନ୍ଦପୁର ବାଣିଜ୍ୟ ମହୋତ୍ସବ" ନାମରେ ସେହି ସ୍ଥାନ ଓ ସେହି ସମୟରେ ଏକ ଅନ୍ୟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। କେବଳ ନାମ ପରିବର୍ତ୍ତନ କରି, ଆୟୋଜକମାନେ ଲୋକଙ୍କୁ ଭ୍ରମ ଦେଇ ଅନଧିକୃତ ଭାବରେ ଚାନ୍ଦା ଆଦାୟ କରୁଥିବା ସମ୍ଭାବନା ରହିଛି। ଯାହା ଐତିହାସିକ ମହୋତ୍ସବର ପବିତ୍ରତାକୁ ଆଘାତ କରୁଛି। ଏହା ସହିତ, ଏହାକୁ ନେଇ ମଧ୍ୟ ଗୁରୁତର ଚିନ୍ତା ରହିଛି ଯେ ଲୋକଙ୍କ ଠାରୁ ବହୁ ଟଙ୍କା ନିଆଯାଉଛି କିନ୍ତୁ ସେଥିରେ କୌଣସି ପ୍ରକାରର ପାରଦର୍ଶିତା, ହିସାବ ପତ୍ର ବା ସରକାରୀ ଅନୁମତି ନାହିଁ, ଯାହା ଲୋକଙ୍କ ର ବିଶ୍ୱାସ ଓ ଧନ ଅନୁଚିତ ବ୍ୟବହାର ପ୍ରତି ଅଶଙ୍କା ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ଆନନ୍ଦପୁର ପୌରପାଳିକା ଛଅ ନଂ ୱାଡ଼ ର ବାସିନ୍ଦା ଉମେଶ ଚନ୍ଦ୍ର ପାଢ଼ୀ ଆନନ୍ଦପୁର ଉପ ଜିଲ୍ଲାପାଳ ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ ପାଳନ

ନବରଙ୍ଗପୁର,୨୬।୧୧ (ସଂଚାର ବ୍ୟୁରୋ): ସମ୍ବିଧାନ ଦିବସ ପାଳନ ଅବସରରେ ମହିଳା ମହାବିଦ୍ୟାଳୟ, ନବରଙ୍ଗପୁର ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ଛାତ୍ରୀମାନେ, ପାରା ଲିଗାଲ ସଦସ୍ୟ, ଆଇନଜୀବି ପ୍ରମୁଖ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲାକ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ସଚିବ ଶାଶ୍ୱତୀ ମିଶ୍ର ଯୋଗଦାନ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଆଇନଜୀବି ସଂଘର ସଭାପତି ସିରାଜଉଦ୍ଦିନ ଅହମ୍ମଦ, ଉପ ସଭାପତି ସଦାଶିବ ସାହୁ, ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା. ରାଜ କିଶୋରେ ନାଗ, ଆଇନ ଜୀବି କିଶୋରୀ ପଟ୍ଟନାୟକ, ମହାବିଦ୍ୟାଳୟର ଅଧ୍ୟାପିକା ମାଳେଶ୍ୱରୀ ସାହୁ, ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ତଉରା ବେଗମ, ଅଧ୍ୟାପିକା ରଞ୍ଜୁଷା କୁମାରୀ ପ୍ରହରାଜ, ଅଧ୍ୟାପିକା ଡକ୍ଟର ଏମ. ରୋହିଣୀ ରାଣୀ ମଞ୍ଚାସୀନ ହୋଇ ଭାରତର ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଉପରେ ଛାତ୍ରୀ ମାନଙ୍କୁ ଆଲୋକପାତ କରିଥିଲେ। ପରିଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ନୃପେନ୍ଦ୍ରନାଥ ଖୋସ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଦ୍ୱାରା ଏହି ଶିବିର ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ

ଖୋର୍ଦ୍ଧା,୨୬।୧୧(ସଂଚାର ବ୍ୟୁରୋ): ଖୋର୍ଦ୍ଧାର କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଏଡିଏମ୍ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା ଉପସ୍ଥିତ ଥିଲେ, ଯେତେବେଳେ ଡେପୁଟି କଲେକ୍ଟର, ଜୁଡିସିଆଲ୍ ସୃଷ୍ଟି ଅନନ୍ୟା ସତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଡିଏମ୍, ଶ୍ରୀ ବେଉରା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଜାତିର ଗର୍ବ ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖି ଜନସାଧାରଣ ଏବଂ ଦେଶ ପାଇଁ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାକୁ ଶପଥ ପାଠ କରାଇଥିଲେ। ଜିଲ୍ଲା କଲ୍ୟାଣ ଅଧିକାରୀ ଡକ୍ଟର ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ରବୀନ୍ଦ୍ର ସଙ୍ଗୀତ କୁମାର ଦାଶ, ସହକାରୀ କଲେକ୍ଟର ଭୁବନେଶ୍ୱରୀ କନ୍ହର, କୃଷ୍ଣ କୁମାର ଜେନା ଏବଂ କଲେକ୍ଟରେଟ୍ର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ।

ନୂତନ ରେସନ କାର୍ଡ ବାଣ୍ଟିଲେ ଉଭୟ ସାଂସଦ ଓ ବିଧାୟକ

ନୀଳଗିରି,୨୬।୧୧(ସଂଚାର ବ୍ୟୁରୋ): ଲୋକଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଛି।

ନିଳଗିରି ଏନ୍.ଏ.ସି. ର ବରି ସାହି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ନୂତନ ରେସନ କାର୍ଡ ଧାରିଙ୍କୁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ ବଣ୍ଟନ କରିଛନ୍ତି। ନିଳଗିରି ଏନ୍ ଏ ସି ଏବଂ ନିଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ନୂତନ ରେସନ୍ କାର୍ଡଧାରୀ ମାନଙ୍କୁ ବଣ୍ଟନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ନିଳଗିରି ଉପଜିଲ୍ଲାପାଳ ଡକ୍ଟର ମଧୁସ୍ମିତା ସାମନ୍ତରାୟ, ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏନ୍ ଏ ସି, ଅଧକ୍ଷ ମହେନ୍ଦ୍ର ବେହେରା, ବ୍ଲକ ଉପାଧକ୍ଷ ଜ୍ୟୋତିର୍ମୟ ପୁଥାଳ, ଯୋଗାଣ ଅଧିକାରିଣୀ ରାଜଲକ୍ଷ୍ମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ

ବୈଜ୍ଞାନିକ ପ୍ରକଳ୍ପକୁ ବାସ୍ତବ ରୂପରେଖ ଦେଇ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ -ମାହାଙ୍ଗା ବିଧାୟକ

ନିଶ୍ଚିନ୍ତକୋଇଲି,୨୬।୧୧(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନମେଳା ୨୦୨୫-୨୬ ବାବୁଜଙ୍ଗ ପଞ୍ଚାୟତ ବାବୁଜଙ୍ଗ ଉଚ୍ଚବିଦ୍ୟାଳୟ ଓ ସାଧୁଚରଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାବୁଜଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନିରୁପମା ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସମ୍ମାନୀତ ଅତିଥି ଭାବେ ବିଇଓ ସଂଯୁକ୍ତା ମହାପାତ୍ର, ବାବୁଜଙ୍ଗ ପଞ୍ଚାୟତ ସମିତିସଭ୍ୟ ଅଭୟ ଲେଙ୍କା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଧନଞ୍ଜୟ ବରାଳ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଛାତ୍ର ଛାତ୍ରୀଙ୍କ ଶୈକ୍ଷିକ ବିକାଶ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସୋଆରେ ଇନ୍‌ଷ୍ଟିଚ୍ୟୁସନ୍‌ସ ଇନୋଭେସନ୍ କାଉନ୍‌ସିଲ୍‌ର ଆଞ୍ଚଳିକ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଇନ୍‌ଷ୍ଟିଚ୍ୟୁସନ୍‌ସ ଇନୋଭେସନ୍ କାଉନ୍‌ସିଲ୍ (ଆଇଆଇସି) ର ୨୦୨୫ ନିମନ୍ତେ ଆଞ୍ଚଳିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ପୂର୍ବ ଭାରତର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ଶିକ୍ଷା କ୍ଷେତ୍ରର ନେତୃବର୍ଗ, ନୀତି ନିର୍ଦ୍ଧାରକ, ଇନ୍‌କ୍ୟୁବେସନ୍ ମ୍ୟାନେଜର, ବିଭିନ୍ନ ଷ୍ଟାର୍ଟ -ଅପ୍ ସ୍ଥାପକ ତଥା ଶିଳ୍ପ ଏବଂ ଉଦ୍‌ଭାବନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବା ୫୦୦ ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ)ର ଇନୋଭେସନ୍ ସେଲ୍‌ଫ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଭାରତର ଉଦ୍‌ଭାବନ ଏବଂ ଉଦ୍ୟୋଗୀକରଣ ମାନଚିତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟରେ ପାରସ୍ପରିକ ଆଲୋଚନା, ଉଦ୍‌ଭାବନ ଏବଂ ଷ୍ଟାର୍ଟ-ଅପ ସମ୍ବନ୍ଧୀୟ ପ୍ରଦର୍ଶନୀ, ବିଶେଷଜ୍ଞଙ୍କ ଦ୍ୱାରା ତଥ୍ୟ ଉପସ୍ଥାପନ ଏବଂ ବିଭିନ୍ନ ପାନେଲ ଆଲୋଚନା ପ୍ରଭୃତି ଆୟୋଜନ କରାଯାଇଥିଲା। ସୋଆ କ୍ୟାମ୍ପସ-୨ରେ ଆୟୋଜିତ ଏହି ସମ୍ମିଳନୀରେ ଏଆଇସିଟିଇର ଆସିଷ୍ଟାଂଟ ଇନୋଭେସନ୍ ଡାଇରେକ୍ଟର ଡକ୍ଟର ଦୀପନ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷା କ୍ଷେତ୍ରରେ ଉଦ୍‌ଭାବନକୁ ଏକ ନୂତନ ଦିଗ ଦେବା ଲକ୍ଷ୍ୟ ନେଇ ଆଇଆଇସିକୁ ସାରା ଦେଶରେ ଆରମ୍ଭ କରାଯାଇଥିବା ବେଳେ ଏହା ବର୍ତ୍ତମାନ ଦେଶର ୩୬ ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୧୬, ୦୦୦ ଉଚ୍ଚ ଶିକ୍ଷା କେନ୍ଦ୍ରରେ ନିଜର କାୟା ବିସ୍ତାର କରିଛି ବୋଲି ସୂଚନା ଦେଇଥିଲେ।

ବିରଜା ନର୍ସିଂ କଲେଜ ଛାତ୍ରୀ ଆତ୍ମହତ୍ୟା କାରଣ ଅସ୍ପଷ୍ଟ

ପରିବାରର ଅଭିଯୋଗ ପରେ ପୁଲିସ ତଦନ୍ତ

ଯାଜପୁର,୨୬।୧୧(ସଂଚାର ବ୍ୟୁରୋ): ଯାଜପୁର ସହର ମାନସାପୋଲ ନିକଟରେ ଥିବା ବିରଜା ନର୍ସିଂ କଲେଜର ଜଣେ ଜି.ଏନ୍. ଏମ ପ୍ରଥମ ବର୍ଷର ଛାତ୍ରୀ ଗତକାଲି ଘରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଏ ନେଇ ପରିବାର ପକ୍ଷରୁ ଯାଜପୁର ଟାଉନ ଥାନା ଅଧିକାରୀଙ୍କୁ ଅଭିଯୋଗ ଦାଖଲ କରିଛନ୍ତି। ଘଟଣା ଅନୁସାରେ, ଯାଜପୁର ଥାନା ଅନ୍ତର୍ଗତ ସିରିଆପୁର ଗ୍ରାମର ସ୍ୱର୍ଗତ ମନୋରଞ୍ଜନ ପଣ୍ଡାଙ୍କ ୨୨ ବର୍ଷୀୟା କନ୍ୟା ନିବେଦିତା ପଣ୍ଡା ମଙ୍ଗଳବାର ଅପରାହ୍ନରେ ଘରେ ବେକରେ ଓଢ଼ଣୀ ବାନ୍ଧି ଝୁଲିପଡ଼ିଥିଲେ। ପରିବାର ସଦସ୍ୟମାନେ ଦେଖି ତୁରନ୍ତ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ, କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ମୃତକଙ୍କ ଭାଇ ମୃତ୍ୟୁଞ୍ଜୟ ପଣ୍ଡା ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବାରୁ ପୁଲିସ ୯୬/୨୦୨୫ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ପକ୍ଷରୁ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଅନୁସାରେ, ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡ଼ିନାହିଁ ବ୍ୟବଚ୍ଛେଦ ରିପୋର୍ଟ ପ୍ରାପ୍ତ ହେଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଜଣାପଡ଼ିଛି ଯେ, ମୃତ ନିବେଦିତା ପଣ୍ଡା ବିରଜା ନର୍ସିଂ କଲେଜର ଜି.ଏନ୍.ଏମ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ଥିଲେ ଓ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୪୫ ଦିନିଆ କ୍ଲିନିକାଲ୍ ପ୍ରଶିକ୍ଷଣ ନେଉଥିଲେ। ଏହି ଘଟଣାକୁ ନେଇ ପରିବାର, ଅଭିଭାବକ ଓ ସ୍ଥାନୀୟ ଲୋକମାନେ ଦୁଃଖ ପ୍ରକାଶ କରିଛନ୍ତି। ପୁଲିସ ତଦନ୍ତ ଜାରି ରଖିଥିବାରୁ ଆଗାମୀ ଦିନରେ ଅଧିକ ତଥ୍ୟ ମିଳିବାର ସମ୍ଭାବନା ରହିଛି।

ପଞ୍ଚାୟତ ସମିତିର ଅଧିବେଶନ, ବିଦ୍ୟାଳୟ ଗୁଡ଼ିକର ସମସ୍ୟାକୁ ଗୁରୁତ୍ୱ

ସାଲେପୁର,୨୬।୧୧(ସଂଚାର ବ୍ୟୁରୋ): ସାଲେପୁର ପଞ୍ଚାୟତ ସମିତିର ୧୪ତମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାଧାରଣ ଅଧିବେଶନରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସାଲେପୁର ବ୍ଲକରେ ବିଭିନ୍ନ ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଉପରେ ତୁରନ୍ତ ଗୁରୁତ୍ୱ ଦେବାକୁ ଦାବି ହୋଇଥିଲା। ସେହିପରି ବିଭିନ୍ନ ବିଦ୍ୟାଳୟ ସମେତ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରାଯାଇ ସେହି ସବୁ ଅନୁଷ୍ଠାନର ସମସ୍ୟା ଗୁଡ଼ିକୁ ଉପଲବ୍ଧି କରିବାକୁ ଦାବି ହେବାପରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହ ଏହି ସବୁ ଅନୁଷ୍ଠାନ ଗୁଡ଼ିକୁ ପରିଦର୍ଶନରେ ଯିବାପାଇଁ ସ୍ଥିର କରାଯାଇଥିଲା।

ବାଲ୍ୟବିବାହ ମୁକ୍ତ ଭାରତ ଗଠନ ନିମନ୍ତେ ୧୦୦ ଦିନିଆ ଅଭିଯାନର ଶୁଭାରମ୍ଭ

ଫୁଲବାଣୀ,୨୬।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀର ସମ୍ମିଳନୀ କକ୍ଷଠାରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ନିମନ୍ତେ ୧୦୦ ଦିନିଆ ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହା ୨୭ ନଭେମ୍ବର ୨୦୨୫ ଠାରୁ ୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡେପୁଟି ଆରକ୍ଷୀ ଅଧିକ୍ଷକ ବିପିନ ବିହାରୀ ମେହେର, ମୁଖପାତ୍ର, ଶିଶୁ ମଙ୍ଗଳ ସମିତି ରଜତ କୁମାର ଦିଗାଲ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପତ୍ର ମଞ୍ଚାସୀନ ହୋଇ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ଉଦ୍ଧାର ଓ ପୁନରୁଦ୍ଧାର, ବାଲ୍ୟବିବାହ ନିରାକରଣରେ ପୋଲିସ, ସମନ୍ୱିତ ଶିଶୁ ବିକାଶ ଯୋଜନା, ଆଶା ଓ ଅଙ୍ଗନବାଡିକର୍ମୀଙ୍କ ଭୂମିକା, ୧୦୦ ଦିନିଆ ଆକ୍ସନ ପ୍ଲାନ ଆଦି ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କର୍ଣ୍ଣ ସ୍ୱାଗତ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଆଶା, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଆଦି ଉପସ୍ଥିତ ଥିଲେ।

କିଳିପାଳ ବାଲିଘାଟ ଚଢ଼ାଉକୁ ନେଇ ଡିଆଇଜିଙ୍କ ପ୍ରେସ ମିଟ

ପାରାଦ୍ୱୀପ,୨୬।୧୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲା ମହାନଦୀ ର କିଳିପାଳ ବାଲି ଘାଟ ରେ ଗତ କାଲି ବିଳମ୍ବିତ ରାତିରେ କେନ୍ଦ୍ରାଞ୍ଚଳ ଡିଆଇଜି ଙ୍କ ସହ ଜଗତସିଂହପୁର ଜିଲାପାଳ ଓ ଏସ୍ପିଙ୍କ ଅଚାନକ ମିଳିତ ଚଢ଼ାଉ କରି ୫୦ ରୁ ଊର୍ଦ୍ଧ୍ୱ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଏଥି ସହିତ ୬ ଜଣ ହାଇୱା ଚାଳକ ଗିରଫ ହୋଇଥିବା ବେଳେ ଗୋଟିଏ ମୋବାଇଲ ଜବତ କରାଯାଇଛି। ଏହି ଘାଟ ଟେଣ୍ଡର ନେଇଥିବା ଠିକାଦାର ସରକାରୀ ନିୟମ କୁ ଉଲଂଘନ କରି ବେଆଇନ ଭାବରେ ନିର୍ଦ୍ଧାରିତ ସ୍ତର ଠାରୁ ଅଧିକ ପରିମାଣ ର ବାଲି ଉଠାଉ ଥିବାର ଅଭିଯୋଗ ହେଉଥିଲା। ବାଲି ବୋଝେଇ ହାଇବା ଗୁଡିକ ଏବେ ମଧ୍ୟ ବାଲି ଘାଟରେ ଅଟକି ରହିଥିବା ବେଳେ ଘଟଣା ସ୍ଥଳରେ ପୋଲିସ ଫୋର୍ସ ମୃତୟନ କରାଯାଇଛି। ଏହି ଘଟଣାକୁ ନେଇ କେନ୍ଦ୍ରାଞ୍ଚଳ ଡିଆଇଜି, ଜିଲାପାଳ ଓ ଏସ୍ପିଙ୍କ ଙ୍କ ଉପସ୍ଥିତି ରେ ଏକ ମିଳିତ ପ୍ରେସ ମିଟ କରାଯାଇଛି। ଅପରେସନ ବାଲୁବଜ୍ର ମାଧ୍ୟମରେ ୫୦ ଟି ବାଲି ବୋଝେଇ ହାଇବା ସହିତ ୩ ଟି ପ୍ରକ୍ଲିନ ମେସିନ କୁ ମଧ୍ୟ ଜବତ କରାଯାଇଛି। ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିବା ସହ ଏହି ଧାରା ଜାରି ରହିବ ଓ ମୁଠାଏ ବାଲି ମଧ୍ୟ ଚୋରା ଚାଲାଣ କରିବାକୁ ଦିଆଜିବନାହିଁ ବୋଲି ଡ଼ିଆଇଜି କହିଛନ୍ତି।

ଆର.ଏସ୍.ଏସ୍. ପକ୍ଷରୁ କୁଟୁମ୍ବ ପ୍ରବୋଧନ କାର୍ଯ୍ୟକ୍ରମ

ସାଲେପୁର,୨୬।୧୧ (ସଂଚାର ବ୍ୟୁରୋ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସାଲେପୁର ଖଣ୍ଡ ପକ୍ଷରୁ କୁଟୁମ୍ବ ପ୍ରବୋଧନ କାର୍ଯ୍ୟକ୍ରମ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଖଣ୍ଡ ସଂଘ ଚାଳକ ଡଃ ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ କୁଟୁମ୍ବ ପ୍ରବୋଧନ ସଂଯୋଜକ ଡଃ ରବୀନ୍ଦ୍ର ଯୋଶୀ ଯୋଗଦେଇ ପ୍ରତି ପରିବାରରେ ଭାରତୀୟ ସଂସ୍କୃତି ଓ ପରମ୍ପରା ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବପ୍ରାନ୍ତ କୁଟୁମ୍ବ ପ୍ରବୋଧନ ସଂଯୋଜକ ବୈକୁଣ୍ଠ ନାଥ ସାହୁ, ଓ କଟକ ବିଭାଗ ସଂଘ ଚାଳକ ତଥା ପୂର୍ବପ୍ରାନ୍ତ କୁଟୁମ୍ବ ପ୍ରବୋଧନ ସଂଯୋଜକ ଡଃ ଗୌତମ ମହାରଣା ଯୋଗଦେଇ କୁଟୁମ୍ବ ପ୍ରବୋଧନ ବିଷୟରେ ଆଲୋଚନା କରିଥିଲେ।

ସରୋଜଙ୍କୁ ଆଇଆଇଆଇଟି ନାଗପୁରରୁ ପିଏଚ୍‌ଡି ସଫଳତା

ଗଞ୍ଜାମ ମାଟିରୁ ଡକ୍ଟରେଟ ପର୍ଯ୍ୟନ୍ତ ଯାତ୍ରା

ଛତ୍ରପୁର,୨୬।୧୧ (ସଂଚାର ବ୍ୟୁରୋ): ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ଗଭୀର ଗବେଷଣା କରି ବ୍ରହ୍ମପୁର ସହରର ସରୋଜ ପଣ୍ଡା ନାଗପୁରସ୍ଥିତ 'ଭାରତୀୟ ସୂଚନା ପ୍ରଯୁକ୍ତି ପ୍ରତିଷ୍ଠାନ' (ଆଇଆଇଆଇଟି) ରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ତାଙ୍କ ଏହି ସଫଳତା ପାଇଁ ବ୍ରହ୍ମପୁର ସହର ସହିତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସରୋଜ ପଣ୍ଡା ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ଗଭୀର ଗବେଷଣା କରି ତାଙ୍କ ଗବେଷଣା କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି। ବହୁବର୍ଷ ଧରି ନିଷ୍ଠା ଓ ପରିଶ୍ରମ ସହ ସେ ଏହି ଗବେଷଣା କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କ ଥେସିସ୍ ବର୍ତ୍ତମାନ ସମୟର ଡିଜିଟାଲ ବୈଜ୍ଞାନିକ ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ବୋଲି ସୂଚନା ମିଳିଛି। ଶ୍ରୀ ପଣ୍ଡାଙ୍କ ଗବେଷଣା କାର୍ଯ୍ୟକୁ ନାଗପୁରସ୍ଥିତ ଆଇଆଇଆଇଟି ର ପ୍ରଫେସର ଡ. ତଉସିଫ ଦିୱାନ ଓ ନାଗପୁରସ୍ଥିତ (ଭିଏନ୍‌ଆଇଟି) ର ପ୍ରଫେସର ଡ. ଓ.ଜି. କାକ୍‌ଡ଼େ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଥିଲା। ଉଲ୍ଲେଖିଯୋଗ୍ୟ ଯେ, ସରୋଜ ପଣ୍ଡା ଓଡିଶା ବିଧାନସଭାର ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ସୁପୁତ୍ର ଅଟନ୍ତି। ତାଙ୍କ ଏହି କୃତିତ୍ୱରେ ପରିବାରସଦସ୍ୟ, ବନ୍ଧୁବର୍ଗ, ଗୁରୁଜନ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ଅନେକ ଶୁଭେଚ୍ଛା ଓ ସାଧୁବାଦ ଜଣାଯାଇଛି। ତାଙ୍କ ସଫଳତା ଆଗାମୀ ଯୁବପିଢ଼ି ପାଇଁ ପ୍ରେରଣା ସ୍ୱରୂପ ବୋଲି ସାଧାରଣ ମତ ପ୍ରକାଶ ପାଇଛି।

ବିଶାଳ ଅଶୋକ ବୃକ୍ଷ ସୁରକ୍ଷିତ ସ୍ଥାନାନ୍ତର

ବ୍ରହ୍ମପୁର, ୨୬।୧୧(ସଂଚାର ବ୍ୟୁରୋ): ବ୍ରହ୍ମପୁର ସବୁଜ ବାହିନୀ ଏବଂ ମା ମହୁରୀ କାଳୁଆ ଉନ୍ନୟନ କମିଟି ମିଳିତ ଉଦ୍ୟମରେ ପଚାଶ ବର୍ଷର ପଚାଶ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିଶାଳ ଅଶୋକ ବୃକ୍ଷକୁ ସୁରକ୍ଷିତ ଭାବେ ସ୍ଥାନାନ୍ତରଣ କରାଯାଇଛି। କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ମା ମହୁରୀ କାଳୁଆ ଦେବୀ ପୀଠ ପରିସରରେ ବିରାଟ ବୃକ୍ଷକୁ ଜେସିବି ଓ କ୍ରେନ୍ ସାହାଯ୍ୟରେ ସ୍ଥାନାନ୍ତରିତ କରାଯାଇଥିଲା। ମା ମହୁରୀ କାଳୁଆଙ୍କ ମନ୍ଦିରର ସମ୍ମୁଖ ଭାଗରେ ବିରାଟକାୟ ଅଶୋକ ବୃକ୍ଷ ବିଗତ ବର୍ଷ ଧରି ପୂଜା ଆସୁଅଛି ଓ ଏହି ଅଞ୍ଚଳର ପବିତ୍ର ବୃକ୍ଷ ଭାବରେ ଗଣାଯାଏ। ବର୍ତ୍ତମାନ ମନ୍ଦିରର ଉନ୍ନତି ମୂଳକ କାର୍ଯ୍ୟ ଚାଲୁଥିବାରୁ ଏହି ପବିତ୍ର ବୃକ୍ଷ ନ କାଟିବା ପାଇଁ ଯୋଜନା କରାଯାଉଥିଲା। ମନ୍ଦିରର ଉନ୍ନୟନ କମିଟି ଏବଂ ବ୍ରହ୍ମପୁର ସବୁଜ ବାହିନୀ ଉଦ୍ୟମରେ ବୃକ୍ଷକୁ ନ କାଟି ଏହି ଅଞ୍ଚଳର ଅନ୍ୟ ଏକ ସ୍ଥାନକୁ ସଫଳତାର ସହ ସ୍ଥାନାନ୍ତରିତ କରଯାଇଥିଲା। ବ୍ରହ୍ମପୁର ସବୁଜ ବାହିନୀ ଦ୍ୱାରା ନିଜସ୍ୱ ଉଦ୍ୟମରେ ବୃକ୍ଷକୁ ସ୍ଥାନାନ୍ତରିତ କରିବା ପ୍ରକ୍ରିୟା ବିଗତ ବର୍ଷରେ ମଧ୍ୟ ବ୍ରହ୍ମପୁର ସହରରେ ପ୍ରୟାସ କରାଯାଇଛି।

ଆଉ ମିଳୁନି ଶୁଦ୍ଧ ମହୁ

ମୁହଁ ମୋଡୁଛନ୍ତି ଚାଷୀ, ବଢୁଛି ନକଲି ମହୁ ବିକ୍ରି

 କାକଟପୁର/ଅସ୍ତରଙ୍ଗ,୨୬।୧୧ (ସଂଚାର ବ୍ୟୁରୋ): ନଦୀ ନାଳ ଘେରା ପୁରୀ ଜିଲ୍ଲା ଅସ୍ତରଙ୍ଗ ଦିନେ ପ୍ରାକୃତିକ ସୌନ୍ଦର୍ଯ୍ୟ ରେ ଭରିଥିଲା। ବସନ୍ତ ଋତୁ ଆସିଲେ ରଙ୍ଗ ବେରଙ୍ଗଫୁଲରେ ସମଗ୍ର ଅଞ୍ଚଳ ମହକି ଉଠୁଥିଲା। ଏଥିପାଇଁ ସେତେବେଳେ ବିଭିନ୍ନ ସ୍ଥାନରେ ମହୁମାଛି ବସା ବାନ୍ଧୁଥିବା ଦେଖିବାକୁ ମିଳୁଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ବିଭିନ୍ନ ଗାଁରେ ମହୁବସା ଦେଖିବାକୁ ମିଳୁଥିଲା। କିନ୍ତୁ ମହୁ ଚାଷ ହ୍ରାସ ପାଇବାରୁ ସରିପୁର ଗ୍ରାମର ବିଜୟ ବିଶ୍ୱାଳ ବାକ୍ସ ମାଧ୍ୟମରେ ମହୁଚାଷ କରିବା ପାଇଁ ବିଭିନ୍ନ ଗ୍ରାମରେ ତାଲିମ୍ ପ୍ରଦାନ କଲେ। ଉତ୍ପାଦିତ ମହୁ ରାଜ୍ୟ ତଥା ରାଜ୍ୟ ବାହାରକୁ ରପ୍ତାନି କରାଗଲା। କିଛି ବର୍ଷ ପୂର୍ବେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଚାଷୀ ମାନେ ଏହି ଚାଷରୁ ବେଶ ଭଲ ଦୁଇ ପଇସା ରୋଜଗାର କରୁଥିଲେ। ଧୀରେ ଧୀରେ ପରିବେଶ ବିଗିଡି ଗଲା। ବାଦାମ, ସୋରିଷ, ଧନିଆ ଚାଷ କମିବାରେ ଲାଗିଲା। ଯେଉଁ ଚାଷୀ ଏହି ଚାଷ କଲେ ସେମାନେ ଫସଲରେ ବିପୁଳ ପରିମାଣରେ କୀଟନାଶକ ବ୍ୟବହାର କରିବାରୁ ମହୁମାଛି କମିବାରେ ଲାଗିଲେ। ଆମ୍ବଗଛ କମିବାରୁ ଆମ୍ବ ବଉଳ ମଧ୍ୟ ବିଶେଷ ଭାବେ ଦେଖିବାକୁ ମିଳୁନାହିଁ। ଫଳରେ ଶତାଧିକ ମହୁଚାଷୀ କ୍ଷତିଗ୍ରସ୍ତ ହେଲେ। ସରକାରଙ୍କ ଆନ୍ତରିକତା ଅଭାବରୁ ପ୍ରଶିକ୍ଷଣ ସଠିକ ଦିଆଯାଉ ନାହିଁ। ଏବେ କାଁ ଭାଁ ଚାଷୀ ଏହି ଚାଷ କରୁଥିବା ଦେଖିବାକୁ ମିଳୁଛି। ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ପାଉଥିବା ଚାଷୀ ଏବେ ମହୁମାଛି ସଂଗ୍ରହ କରିବାକୁ ସକ୍ଷମ ହେଉନଥିବା ପ୍ରକାଶ କରିଛନ୍ତି। ସେହିପରି ଚାଷୀ ମାନଙ୍କୁ ମଧ୍ୟ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁନଥିବାରୁ ସେମାନେ ଏଥିରୁ ମୁହଁ ମୋଡୁଛନ୍ତି ଅଭିଯୋଗ କରିଛନ୍ତି।

ବହୁଳ ରାସାୟନିକ ସାର ପ୍ରୟୋଗ ମହୁଚାଷରେ ବାଧକ

ସାଇ-ଟେକ୍ ୨୦୨୫ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ବିଶ୍ୱଶକ୍ତି ଲାଗି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଦକ୍ଷତା ଜରୁରୀ

ଭୁବନେଶ୍ୱର, ୨୬।୧୧ (ସଂଚାର ବ୍ୟୁରୋ) : ସଭ୍ୟତାର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତକୁ ବିଶ୍ୱଶକ୍ତି ହେବାକୁ ହେଲେ

ଆଜିର ପିଲା ହେବେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ନିର୍ମାତା

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଆମ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ହାସଲ କରିବାକୁ ପଡ଼ିବ ଏବଂ ଆଜିର ପିଲାମାନେ ହିଁ ହେବେ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ନିର୍ମାତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ସ୍ଥିତ ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ବିଜ୍ଞାନ ଓ ପ୍ରଯୁକ୍ତି ମହୋତ୍ସବ ସାଇ-ଟେକ୍ ୨୦୨୫ରେ ଯୋଗଦେଇ କହିଛନ୍ତି। ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ ସାଇ-ଟେକ୍- ୨୦୨୫ କାର୍ଯ୍ୟକ୍ରମରେ କେବଳ ପ୍ରାଇଭେଟ ସ୍କୁଲ ନୁହେଁ ବରଂ କଟକ-ଭୁବନେଶ୍ୱରର ସରକାରୀ ସ୍କୁଲର ପିଲାମାନେ ମଧ୍ୟ ଭାଗ ନେଇଛନ୍ତି, ଯାହା ବିଜ୍ଞାନରେ ସେମାନଙ୍କ ସୃଜନଶୀଳ ପ୍ରତିଭାର ବିକାଶରେ ସହାୟକ ହେବ। ବିଜ୍ଞାନ ଓ ଗବେଷଣାକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରଧାନମନ୍ତ୍ରୀ ୧ ଲକ୍ଷ କୋଟି ଟଙ୍କାର ଗବେଷଣା ଓ ବିକାଶ ପାଣ୍ଠି ଗଠନ କରିଛନ୍ତି। ଏହା ଆମର ଗବେଷଣା କ୍ଷେତ୍ରକୁ ସମୃଦ୍ଧ କରିବ ଏବଂ ଆମ ଦେଶର ଛାତ୍ରଛାତ୍ରୀମାନେ ଗବେଷଣା କ୍ଷେତ୍ରକୁ ଅଧିକ ଆକୃଷ୍ଟ ହେବେ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିରେ ନୂଆ ଉପଲବ୍ଧି ହାସଲ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଧୁନିକ ଟେକ୍ନୋଲୋଜି ବିକାଶ କ୍ଷେତ୍ରରେ ମଧ୍ୟ ଭାରତୀୟ ବୈଜ୍ଞାନିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାସନାଲ୍ ଏଜୁକେସନ୍ ଗ୍ରୁପ୍ ର ଅଧ୍ୟକ୍ଷା ଡକ୍ଟର ଶିଳ୍ପୀ ସାହୁ, ପ୍ରଖ୍ୟାତ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳା ପ୍ରମୁଖ ମଞ୍ଚାସୀନ ଥିଲେ।

● ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫

ଶ୍ରେଷ୍ଠତ୍ୱ ପାଇଁ ଯୋଗ୍ୟ ବିବେଚିତ ହେଲା ଓଡ଼ିଶା ପାଭିଲିୟନ୍

ଗତ ୪ବର୍ଷ ଧରି ଓଡ଼ିଶା ମଣ୍ଡପ ପୁରସ୍କୃତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬।୧୧ (ସଂଚାର ବ୍ୟୁରୋ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ଅନ୍ତିମ ତିଥିରେ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ଓଡ଼ିଶା ପାଭିଲିୟନ୍। ଏ' ସମ୍ପର୍କରେ ଏହି ବାଣିଜ୍ୟ ମେଳାର ଆୟୋଜକ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ ଦ୍ୱାରା ସୂଚନା ପ୍ରଦାନ ପରେ ଓଡ଼ିଶା ପାଭିଲିୟନ୍ ରେ ଆନନ୍ଦର ଲହରୀ ଖେଳି ଯାଇଛି ଏବଂ ଅଂଶଗ୍ରହଣକାରୀ ଅନ୍ୟ ରାଜ୍ୟର କର୍ମକର୍ତ୍ତାମାନେ ଓଡ଼ିଶା ପାଭିଲିୟନ୍ କୁ ଆସି ଅଭିନନ୍ଦନ ଜଣାଉଛନ୍ତି।

ଚଳିତ ବର୍ଷ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ବିଷୟବସ୍ତୁ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଆଧାରରେ ଓଡ଼ିଶ। ମଣ୍ଡପ ପ୍ରସ୍ତୁତ କରାଯାଇଛି। ମଣ୍ଡପ ଡିଜାଇନରେ କେବଳ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଏବଂ ଭାସ୍କର୍ଯ୍ୟ କଳା ପ୍ରତିଫଳିତ ହୋଇନାହିଁ, ବରଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନିମନ୍ତେ ପ୍ରସ୍ତୁତ ଭିଜନ୍ ଡକ୍ୟୁମେଣ୍ଟ ଆଧାରରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ପାଇଁ ଓଡିଶାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରାଯାଇଛି। ବିଭିନ୍ନ କୃଷି ଉତ୍ପାଦ ସମେତ ଉତ୍କୃଷ୍ଟ ହସ୍ତତନ୍ତ, ହସ୍ତଶିଳ୍ପ କଳା ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବହୁ ସାମଗ୍ରୀ ମଧ୍ୟ ଏଥିରେ ପ୍ରଦର୍ଶିତ ହୋଇଛି । ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଲଗାତାର ଭାବେ ଗତ ୩ ବର୍ଷ ଧରି ଓଡ଼ିଶା ପାଭିଲିୟନ୍ ପୁରସ୍କୃତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଗୁରୁବାର ଅପରାହ୍ନରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଚତୁର୍ଥ ଥର ପାଇଁ ପୁରସ୍କାର ଗ୍ରହଣ କରିବ।

ଭୂସମ୍ପଦ ତଥ୍ୟାବଳୀ ରଥର ଶୁଭାରମ୍ଭ

ଭୁବନେଶ୍ୱର, ୨୬।୧୧ (ସଂଚାର ବ୍ୟୁରୋ): ଭୂସମ୍ପଦ ତଥ୍ୟାବଳୀ ରଥ ବା ଲ୍ୟାଣ୍ଡ ରିସୋର୍ସ ଇନଭେଣ୍ଟରିର ଶୁଭାରମ୍ଭ ଆଜି କୃଷି ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ କରକମଳରେ ଅନୁଷ୍ଠିତ ହୋଇଛି। ଏଲଆର୍ଆଇ ଯାତ୍ରା ରିୱାର୍ଡ ପାଇଲଟ ପ୍ରକଳ୍ପ ଅନ୍ତର୍ଗତ ୫ଟି ଜିଲ୍ଲା (ନୟାଗଡ, କୋରାପୁଟ, ସମ୍ବଲପୁର, ଢେଙ୍କାନାଳ ଏବଂ ଦେବଗଡ଼)ର ବିଭିନ୍ନ ଗ୍ରାମପଞ୍ଚାୟତରେ ଆରମ୍ଭ ହେବ। ଏଥିରେ ଦେବଗଡ଼ ଜିଲ୍ଲାର ୮ଟି, ଢେଙ୍କାନାଳର ୧୪ଟି , କୋରାପୁଟର ୧୬ଟି, ନୟାଗଡର ୧୯ ଟି ଏବଂ ସମ୍ବଲପୁରର ୨୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଜିଲ୍ଲାମାନଙ୍କରେ ଭୂସମ୍ପଦ ତଥ୍ୟାବଳୀ ରଥ ଆଜିଠାରୁ ଆରମ୍ଭ ହେଇ ଏକ ମାସ ପର୍ଯ୍ୟନ୍ତ ଚାଲିବ।

ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଲେ ଯେ, ଭୂସମ୍ପଦ ତଥ୍ୟକୁ ବ୍ୟବହାର କରି ଏଲଆର୍ଆଇ କାର୍ଡ ପ୍ରସ୍ତୁତ କରାଯାଇଛି। ଏହି କାର୍ଡ ବ୍ୟବହାର କରି ଚାଷୀ ଭାଇ ଓ ଭଉଣୀମାନେ ଜମିର ଉପାଦେୟତା, ଉପଯୁକ୍ତ ଫସଲ, ମାଟିର ସମସ୍ୟା ଓ ପ୍ରସ୍ତାବିତ ଉପଚାର ସମ୍ପର୍କରେ ଜାଣିପାରିବେ। ଏହି କାର୍ଡର ବ୍ୟବହାର

ଦ୍ୱାରା ନିଜ ଜମିର ବିଭିନ୍ନ ଭୌତିକ ଓ ରାସାୟନିକ ଗୁଣବତ୍ତା ବିଷୟରେ ଜାଣିବା ସହ ଫସଲ ଚୟନ, ସାର ପରିଚାଳନା, ମୃତ୍ତିକା ସଂରକ୍ଷଣ ଉପାୟ ଓ ଉପଯୁକ୍ତ ଜଳ ସଂରକ୍ଷଣ ପଦ୍ଧତି ଆଦି ନିର୍ଦ୍ଧାରଣ କରିପାରିବେ। ଏତଦ୍ ବ୍ୟତୀତ ଉପ ଜଳବିଭାଜିକା ଅନ୍ତର୍ଗତ ନୂତନ କାର୍ଯ୍ୟର ଶୁଭାରମ୍ଭ ଓ ଭୂମି ପୂଜନ, ଏଲଆରଆଇ ମହୋତ୍ସବ, ଶ୍ରମଦାନ, ପାନୀ କି ପାଠଶାଳା ତଥା ପୂର୍ବ ସମ୍ପାଦିତ କାର୍ଯ୍ୟାବଳୀର ଲୋକାର୍ପଣ ମଧ୍ୟ ହେବ । ସଂପୃକ୍ତ ଜଳବିଭାଜିକା ଅଞ୍ଚଳ ଅନ୍ତର୍ଗତ ଚାଷୀ ସମୁହଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଅଟେ । ଏଲ. ଆର୍. ଆଇ କାର୍ଡର ତଥ୍ୟାବଳୀକୁ ବ୍ୟବହାର କରି ଲାଭବାନ ହୋଇଥିବା ଚାଷୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବାର ପରିକଳ୍ପନା କରାଯାଇଅଛି ବୋଲି କୃଷି ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କହିଥିଲେ।

ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ହତ୍ୟା

ବନ୍ଧାହେଲେ ହୋମଗାର୍ଡ ପ୍ରେମିକ

ଦେବଗଡ଼ ୨୬।୧୧(ସଂଚାର ବ୍ୟୁରୋ): ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପ୍ରେମ କଲେ। କିନ୍ତୁ ବିବାହ ପାଇଁ ଜିଦ୍ ଧରିବାରୁ ରାସ୍ତାରୁ ହଟାଇଦେଲେ। ଫୋନ୍ କରି ଡକାଇଲେ, ଶ୍ୱାସରୁଦ୍ଧ କରି ମାରିଦେଲେ। ମହିଳାଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି ହୋମଗାର୍ଡ ପ୍ରେମିକ। ଦେବଗଡ ଜିଲ୍ଲା ଲଇମୁରା ଥାନାରେ କାର୍ଯ୍ୟରତ ହୋମଗାର୍ଡ ଲଇମୁରା ଗ୍ରାମର ଶ୍ରୀକର ସୁନାନୀ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି। ଗତ ୨୨ ତାରିଖରେ ଜଣେ ମହିଳାଙ୍କ ମୃତଦେହ ନିକଟସ୍ଥ ଜଙ୍ଗଲରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ବେଳେ ମୃତ ମହିଳା ଓ ଶ୍ରୀକରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ସୂଚନା ମିଳିଥିଲା। ଶ୍ରୀକରଙ୍କ ସ୍ତ୍ରୀଙ୍କର ପୂର୍ବରୁ ମୃତ୍ୟୁ ହୋଇଥିଲା। ମହିଳା ସ୍ୱାମୀ ପରିତ୍ୟକ୍ତା ହୋଇ ବାପଘରେ ରହୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିବା ବେଳେ ମହିଳା ଜଣଙ୍କ ଶ୍ରୀକରଙ୍କୁ ବିବାହ ପାଇଁ ବାଧ୍ୟ କରୁଥିଲେ। ଫଳରେ ଶ୍ରୀକର ମହିଳାଙ୍କୁ ରାସ୍ତାରୁ ହଟାଇ ଦେବାକୁ ସ୍ଥିର କରିଥିଲେ।

ବିଜେଡି ବିଧାୟକ ଦଳ ବୈଠକ

ବିଧାନସଭାରେ ଲୋକଙ୍କ ସମସ୍ୟା ପ୍ରସଙ୍ଗ ଉଠାଇବ ଦଳ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ବିଜେଡି ବିଧାୟକ ଦଳର ବୈଠକ ଆଜି ଶଙ୍ଖ ଭବନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଓ ଲୋକଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଛି। ବୈଠକରେ ଉଦ୍‌ବୋଧନ ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ଏବେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡି ପଡ଼ିଛି। ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝର ସଦରଠାରୁ ଆରମ୍ଭ କରି ଖୋର୍ଦ୍ଧା, ବାଘମାରୀ ଓ କଟକ ଏସ୍‌ସିବି କଲେଜରେ ନିକଟରେ ଘଟିଯାଇଥିବା ନାରୀ ନିର୍ଯାତନା ଘଟଣା ଅତ୍ୟନ୍ତ ପୀଡ଼ାଦାୟକ। ସେହିପରି ଶାନ୍ତି ଓ ସଦ୍‌ଭାବ ପାଇଁ ସୁନାମ ଥିବା ଓଡ଼ିଶାରେ ସାମ୍ପ୍ରଦାୟିକ ଉତ୍ତେଜନା ବଢ଼ିଚାଲିଥିବା ବେଦନାଦାୟକ। ଗତ ୧୮ ମାସ ଭିତରେ ରାଜ୍ୟରେ ସ୍ଥିତିରେ ଅବନତି ଘଟିଛି। ନିକଟରେ କଟକ ସହରରେ ଦୁର୍ଗାପୂଜା ସମୟରେ ଘଟିଥିବା ଦଙ୍ଗା ରାଜ୍ୟ ମୁଣ୍ଡ ତଳକୁ କରିଦେଇଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଯେ ଆଜି ରାଜ୍ୟରେ ଚାଷୀ ଓ ମହିଳାମାନେ ସବୁଠାରୁ ଅଧିକ ଦୁଃଖରେ ଅଛନ୍ତି। ସରକାର ନା ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଇପାରୁଛନ୍ତି, ନା ମିଶନ ଶକ୍ତି ମା'ମାନଙ୍କୁ ଋଣ ଦେଇପାରୁଛନ୍ତି। ଚାଷୀ ଓ ମିଶନ ଶକ୍ତି ମା'ମାନଙ୍କ ପ୍ରତି ସରକାରଙ୍କର ଉଦାସୀନତାର ଦୃଢ଼ ବିରୋଧ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟରେ ଚାଲିଥିବା ବିଜେପି ସରକାରକୁ ଚାଷୀ, ମହିଳା ଓ ଯୁବ ବର୍ଗର ବିରୋଧୀ ବୋଲି ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ କ୍ଷମତାକୁ ଆସିବା ପରେ ବିଜେପି ସରକାର ଅଦ୍ୟାବଧି ଗୋଟିଏ ବି ନିଯୁକ୍ତି ପରୀକ୍ଷା ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିପାରିନାହାନ୍ତି। ଫଳତଃ ଯୁବ ବର୍ଗ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଛି। ତେଣୁ ଜନସାଧାରଣ ସମ୍ମୁଖୀନ ହେଉଥିବା ଏହିସବୁ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

● ଏସ୍ଆଇ ନିଯୁକ୍ତି ପରୀକ୍ଷା ମାମଲା

୪ ଦଲାଲଙ୍କୁ ରିମାଣ୍ଡରେ ନେବ ସିବିଆଇ

ଭୁବନେଶ୍ୱର,୨୬।୧୧ (ସଂଚାର ବ୍ୟୁରୋ): ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ ୪ ଦଲାଲଙ୍କୁ ରିମାଣ୍ଡରେ ନେବ ସିବିଆଇ। ୪ ଦିନିଆ ରିମାଣ୍ଡରେ ନେବା ପାଇଁ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଆବେଦନ କରିଛି ସିବିଆଇ। ୪ ଦଲାଲ ହେଲେ ଲୋକନାଥ ସାହୁ, ତଫିମ୍ ଅହମ୍ମଦ ଖାନ, ଏସଏସବି ଯବାନ ବିଶ୍ୱରଞ୍ଜନ ବେହେରା ଓ ବିଶ୍ୱରଞ୍ଜନ ହରିଚନ୍ଦନଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିଛି ସିବିଆଇ। ସେପଟେ ପୋଲିସ ଏସ୍ଆଇ କେଲେଙ୍କାରୀ ମାମଲା ବ୍ରହ୍ମପୁର ଜେଏମ୍ଏଫ୍‌ସି କୋର୍ଟରୁ ସିବିଆଇ କୋର୍ଟକୁ ସ୍ଥାନାନ୍ତର ହୋଇଛି। ମାମଲା ସ୍ଥାନାନ୍ତର ନେଇ ବ୍ରହ୍ମପୁର ଜେଏମ୍ଏଫ୍‌ସି କୋର୍ଟ ଅନୁମତି ଦେଇଛନ୍ତି। ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଝାରପଡ଼ା ଜେଲ୍‌କୁ ୧୨ ଅଭିଯୁକ୍ତ ସ୍ଥାନାନ୍ତରିତ ହୋଇଛନ୍ତି। ସମନ ପାଇବା ପରେ ସିବିଆଇ ଅଫିସରେ ସକାଳୁ ସକାଳୁ ଦୁଇ ଜଣ ହାଜର ହେବା ସହ ନିଜର ବୟାନ ରଖିଛନ୍ତି। ଦୁଇ ଜଣ ପରୀକ୍ଷାର୍ଥୀଙ୍କୁ ୫ ଘଣ୍ଟାରୁ ଅଧିକ ସମୟ ଧରି ପଚରା ଉଚରା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ପୃଥକ ପୃଥକ ଜେରା କରିବା ପରେ, ଉଭୟଙ୍କ ବୟାନ ରେକର୍ଡ କଲା ସିବିଆଇ। ୫ ଘଣ୍ଟା ପରେ ଉଭୟଙ୍କୁ ସାମ୍ନା ସାମନି ଜେରା କରାଯାଇଛି ।

ବରଗାଡ଼ି ତଳେ ଚାପିହୋଇ ବାପା ମୃତ

ବଲାଙ୍ଗିର, ୨୬।୧୧ (ସଂଚାର ବ୍ୟୁରୋ): ମଙ୍ଗଳବାର ରାତିରେ ବରଯାତ୍ରୀ ଶୋଭାଯାତ୍ରା ବେଳେ ପୁଅର ବରଯାତ୍ରୀ ଗାଡ଼ି ଧକ୍କାରେ ବାପାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ କନ୍ୟାଙ୍କ ମାଉସୀ ପୁଅ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ମୃତକ ହେଲେ ଚୈତନ୍ୟ ବାଗ। ପ୍ରକାଶ ଯେ, ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଆମ୍ବପାଲି ଗ୍ରାମର ଚୈତନ୍ୟଙ୍କ ପୁଅ ଦୁଃଖୀଶ୍ୟାମଙ୍କ ବାହାଘର ବରଯାତ୍ରୀ ପାଟଣାଗଡ ବ୍ଲକ ମଣ୍ଡଳକୁ ବରଯାତ୍ରୀ ଯାଇଥିଲେ। ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ବରଯାତ୍ରୀ ଗାଡ଼ି ଆଗରେ ଥିବା ବର ଦୁଃଖୀଶ୍ୟାମଙ୍କ ବାପା ଚୈତନ୍ୟଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଯାଇଛି। ପାଟଣାଗଡ଼ ପୁଲିସ ମଣ୍ଡଳ ଗାଁରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଆହତଙ୍କୁ ଉଦ୍ଧାର କରି ଡାକ୍ତର ଖାନାକୁ ନେଇଥିଲେ।

'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' କର୍ମଶାଳା

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ବିକଶିତ ଓଡ଼ିଶାର ସ୍ୱପ୍ନକୁ ଦୃଢ଼ ଭିତ୍ତି ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭' ଭଳି ଏକ ବିଶେଷ ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ଏହା କେବଳ ଏକ ଯୋଜନା ନୁହେଁ ସମଗ୍ର ଓଡ଼ିଶାବାସୀଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷାକୁ ଏକତ୍ରିତ କରି ତିଆରି ହୋଇଥିବା ଏକ ବଳିଷ୍ଠ ପ୍ରତିଫଳନ। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ଗଢ଼ିବା ହେଉଛି ଏହି ଭିଜନର ମୂଳ ଉଦ୍ଦେଶ୍ୟ। ଆଜି ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଆୟୋଜିତ 'ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା' ଶୀର୍ଷକ କର୍ମଶାଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ସମାଜର ସମସ୍ତ ବର୍ଗ ଛାତ୍ରଛାତ୍ରୀ, ବିଶେଷଜ୍ଞ, ଶିଳ୍ପ ସଂଗଠନ, ପ୍ରବାସୀ ଓଡ଼ିଆ ପ୍ରମୁଖ ଏହାକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ସେ କହିଛନ୍ତି। କର୍ମଶାଳାରେ ସମସ୍ତ ଜିଲ୍ଲାର ବିପିସି, ବିପିମ, ଡିପିସି ଓ ଡିପିମ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ବିଷୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଭାଗ ସହ ଅନୁବନ୍ଧିତ ସଂସ୍ଥା ଯଥା ଆଇଆର୍ଆର୍ଆଇ, ଆଇଏଚ୍ଏମ୍, ୱାସନ୍ ଓ ଡବ୍ଲ୍ୟୁଏସ୍‌ସିର ପ୍ରତିନିଧି ମହିଳାଙ୍କ ସଶକ୍ତିକରଣ ଦିଗରେ କରିଥିବା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ।

■ ପେଟ୍ରୋଲ ପକାଇ ଜାଳିଦେଲେ ସରକାରୀ ମଦ ଦୋକାନ

ଜଳିଗଲା ୪.୭୫ ଲକ୍ଷ ଟଙ୍କାର ମଦ

ଭଦ୍ରକ, ୨୬।୧୧ (ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ତିହିଡି ବଜାରରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀମଦ ଦୋକାନକୁ ମଙ୍ଗଳବାର ରାତିରେ ପେଟ୍ରୋଲ ପକାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଦୋକାନରେ ଥିବା ୨ଶହ ପେଟି ଦେଶୀମଦ ନିଆଁରେ ଜଳି ଯାଇଛି। ଯାହାର ମୂଲ୍ୟ ୪ଲକ୍ଷ ୭୫ ହଜାର ହେବ ବୋଲି କୁହାଯାଇଛି। ଏ ସମ୍ପର୍କରେ ସାବରଙ୍ଗ ଥାନା ଅଧୀନ ହଳଦୀଡିହ ଗ୍ରାମର ମଦଦୋକାନ ମାଲିକ ରତ୍ନାକର ବେହେରା ବୁଧବାର ତିହିଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦୋକାନରେ ଥିବା ବିଭିନ୍ନ ଆସବାବ ପତ୍ର ସହିତ ସରକାରୀ କାଗଜପତ୍ର ମଧ୍ୟ ଜଳିଯାଇଥିବା ଦର୍ଶାଯାଇଛି। ଦୋକାନ ମାଲିକ ବେହେରା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ଅପରାହ୍ନରେ ମିର୍ଜାପୁର ଗ୍ରାମର ଜଣେ ଯୁବକ ତାଙ୍କ ଦୋକାନ ପାଖକୁ ଯାଇ ଦୋକାନରେ ଥିବା କର୍ମଚାରୀ ରମେଶ ସେଠୀ ଓ ବିନୋଦ ବିହାରୀ ଗୁପ୍ତାଙ୍କୁ ଗାଳିଗୁଲଜ କରିବା ସହ ଦୋକାନ କବାଟକୁ ଗୋଇଠା, ଧକ୍କା ମାରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ କର୍ମଚାରୀ ତାଙ୍କୁ ଏ ସମ୍ପର୍କରେ ଫୋନ ଯୋଗେ ଜଣାଇଥିଲେ। ରାତି ୧୦ଟାରେ କର୍ମଚାରୀ ୨ଜଣ ଦୋକାନ ବନ୍ଦକରି ଫେରିଥିଲେ। ପରେ କେତେକ ଦୁର୍ବୃତ୍ତ ଦୋକାନର ତାଲା ଭାଙ୍ଗି ଭିତରକୁ ପଶିବା ସହ ଟଙ୍କା ବାକ୍ସରେ ଥିବା ୫ହଜାର ଟଙ୍କା ଲୁଟି ନେଇଥିଲେ। ପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଗାଳି ଗୁଲଜ କରିଥିବା ସେହି ଯୁବକ ଜଣକ ଏପରି କାଣ୍ଡ ଘଟାଇଥିବା ଦୋକାନ ମାଲିକ ବେହେରା ସନ୍ଦେହ କରି ଅଭିଯୋଗ କରିଛନ୍ତି। ତେବେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦୋକାନ ମାଲିକ ଦାବି କରିଛନ୍ତି।

● ପ୍ରେମ ମାନିଲାନି ବନ୍ଧବାଡ଼

ଆମେରିକା ଝିଅ ହେବ ଅମର ବୋହୂ

ନୀଳଗିରି, ୨୬।୧୧ (ସଂଚାର ବ୍ୟୁରୋ) : ପ୍ରେମ ପାଇଁ ସାତ ଦରିଆ ପାର୍। ଆମେରିକାରୁ ଓଡ଼ିଶା ଫେରିଛନ୍ତି ସେଜଲ ଜନ ଓରଫ ପୂଜା। ମିଛ ନାଟକ ରଚି ସେ ଆସିଛନ୍ତି ବାହୁଡି। ତେବେ ଯେଉଁ ପ୍ରେମ ପାଇଁ ସେ ଏତେ ଦୂର ଆସିଲେ ଏବେ ତାକୁ ମିଳିବାକୁ ଯାଉଛି ସ୍ୱୀକୃତି। ସେଜଲଙ୍କୁ ବୋହୂ କରିନେବାକୁ ପୂରା ପ୍ରସ୍ତୁତ ରହିଛି ପ୍ରେମିକ ଅମର ଦାସଙ୍କ ପରିବାର। ପ୍ରେମିକ ଅମର ପାଇଁ ଆମେରିକା ଛାଡି ପ୍ରେମିକା ପୂଜା ବାଲେଶ୍ୱର ଆସିଛନ୍ତି। କହିବାକୁ ଗଲେ ଆମେରିକାର ଜଣେ ଦମ୍ପତି ଯିଏକି ତାଙ୍କୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରି ଭୁବନେଶ୍ୱରରୁ ୨୦୧୮ରେ ଆମେରିକା ନେଇଥିଲେ, ସେହି ଦମ୍ପତି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ପୂଜା ଅଭିଯୋଗ କରିଥିଲେ। ଏହାପରେ ଆମେରିକାରୁ ଓଡ଼ିଶା ଫେରିବା ପାଇଁ ସୋସିଆଲ ମିଡିଆ ଜରିଆରେ ଗୁହାରୀ କରିଥିଲେ। ପୂଜାଙ୍କ ପ୍ରେମିକ ବାଲେଶ୍ୱରର ଅମର ଦାସ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ ପୂଜାଙ୍କ ଓଡିଶା ଫେରାଇ ଆଣିବାକୁ।

ପୂଜା ବାଲେଶ୍ୱର ଫେରିଛନ୍ତି। ଆଉ ବାଲେଶ୍ୱର ଫେରିବା ପରେ ସେ ତାଙ୍କ ବୟାନ ବି ବଦଳାଇଛି। ଆମେରିକାର ତାଙ୍କୁ ପୋଷୁଥିବା ପିତାମାତା ତାଙ୍କୁ ନିର୍ଯାତନା ଦେଉଥିବା କଥା ସେ ଅସ୍ୱିକାର କରିଛନ୍ତି। ସେ ଆହୁରି କହିଛନ୍ତି ସେ ଅମରକୁ ଭଲ ପାଉଛନ୍ତି। ଆଉ ଆମରକୁ ବାହା ହେବାପାଇଁ ଆମେରିକାରୁ ବାଲେଶ୍ୱର ଆସିଛି। ପୂଜା ଏବେ ବାଲେଶ୍ୱର ନାରୀସଂଘରେ ରହିଛନ୍ତି। ଅନ୍ୟ ପଟେ ଅମରଙ୍କ ପିତାମାତା ଭୁବନେଶ୍ୱରରେ ରହୁଥିବା ବେଳେ ଅମର ରେମୁଣା ଆଳଦା ଗ୍ରାମରେ ଥିବା ତାଙ୍କ ଅଜା ଆଈଙ୍କ ଘରେ ରୁହନ୍ତି। ଅମରଙ୍କୁ ଭଲ ପାଇ ଆମେରିକାରୁ ପୂଜା ଆସିଥିବାରୁ ତାଙ୍କୁ ବୋହୂ କରି ନେବାକୁ ଅମରଙ୍କ ପୂରା ପରିବାର ରାଜିଥିବା ତାଙ୍କ ଆଈ କହିଛନ୍ତି।

● ଡ୍ରପ୍ ଆଉଟ୍ ରୋକିବାରେ ଶିକ୍ଷା ବିଭାଗ ବିଫଳ

ବାଟ ହୁଡ଼ୁଛନ୍ତି ହଜାର ହଜାର ଛାତ୍ରଛାତ୍ରୀ

ଡାବୁଗାଁ,୨୬।୧୧ (ସଂଚାର ବ୍ୟୁରୋ): ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ ହେଲା ପରେ ଡ୍ରପଆଉଟ୍ ପିଲାଙ୍କୁ ଶତ ପ୍ରତିଶତ ବିଦ୍ୟାଳୟ ମୁହାଁ କରିବା ପାଇଁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ରହିଛି। ସରକାର ପିଲାଙ୍କୁ ସବୁକିଛି ମାଗଣା ଯୋଗାଇ ଆସୁଥିବା ବେଳେ ପିଲା କାହିଁକି ପାଠ ପଢିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ତାହା ଚିନ୍ତାର ବିଷୟ ହୋଇଥିବା ବେଳେ ନବରଙ୍ଗପୁରଜିଲ୍ଲା ଡାବୁଗାଁ ବ୍ଲକରେ ମାତ୍ର ୨୮ ପ୍ରତିଶତ ପିଲାଙ୍କୁ ସ୍କୁଲମୁହାଁ କରାଯାଇଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲ୍ଲାର ପଛୁଆ ଭାବେ ପରିଗଣିତ ଡାବୁଗାଁ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଶିକ୍ଷା ବିଭାଗ ତରଫରୁ ଡ୍ରପ ଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ଶିକ୍ଷା ବିଭାଗ ନାକେଦମ୍ ହୋଇଛି।

ଡାବୁଗାଁ ବ୍ଲକ ଶିକ୍ଷା ବିଭାଗ ତରଫରୁ ୨୦୨୫/୨୫ ଶିକ୍ଷା ବର୍ଷରେ ଅଧାରୁ ପାଠ ଛାଡ଼ିଥିବା ୭ ବର୍ଷରୁ ୧୪ ବର୍ଷ ଓ ୧୫ ବର୍ଷରୁ ୧୮ ବର୍ଷ ପିଲାଙ୍କୁ ଘରକୁ ଘର ବୁଲି ସର୍ଭେ କରାଯାଇଥିଲା, ଯେଉଁଥିରେ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ୮ଟି କ୍ଲଷ୍ଟରରେ ୧୦୮୨ ପିଲା ପାଠ ଛାଡ଼ିଥିବା ଜଣାପଡିଥିଲା। ୭ରୁ ୧୪ ବର୍ଷର ୩୩୬ ପିଲା ଓ ୧୫ରୁ ୧୮ ବର୍ଷର ୭୪୬ ପିଲା ଅଧାରୁ ପାଠ ଛାଡିଥିଲେ। ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ବିଦ୍ୟାଳୟ ମୁହାଁ କରିବା ପାଇଁ ପ୍ରଧାନଶିକ୍ଷକ ବିଭିନ୍ନ କୌଶଳ ଅବଲମ୍ବନ କରି ତଥା ଅଶିକ୍ଷିତ ଅଭିଭାବକମାନଙ୍କୁ ଯଥେଷ୍ଟ ବୁଝାଇ ଥିଲେ। ଶିକ୍ଷକମାନଙ୍କ ପରିଶ୍ରମ ଓ ସଚେତନ ପରେ ମଧ୍ୟ ବ୍ଲକର ୧୦୮୨ ପିଲାରୁ ମାତ୍ର ୨୫୯ ପିଲାଙ୍କୁ ଆଜି ପର୍ଯ୍ୟନ୍ତ ସ୍କୁଲ ମୁହାଁ କରାଯାଇ ପାରିଛି। ୭ରୁ ୧୪ ବର୍ଷ ୧୧୪ ଓ ୧୫ରୁ ୧୮ ବର୍ଷ ୧୪୫ ପିଲା ସ୍କୁଲକୁ ଫେରିଛନ୍ତି। ଏତେ ସଚେତନ ପରେ ମଧ୍ୟ ବ୍ଲକର ୭୨ ପ୍ରତିଶତ ପିଲା କୌଣସି କାରଣରୁ ପାଠ ପଢାରୁ ଦୂରରେ ରହିଛନ୍ତି। କ'ଣ ପାଇଁ ବ୍ଲକର ଏତେ ସଂଖ୍ୟକ ପିଲା ଅଧାରୁ ପାଠ ଛାଡୁଛନ୍ତି ଓ ସ୍କୁଲ ଆସୁ ନାହାନ୍ତି ତାହା କାହା ପାଖରେ ଜବାବ ନଥିଲେ ସୁଦ୍ଧା ପରିବାରର ଆର୍ଥିକ ଦୂରବସ୍ଥା ଯୋଗୁଁ ଅଧିକାଂଶ ପିଲା ସ୍କୁଲ ଆସୁ ନଥିବା ଜଣା ପଡ଼ିଛି। ବର୍ତ୍ତମାନ ଚାଷ କାର୍ଯ୍ୟ ଚାଲିଥିବାରୁ ଗରିବ ପରିବାରର ପିଲାମାନେ ବାପା-ମା'ଙ୍କୁ ସାହାଯ୍ୟ କରିବା ପାଇଁ ଅଧିକାଂଶ ଦିନ ବିଦ୍ୟାଳୟ ଛୁଟି କରୁଛନ୍ତି। କିଛି ସଚେତନ ଅଭିଭାବକ ପିଲାକୁ ସ୍କୁଲ ଯିବାକୁ ଅତ୍ୟଧିକ ଚାପ ସୃଷ୍ଟି କଲେ ପିଲା ଆତ୍ମହତ୍ୟାର ଭୟ କିମ୍ବା ବାହାର ରାଜ୍ୟକୁ ଦାଦନ ଯିବା ଭୟ ଦେଖାଉଛନ୍ତି। ଏପଟେ ଡ୍ରପ ଆଉଟ୍ ପିଲାଙ୍କୁ ଠାବ କରି ସ୍କୁଲକୁ ଶତ ପ୍ରତିଶତ ଫେରାଇ ଆଣିବା ପାଇଁ ଶିକ୍ଷା ବିଭାଗ ତରଫରୁ ବିଇଓ ଓ ପ୍ରଧାନଶିକ୍ଷକଙ୍କୁ କଡା ନିର୍ଦ୍ଦେଶ ଥିବା ବେଳେ ବ୍ଲକ୍‌ର ଡ୍ରପ ଆଉଟ୍ ପିଲା ଧାନ ଭାରା ବୋହିବା, ଚାଷ ଜମିରେ ହିଡ ମାରିବା ଓ କୁଲି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।

● ସଂଘର୍ଷରୁ ସଫଳତାର କାହାଣୀ କହିଲେ ଡିକେୟୁ- ଜିକେୱାଇ ଆଲୁମନି

ରୋଜଗାର ଓ ବିପଣନ ବ୍ୟବସ୍ଥାର ଉଦାହରଣ ପ୍ରସ୍ତୁତ କଲା ଓରମାସ୍

ଭୁବନେଶ୍ୱର, ୨୬।୧୧(ସଂଚାର ବ୍ୟୁରୋ): ଓରମାସ୍ ପକ୍ଷରୁ ଆଜି ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା (ଡିଡିୟୁ-ଜିକେୱାଇ) ଅନ୍ତର୍ଗତ ତାଲିମପ୍ରାପ୍ତ ପୂର୍ବତନ ପ୍ରଶିକ୍ଷାର୍ଥୀମାନଙ୍କ ସମାବେଶ (ଆଲୁମନି ମିଟ୍) ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଓୟୁଏଟିର କଲେଜ୍ ଅଫ୍ ଏଗ୍ରିକଲଚର ଆସେମ୍ବ୍ଲି ହଲ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓରମାସର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ନିର୍ଦ୍ଦେଶକ (ସ୍କିଲସ୍) ସନ୍ତୋଷ କୁମାର ତିୱାରୀ, ଅତିରିକ୍ତ ସିଇଓ ସଞ୍ଜୀବ ସିଂହ, ମିଶନ୍ ମ୍ୟାନେଜର୍ (ସ୍କିଲସ୍) ଶଶୀ କୁମାର ଯାଦବ ଓ ଏନ୍ଆଇଆର୍‌ଡିପିଆର୍‌ର ନିର୍ଦ୍ଦେଶକ ଜୀବନ ରେଡ଼ି ଓ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଆଗାମୀ ନିଯୁକ୍ତି ସୁଯୋଗ ଓ କାରିୟର ସମ୍ଭାବନା ବିଷୟରେ ଦିଗଦର୍ଶନ ଦେଇଥିଲେ। ୩୦୦ରୁ ଅଧିକ ପ୍ରଶିକ୍ଷାର୍ଥୀ ସେମାନଙ୍କ ଅଭିଭାବକଙ୍କ ସହ ଯୋଗ ଦେଇଥିଲେ। ପିଆଇଏର ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ।

ନିଯୁକ୍ତିଦାତା ଓ ଟ୍ରେନିଂ ପାର୍ଟନରମାନେ ଶିଳ୍ପ ଆଧାରିତ ପ୍ରଶିକ୍ଷଣର ଗୁରୁତ୍ୱ ଉଲ୍ଲେଖ କରିଥିଲେ ଏବଂ ପ୍ଲେସମେଣ୍ଟ ଓ କାରିୟର ବୃଦ୍ଧି ପାଇଁ ଅବିରତ ସହଯୋଗ ଦେବାକୁ ସେମାନଙ୍କ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ୧୧୧ ପିଆଇଏ ଦ୍ୱାରା ସମର୍ଥିତ ଓରମାସ୍ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ବଜାର-ସଂଲଗ୍ନ, ଶିଳ୍ପ-ସମନ୍ୱିତ ଦକ୍ଷତା ବିକାଶକୁ ବିସ୍ତାର କରିଛି। ଡିଡିୟୁ-ଜିକେୱାଇ କାର୍ଯ୍ୟକ୍ରମ ଅଧୀନରେ, ୨.୦୮ ଲକ୍ଷ ଯୁବକଯୁବତୀଙ୍କୁ ତାଲିମ ଦିଆଯାଇଛି ଏବଂ ୧.୧୯ ଲକ୍ଷ ଯୁବକଯୁବତୀ ଆତିଥ୍ୟ, ଖୁଚୁରା ବ୍ୟବସାୟ, ସ୍ୱାସ୍ଥ୍ୟସେବା, କମ୍ପ୍ୟୁଟର ତାଲିମ (ସିଏନ୍‌ସି ଅପରେସନ୍), ଇଲେକ୍ଟ୍ରୋନିକ୍ ଆସେମ୍ବଲି ଏବଂ ସିଲାଇ ମେସିନ୍ ଅପରେସନ୍ ଭଳି ବିଭିନ୍ନ ବାଣିଜ୍ୟିକ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଅଭିଜ୍ଞତା ବିନିମୟ ସେସନ୍, ଯେଉଁଠାରେ ପୂର୍ବତନ ପ୍ରଶିକ୍ଷାର୍ଥୀମାନେ ନିଜ କାର୍ଯ୍ୟ ଜୀବନର ପ୍ରେରଣାଦାୟୀ ଅନୁଭବ ବାଣ୍ଟିଥିଲେ। ଶେଷରେ ପୁରାତନ ଛାତ୍ର ଓ ଟ୍ରେନିଂ ପାର୍ଟନରମାନଙ୍କୁ ସମ୍ମାନିତ କରାଯାଇଥିଲା ।

■ ପରକୀୟା ପ୍ରୀତି ସନ୍ଦେହ

ଲୁହା ନଳରେ ପିଟି ସ୍ତ୍ରୀଙ୍କୁ ମାରିଦେଲା

ଜମନକିରା,୨୬।୧୧(ସଂଚାର ବ୍ୟୁରୋ): ପାଲୋଖମନ୍ ଗାଁରେ ମଙ୍ଗଳବାର ରାତି ୭ଟା ୩୦ରେ ଏକ ନିଆଁ ଫୁଙ୍କା ଲୁହା ନଳରେ ସ୍ତ୍ରୀ ମୁଣ୍ଡକୁ ସ୍ୱାମୀ ବାଡ଼େଇ ହତ୍ୟା କରିଛି। ମଙ୍ଗଳବାର ସ୍ତ୍ରୀ ମମତା ମାଝୀ ଘର ଭିତରେ ଅନ୍ୟ କାହା ସହ ଏକ ମୋବାଇଲ ଫୋନରେ କଥାବାର୍ତ୍ତା ହେଉଥିଲେ। ଘର ବାହାରେ ଥିବା ସ୍ୱାମୀ ଶ୍ରୀକର ମମତାଙ୍କୁ ରନ୍ଧାବଢ଼ା କରିବାକୁ କହିଥିଲା। କିନ୍ତୁ ସ୍ତ୍ରୀ ମମତା କିଛି ଶୁଣି ନ ଥିଲେ। ଏହାକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ ଶ୍ରୀକର ଚୂଲି ପାଖରେ ଥିବା ଏକ ଲୁହା ନଳକୁ ଧରି ସ୍ତ୍ରୀ ମମତା ମୁଣ୍ଡରେ ଜୋରରେ ବାଡ଼େଇ ଦେବାରୁ ଘଟଣାସ୍ଥଳରେ ହିଁ ମମତା ଟଳି ପଡ଼ିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

୩୦ ଡଲାରକୁ କମିବ ଅଶୋଧିତ ତୈଳ ଦର

ନୂଆଦିଲ୍ଲୀ, ୨୬।୧୧: ନିଜ ଆବଶ୍ୟକତାର ୮୦ ପ୍ରତିଶତ ତେଲକୁ ଆମଦାନୀ ଜରିଆରେ ପୂରଣ କରୁଥିବା ଭାରତ ପାଇଁ ଏକ ବଡ଼ ଖୁସି ଖବର। ୨୦୨୭ ମଧ୍ୟ ଭାଗ ସୁଦ୍ଧା ଅଶୋଧିତ ତୈଳର ବ୍ୟାରେଲ୍ ପିଛା ମୂଲ୍ୟ ୩୦ ଡଲାର ପର୍ଯ୍ୟନ୍ତ ହ୍ରାସ ପାଇବାକୁ ଯାଉଛି। ବିଶ୍ୱସ୍ତରୀୟ ଇନଭେଷ୍ଟମେଣ୍ଟ୍ ବ୍ୟାଙ୍କ ଜେପି ମର୍ଗାନ ଏଭଳି ଆକଳନ କରିଛି। ଏହା କହିଛି ଯେ ତେଲର ଚାହିଦା ଯେତିକି ନଥିବ, ତା'ଠାରୁ ଯଥେଷ୍ଟ ଅଧିକ ଯୋଗାଣ ହେବ। ଫଳରେ ଅତିକମ୍ ଦାମ୍‌ରେ ସେହି ତେଲ ବିକ୍ରି ହେବ। ଆସନ୍ତା ତିନି ବର୍ଷ ପର୍ଯ୍ୟନ୍ତ ତୈଳ ଚାହିଦା ପ୍ରାୟ ସ୍ଥିର ରହିବ। ୨୦୨୫ ଓ ୨୦୨୬ରେ ଚାହିଦାଠାରୁ ଯୋଗାଣ ତିନିଗୁଣା ଅଧିକ ରହିବ। ୨୦୨୭ ବେଳକୁ ଯୋଗାଣ କମିବ। ଯେହେତୁ ତେଲ ଉତ୍ପାଦନ କରୁଥିବା ଦେଶଗୁଡ଼ିକ ଦରଦାମ୍‌କୁ ନେଇ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେମାନେ ନିଜ ବଜାର ଅଂଶ ବଜାୟ ରଖିବା ଲାଗି ଯେକୌଣସି ଦାମ୍‌ରେ ତାହାକୁ ବିକ୍ରି କରିବାକୁ ସେମାନେ ପଛାଇବେ ନାହିଁ। ବଜାରକୁ ବିପୁଳ ପରିମାଣର ଖଣିଜ ତୈଳ ଆସୁଛି ଯାହା ଓପେକ୍ ରାଷ୍ଟ୍ର ଓ ଅନ୍ୟମାନେ ଉତ୍ପାଦନ କରୁଛନ୍ତି। ଏହା ବ୍ୟତୀତ ଆମେରିକାରେ ସେଲ୍ ତୈଳର ଉତ୍ପାଦନ ବଢ଼ୁଛି। ଏଥି ସହିତ ଆର୍ଜେଣ୍ଟିନାର ଭାକା ମୁଏର୍ତା ତୈଳ ମଧ୍ୟ ଏକ ଉତ୍ତମ ବିକଳ୍ପ ଭାବେ ଉଭା ହେଉଛି। ଏହି ସବୁ ତୈଳ ବଜାରରେ ଉପଲବ୍ଧ ହେଲେ ତୈଳର ବ୍ୟାରେଲ୍ ପିଛା ଦାମ୍ ୨୦୨୬ ବେଳକୁ ୫୦ ଡଲାର ପର୍ଯ୍ୟନ୍ତ ଓ ୨୦୨୭ ସୁଦ୍ଧା ୩୦ ଡଲାର ପର୍ଯ୍ୟନ୍ତ କମିଯିବ। ତୈଳ ବଜାର ପାଇଁ ଆଉ ଏକ ବଡ଼ ସମସ୍ୟା ହେଉଛି ଗଚ୍ଛିତ ରହୁଥିବା ତେଲ। ସମୁଦ୍ର ପଥରେ ଜାହାଜରେ ଭର୍ତ୍ତି ବିପୁଳ ପରିମାଣର ତେଲ ରହିଥିବା ବେଳେ ଚୀନ୍ ମଧ୍ୟ ବହୁ ପରିମାଣର ଷ୍ଟକ୍ ରଖୁଛି। ଜେପି ମର୍ଗାନ ଆକଳନ କରିଛି ଯେ ବିପୁଳ ପରିମାଣର ତୈଳ ବଜାରରେ ଉପଲବ୍ଧ ହେବା ପରେ ବିଶ୍ୱର ଲୋକପ୍ରିୟ ଅଶୋଧିତ ତୈଳ ବ୍ରେଣ୍ଟ୍ କ୍ରୁଡ୍‌ର ବ୍ୟାରେଲ୍ ପିଛା ଦାମ୍ ୨୦୨୬ ବେଳକୁ ୬୦ ଡଲାର ତଳକୁ ଖସିଯିବ।

ଜେପି ମର୍ଗାନ ଆକଳନ

ଆଜିର ସୁନା ଦର

ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୫,୧୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୫,୧୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧ ୧,୨୫,୧୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୬୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୫,୧୩୦ ଓ ୧,୧୪,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୧, ୬୩,୦୦୦ ଟଙ୍କା ହୋଇଛି।

ଲଞ୍ଚ ହେଲା ଆଇକ୍ୟୁ୦୦ ୧୫ ମୋବାଇଲ୍

ନୂଆଦିଲ୍ଲୀ, ୨୬।୧୧: ଚୀନରେ ଲଞ୍ଚ ହେବାର ମାସେ ପରେ ଭାରତରେ ଲଞ୍ଚ ହୋଇଛି ଆଇକ୍ୟୁ୦୦ ୧୫ ସ୍ମାର୍ଟଫୋନ୍। ରିଅଲମି ଜିଟି୮ ପ୍ରୋ ଓ ୱାନପ୍ଲସ ୧୫ ପରେ ଏହା ତୃତୀୟ ସ୍ମାର୍ଟଫୋନ ଯେଉଁଥିରେ ଆପଣଙ୍କୁ ସ୍ନାପଡ୍ରାଗନ ୮ ଇଲାଇଟ୍ ଜେନ ୫ ପାୱାରଫୁଲ ଚିପସେଟ୍ ମିଳିବ। ୧୨ଜିବି+୨୫୬ଜିବି ଓ ୧୬ଜିବି+୨୫୬ଜିବି ଦୁଇଟି ମୋଡେଲ୍‌ରେ ଲଞ୍ଚ ହୋଇଥିବା ଆଇକ୍ୟୁ୦୦ ୧୫ ଏଥର ଟିକେ ମହଙ୍ଗା ରହିଛି। ତେବେ ଏଥିରେ ଫିଚର୍ସ ସବୁ କଣ ରହିଛି ଆସନ୍ତୁ ଜାଣିବା।

୧୪୪ଏଫପିଏସର ପାୱାରଫୁଲ୍ ଗେମିଂ ସ୍ମାର୍ଟଫୋନ କୁହାଯାଉଥିବା ଆଇକ୍ୟୁ୦୦ ୧୫ ୭୦୦୦ଏମଏଏଚର ବ୍ୟାଟେରୀ ଦିଆଯାଇଛି। ଆଇକ୍ୟୁ୦୦ ୧୫ ଅରିଜିନଓଏସ୬ରେ ଚାଲିବ ବୋଲି କମ୍ପାନୀ ଘୋଷଣା କରିଛି। କମ୍ପାନୀର ଦାବି ଅନୁସାରେ, ଆଇକ୍ୟୁ୦୦ ୧୫ ରେ ହେଉଛି ପ୍ରଥମ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ଯେଉଁଥିରେ ସାମସଙ୍ଗ ୨କେ ଏମ୧୪ ଲିଡ ଓଲିଡ୍ ଡିସପ୍ଲେ ରହିଛି। ଗେମ ଖେଳୁଥିବା ସମୟରେ ଫୋନକୁ କୁଲ୍ ରଖିବାକୁ ଏଥିରେ ସବୁଠାରୁ ବଡ଼ ସିଙ୍ଗଲ୍ ଲେୟର୍ ଭିସି କୁଲିଂ ସିଷ୍ଟମ୍ ଦିଆଯାଇଛି। ଏଥିରେ ଥିବା ଆଟୋମିକ ଆଇସଲାଣ୍ଡ ସ୍କ୍ରିନରେ ଲାଇଭ୍ ଆଲର୍ଟ ଦେଖାଇବ ଏବଂ ୟୁଜର ଏହାଦ୍ୱାରା ଷ୍ଟପୱାଚ୍ ଆରମ୍ଭ କିମ୍ବା ବନ୍ଦ କରିବା ଏବଂ ମ୍ୟୁଜିକ ପ୍ଲେବ୍ୟାକ୍ ଅପରେଟକୁ ନିୟନ୍ତ୍ରଣ କରିପାରିବେ। ଏହି ଫୋନରେ ଟ୍ରିପଲ୍ ରିୟର କ୍ୟାମେରା ସେଟ୍ ଅପ୍ ଦିଆଯାଇଛି। ଗୋଟିଏ ୫୦ ମେଗାପିକ୍ସେଲର ସୋନି ଆଇଏମଏକ୍ସ ୯୨୧ ଅଲଟ୍ରା-ଷ୍ଟେବିଲ୍ ମେନ୍ କ୍ୟାମେରା, ୧୦୦ଏକ୍ସ ଡିଜିଟାଲ୍ ଜୁମ୍ ସହିତ ଏକ ୫୦ ମେଗାପିକ୍ସେଲର ପେରିସ୍କୋପ୍ ଟେଲିଫୋଟୋ, ଏବଂ ଏକ ୫୦ମେଗାପିକ୍ସେଲର ଅଲଟ୍ରା ୱାଇଡ୍ ଆଙ୍ଗଲ୍ ଲେନ୍ସ ରହିଛି। ସେହିପରି ୩୨ ମେଗାପିକ୍ସେଲର ସେଲଫୀ କ୍ୟାମେରା ଦିଆଯାଇଛି। ଏହା ବ୍ୟତୀତ, ଏଥିରେ ଡଲବି ଭିଜନ୍ ଏବଂ ୱାୟାରଲେସ୍ ଚାର୍ଜିଂ ସହ ଡଷ୍ଟ ଓ ୱାଟର ରେଜିଷ୍ଟାନ୍ସ ରେଟିଂ ରହିଛି। ନଭେମ୍ବର ୨୮ ତାରିଖରୁ ଫୋନ୍ ଆମାଜାନରେ ଉପଲବ୍ଧ ହେବ।

ଫୋନର ଆଉ ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଏହାର ୧୦୦ୱାଟ ଫ୍ଲାସଚାର୍ଜିଂ ସିଷ୍ଟମ। ଯାହା ଫୋନକୁ କିଛି ମିନିଟ୍ ମଧ୍ୟରେ ଚାର୍ଜ କରିଦେବ ବୋଲି ଆଶା କରାଯାଉଛି। ଆଇକ୍ୟୁ୦୦ ୧୫ ତିନୋଟି ଆକର୍ଷଣୀୟ ଭ୍ୟାରିଏଣ୍ଟରେ ଉପଲବ୍ଧ ହେବ - ଲିଜେଣ୍ଡ, ଆଲଫା ଏବଂ ଗ୍ରେ। ଏହି ଫ ଫୋନ ୧ ଡିସେମ୍ବର ୨୦୨୫ ରୁ ବିକ୍ରି ପାଇଁ ଉପଲବ୍ଧ ହେବ। ଆଇକ୍ୟୁ୦୦ ୧୫ର ୧୨ଜିବି+୨୫୬ଜିବି ଭାରିଆଣ୍ଟର ମୂଲ୍ୟ ୭୨,୯୯୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ୧୬ଜିବି+୫୧୨ଜିବି ମଡେଲର ମୂଲ୍ୟ ୭୯,୯୯୯ ଟଙ୍କା ରଖାଯାଇଛି। ତେବେ ଗ୍ରାହକ ଏଥିରେ ୭,୦୦୦ ଟଙ୍କାର ତୁରନ୍ତ ରିହାତି କିମ୍ବା ୭,୦୦୦ ଟଙ୍କାର ଏକ୍ସଚେଞ୍ଜ ବୋନସ୍ ସହିତ ଅତିରିକ୍ତ ୧,୦୦୦ ଟଙ୍କାର କୁପନ୍ ରିହାତି ପାଇପାରିବେ।

ଏସୟୁଭି ମାର୍କେଟ୍ କମ୍ପିଟିସନ ଆଣିବ ଟାଟା ସିଏରା

ନୂଆଦିଲ୍ଲୀ, ୨୬।୧୧: ମଙ୍ଗଳବାର ଲଞ୍ଚ ହୋଇଛି ଟାଟାର ଶସ୍ତା ସୁନ୍ଦର ମଜଭୁତ ଏସୟୁଭି ଟାଟା ସିଏରା। ଏହାର ଏକ୍ସ ଶୋ ରୁମ ମୂଲ୍ୟ ୧୧.୪୦ ଲକ୍ଷ ଟଙ୍କା ରହିଥିବା ବେଳେ ୫ଟି ଡୋର ସହିତ ୩ ସ୍କ୍ରିନ ଡାସବୋର୍ଡ ରହିଛି। ଏହାର ବୁକିଂ ଡିସେମ୍ବର ୧୬ ତାରିଖ ଠାରୁ ଆରମ୍ଭ ହେଉଥିବା ବେଳେ ୨୦୨୬ ଜାନୁଆରୀ ୧୫ ତାରିଖରୁ ଡେଲିଭରି ହେବ। ଟାଟା ସିଏରା ଏସୟୁଭିରେ ଅନେକ ସେଗମେଣ୍ଟ-ଫାଷ୍ଟ ଫିଚର୍ସ ରହିଛି। ଯାହା ଏସୟୁଭି ମାର୍କେଟ୍‌ରେ ଗୋଟେ କମ୍ପିଟିସନ ଆରମ୍ଭ କରିପାରେ। ଏଥିସହିତ ଆଧୁନିକ ଡିଜାଇନ୍, ଉନ୍ନତ ଟେକ୍ନୋଲୋଜୀ ଏବଂ ଆରାମଦାୟକ ଯାତ୍ରା ଗ୍ରାହକଙ୍କୁ ଆକୃଷ୍ଟ କରିପାରେ।

ଟାଟା ସିଏରା ଭିତରେ ଥିବା ଏକ ଆକର୍ଷଣୀୟ ହାଇଲାଇଟ୍ ହେଉଛି ଏହାର ଥିଏଟରପ୍ରୋ ଟ୍ରିପଲ୍-ସ୍କ୍ରିନ୍ ଡ୍ୟାସବୋର୍ଡ ଲେଆଉଟ୍। ଅନ୍ୟଗାଡ଼ିମାନେ ସାଧାରଣତଃ ଇନଫୋଟେନମେଣ୍ଟ ଏବଂ ଇନଷ୍ଟ୍ରୁମେଣ୍ଟ ଫଙ୍କସନକୁ ମିଶାଇ ଡୁଆଲ୍ ଡିସପ୍ଲେ ଦେଇଥାନ୍ତି, ହେଲେ ସିଏରା ଏଥିରେ ଆଉ ପାଦେ ଆଗକୁ ଯାଇ ୩ ସ୍କ୍ରିନ୍ ଦେଇଛି। ଏହି ସ୍କ୍ରିନ ସେଟଅପ୍‌ରେ ଗୋଟିଏ ୧୨.୩-ଇଞ୍ଚ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ଅନ୍ୟଟି ୧୨.୩-ଇଞ୍ଚ ସେଣ୍ଟ୍ରାଲ ଇନଫୋଟେନମେଣ୍ଟ ଏବଂ ନାଭିଗେସନ୍ ଟଚସ୍କ୍ରିନ୍ ଏବଂ ତୃତୀୟଟି କୋ-ଡ୍ରାଇଭର ସିଟ୍ ଆଗରେ ୧୨.୩-ଇଞ୍ଚ ଡିସପ୍ଲେ ରହିଛି। ଟାଟା ସିଏରାରେ ୧୨-ସ୍ପିକର ଜେବିଏଲ ବ୍ଲାକ୍ ଅଡିଓ ସିଷ୍ଟମ୍ ରହିଛି, ଯାହାକୁ ଡଲବି ଆଟମୋସ୍ ସ୍ପେଶାଲ୍ ସାଉଣ୍ଡ ଠାରୁ ଉନ୍ନତମାନ କରାଯାଇଛି। ଏହାର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ସୋନିକସିଫ୍ଟ ସାଉଣ୍ଡବାର୍, ଯାହାକୁ କ୍ଲାଇମେଟ କଣ୍ଟ୍ରୋଲ ଉପର ଡ୍ୟାସବୋର୍ଡରେ ଲଗାଯାଇଛି। ଏଥିରେ ଯାତ୍ରୀଙ୍କୁ ପ୍ରିମିୟମ୍ ହୋମ୍-ଥିଏଟର ସେଟଅପ୍ ଭଳି ଅନୁଭବ ହେବ। ଟାଟା ସିଏରାରେ ଏହି ସେଗମେଣ୍ଟର ସବୁଠାରୁ ବଡ଼ ପାନୋରାମିକ୍ ସନରୁଫ୍ (୧୫୨୫ ମିମି X ୯୨୫ ମିମି), ଯାହାକୁ ପାନୋରାମାକ୍ସ ବୋଲି କୁହାଯାଉଛି। ଏହା ଦ୍ୱିତୀୟ ରୋରୁ ଆଗକୁ ବିସ୍ତାରିତ ହୋଇ ରହିଛି। ଆଗ ସିଟ୍ ଠାରୁ C ପିଲର୍ ପର୍ଯ୍ୟନ୍ତ ବିସ୍ତାରିତ ହୋଇ ରହିଛି। ଫଳରେ କ୍ୟାବିନରେ ନ୍ୟାଚୁରାଲ ଲାଇଟ ପ୍ରବେଶ କରିବା ସହିତ ଯାତ୍ରୀ ଉକ୍ତ ଜାଗାରେ ସୌନ୍ଦର୍ଯ୍ୟ ଅନୁଭବ କରିପାରିବେ।

ଟାଟା ସିଏରା ଭାରତର ପ୍ରଥମ ସ୍ୱଦେଶୀ ଆଇସିଇ ଭେଇକଲ ଯେଉଁଥିରେ ଏଆର୍ ହେଡ୍ସ ଅପ୍ ଡିସପ୍ଲେ ରହିଛି। ଏହି ଉନ୍ନତ ସିଷ୍ଟମ ୱିଣ୍ଡସିଲ୍ଡରେ ସିଧାସଳଖ ଜରୁରୀ ଡ୍ରାଇଭିଂ ସୂଚନା ପ୍ରଦାନ କରେ ଏବଂ ଅଗମେଣ୍ଟେଡ୍ ଡିଇରେକ୍ସନ ଏରୋ ସହ ରିୟଲ ଟାଇମ୍ ଗାଇଡାନ୍ସ ପ୍ରଦାନ କରେ। ଏହି ସେଟଅପ୍ ଚାରୋଟି ସ୍ୱତନ୍ତ୍ର ମୋଡ୍ - ଷ୍ଟାଣ୍ଡାର୍ଡ, ଇମର୍ସିଭ୍, ପର୍ସନାଲ୍ ଏବଂ ସ୍ନୋ ସହିତ ୧୯ଟି ସ୍ମାର୍ଟ ଭିଜୁଆଲ୍ ଦେଇଥାଏ। ଟାଟା ସିଏରାରେ ଆଇଆର୍‌ଏ ନାମକ ଏକ କନେକ୍ଟେଡ୍ କାର୍ ଆପ ରହିଛି। ଯାହା ୭୫ଟି ଇଣ୍ଟେଲିଜେଣ୍ଟ ଫିଚର୍ସ ରହିଛି। ଯାତ୍ରାକୁ ସହଜ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଆପ୍ ସ୍ମାର୍ଟ ଆଲର୍ଟ, ପ୍ରୋଆକ୍ଟିଭ୍ କେୟାର ଏବଂ ଡ୍ରାଇଭରଙ୍କ ଆବଶ୍ୟକତାକୁ ପୂର୍ବାନୁମାନ କରୁଥିବା ଫିଚର୍ସ ଦେଇଥାଏ। ସୁରକ୍ଷା ଦିଗରେ ମଧ୍ୟ ଏଥିରେ ଅନେକ ଫିଚର୍ସ ରହିଛି। ଟାଟା ସିଏରା ସେଲ୍ଟୋସ୍, କ୍ରେଟା ଏବଂ ଗ୍ରାଣ୍ଡ ଭିଟାରା ପରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସେଗମେଣ୍ଟ-ଫାଷ୍ଟ ୧୯-ଇଞ୍ଚ ଆଲଏ ହ୍ୱିଲ୍ ଦେଇଛି। ସ୍ଥିରତା ଏବଂ ପ୍ରେଜେନ୍ସ ବୃଦ୍ଧି କରିବା ସହିତ, ସସପେନସନ୍ ଟ୍ୟୁନିଂ ରହିଛି ଯାହା ଖରାପ ରାସ୍ତାରେ ବି ଆରାମ ଯାତ୍ରାର ଅନୁଭବ ଦେବ। ଏହାର ମୁଖ୍ୟ ବୈଶିଷ୍ଟ୍ୟ ବ୍ୟତୀତ, ଟାଟା ସିଏରା ଦୁଇଟି ନୂଆ ଇଞ୍ଜିନ ବ୍ୟବସ୍ଥା ରହିଛି। ଗୋଟିଏ ୧.୫-ଲିଟର ହାଇପରିଅନ୍ ଟର୍ବୋ ଜିଡିଆଇ ଇଞ୍ଜିନ ଯାହା ୧୬୦ ପିଏସ ଏବଂ ୨୫୫ ଏନଏମ ଉତ୍ପାଦନ କରେ, ଏବଂ ଆଉ ଏକ ୧.୫-ଲିଟରର ରେଭୋଟ୍ରନ୍ ନ୍ୟାଚୁରାଲି ଆସପିରେଟେଡ୍ ଗ୍ୟାସୋଲିନ ୟୁନିଟ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସିଏରା ହେଉଛି ଟାଟାର ସମ୍ପୂର୍ଣ୍ଣ ନୂଆ ଏଆରଜିଓଏସ ଆର୍କିଟେକ୍ଚର-ଅଲ୍-ଟେରେନ୍ ରେଡି, ଓମ୍ନି-ଏନର୍ଜି ଏବଂ ଜ୍ୟାମେଟ୍ରି ସ୍କେଲେବଲ୍ ଉପରେ ନିର୍ମିତ ପ୍ରଥମ ଏସୟୁଭି, ଯାହା ବହୁମୁଖୀ ସୁବିଧା ସହ ଏବଂ ଉନ୍ନତ କାର୍ଯ୍ୟଦକ୍ଷତା ପାଇଁ ଡିଜାଇନ୍ କରାଯାଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

ଏଟିଏମ୍ ଟଙ୍କା ଉଠାଣ ଅବଧି ପରେ ଅଧିକ ଗଣିବେ ଟଙ୍କା ?

ନୂଆଦିଲ୍ଲୀ, ୨୬।୧୧: ଟଙ୍କା ଉଠାଣ ପାଇଁ ଆଗରୁ ଲୋକମାନେ ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ି ବାନ୍ଧି ଛିଡ଼ା ହେଉଥିବାର ଚିତ୍ର ବେଶ୍ ପୁରୁଣା ହୋଇଗଲାଣି। ଯଦିଓ କିଛି ଗ୍ରାମାଞ୍ଚଳ ତଥା ପୁରୁଣାକାଳିଆ ଲୋକ ଏବେ ବି ଟଙ୍କା ଉଠେଇବା ପାଇଁ ବ୍ୟାଙ୍କ ଯାଉଛନ୍ତି, କିନ୍ତୁ ଅଧିକାଂଶ ଲୋକ ଏଟିଏମ୍ ଏବଂ ଏବେର ଯୁବପିଢ଼ି ଅନ୍‌ଲାଇନ୍ କାରବାର, ମୋବାଇଲ୍ ବ୍ୟାଙ୍କିଂ ଉପରେ ଅଧିକ ନିର୍ଭରଶୀଳ। କିନ୍ତୁ ଆଜି ଆମେ ଜାଣିବା ଏଟିଏମ୍‌ରୁ ଟଙ୍କା ଉଠାଣ ଅବଧି ପରେ ଆଉ କେତେ ଅଧିକ ଟଙ୍କା ଗଣିବାକୁ ପଡ଼େ କିମ୍ବା କେତେ ଟଙ୍କା ଲିମିଟ୍ ପର୍ଯ୍ୟନ୍ତ ଏଟିଏମ୍‌ରୁ ଟଙ୍କା କାଢ଼ିହେବ। କନଫେଡେରେସନ୍ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି (ସିଏଟିଏମ୍‌ଆଇ) ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଓ ନ୍ୟାସ୍‌ନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)କୁ ଇଣ୍ଟରଚେଞ୍ଜ ଫି' ବୃଦ୍ଧି କରିବାକୁ ଅନୁରୋଧ କରିବା ପରେ ଆର୍‌ବିଆଇ ନୂଆ ନିୟମାବଳୀ ଜାରି କରିଥିଲା। ଏଥିରେ ଉଲ୍ଲେଖ ଥିଲା କି, ଗ୍ରାହକ ଦିନକୁ ସର୍ବାଧିକ ୫ ଥର ଏଟିଏମ୍‌ରୁ ଟଙ୍କା ଉଠାଇ ପାରିବେ ଏବଂ ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। କିନ୍ତୁ ୫ଥରରୁ ଅଧିକ ହେଲେ ପ୍ରତି ଟ୍ରାଞ୍ଜାକ୍ସନ୍‌ରେ ୨୧ ଟଙ୍କା ଗଣିବାକୁ ପଡ଼ିବ। ଯଦିଓ ବିଭିନ୍ନ ବ୍ୟାଙ୍କ ନିଜର ଏଟିଏମ୍ ଚାର୍ଜ ଅଲଗା ରଖିଥାନ୍ତି। ୨୦୧୫-୧୬ ମସିହାରେ ଏହାର ମୂଲ୍ୟ ଥିଲା ୧୫ରୁ ୧୭ ଟଙ୍କା ଥିଲା। ଭାରତର ପ୍ରତ୍ୟେକ ବ୍ୟାଙ୍କ୍ ପାଇଁ ସର୍ବାଧିକ ନଗଦ ପ୍ରତ୍ୟାହାର ସୀମା ଭିନ୍ନ ଅଟେ।

ଆର୍‌ସି ଟ୍ରାନ୍ସଫର ନକଲେ ଫସିବେ

ନୂଆଦିଲ୍ଲୀ, ୨୬।୧୫: ଯେତେବେଳେ ଆମେ କୌଣସି ପୁରୁଣା ଗାଡ଼ି କିଣୁ କିମ୍ବା ବିକୁ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଉଛି ଆର୍‌ସି (ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍) ଟ୍ରାନ୍ସଫର କରାଇବା। ଆର୍‌ସି ଟ୍ରାନ୍ସଫର ହେଲେ ହିଁ ଗାଡ଼ିର ବର୍ତ୍ତମାନର ପ୍ରକୃତ ମାଲିକ କିଏ ତାହା ସ୍ପଷ୍ଟ ହେଇଯାଏ। ଏହା ଭବିଷ୍ୟତରେ କୌଣସି ଆଇନଗତ କିମ୍ବା କାଗଜପତ୍ର ସମ୍ବନ୍ଧୀୟ ଅସୁବିଧାରୁ ରକ୍ଷା କରିଥାଏ। ଯଦି ଆପଣ ନୂଆ ଗାଡ଼ି କିଣି ପୁରୁଣା ଗାଡ଼ି ବିକୁଛନ୍ତି, ତେବେ ଆଜିର ଏହି ଖବର ଆପଣଙ୍କ ପାଇଁ ବହୁତ କାମରେ ଆସିବ। ଗାଡ଼ିର ମାଲିକାନା ବଦଳାଇବା ପାଇଁ ଫର୍ମ ୨୯ ଓ ଫର୍ମ ୩୦ ପୂରଣ କରିବା ବାଧ୍ୟତାମୂଳକ। ଏହି ଫର୍ମଗୁଡ଼ିକ ଆପଣ ଆର୍‌ଟିଓ ଅଫିସ୍‌ରୁ ନେଇପାରିବେ କିମ୍ବା parivahan.gov.in ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ। ଯଦି ଗାଡ଼ିକୁ ଅନ୍ୟ ରାଜ୍ୟକୁ ନେଉଛନ୍ତି, ତେବେ ପୁରୁଣା ଆର୍‌ଟିଓ ଠାରୁ ଫର୍ମ ୨୮ (ଏନ୍‌ଓସି) ଆଣିବାକୁ ପଡ଼ିବ।

ଯଦି ଗାଡ଼ି ଲୋନ୍‌ରେ କିଣାଯାଇଥିଲା, ତେବେ ବ୍ୟାଙ୍କ୍‌ରୁ ଏନ୍‌ଓସି ଓ ଫର୍ମ ୩୫ ମଧ୍ୟ ଲଗାଇବାକୁ ପଡ଼ିବ, ଯାହାଦ୍ୱାରା ଗାଡ଼ି ଉପରେ କୌଣସି ଲୋନ୍ ବକେୟା ନାହିଁ ବୋଲି ପ୍ରମାଣିତ ହେବ। ଆର୍‌ସି ଟ୍ରାନ୍ସଫର କରିବାର ଦୁଇଟି ସହଜ ଉପାୟ -ଅନଲାଇନ୍ (ସବୁଠାରୁ ସହଜ), ନହେଲେ ଅଫଲାଇନ୍ (ଆର୍‌ଟିଓ ଅଫିସ୍‌କୁ ଯାଇ)ଅନଲାଇନ୍‌ରେ କରିପାରିବେ। parivahan.gov.in ରେ ଯାଇ "Vehicle Related Services" ବାଛନ୍ତୁ, ନିଜ ଆର୍‌ଟିଓ ବାଛନ୍ତୁ, "Transfer of Ownership" ଉପରେ କ୍ଲିକ୍ କରନ୍ତୁ। ଗାଡ଼ି ନମ୍ବର ଓ ଚେସିସ୍ ନମ୍ବରର ଶେଷ ୫ଟି ଅଙ୍କ ଭରନ୍ତୁ। ସବୁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଅପଲୋଡ୍ କରନ୍ତୁ। ଅନଲାଇନ୍‌ରେ ଫିସ୍ ଦିଅନ୍ତୁ (ରାଜ୍ୟ ଓ ଗାଡ଼ି ଅନୁଯାୟୀ ଭିନ୍ନ ହେଇଥାଏ; ଦୁଇଚକିଆ ଗାଡ଼ି ପାଇଁ ସାଧାରଣତଃ ୩୦୦ରୁ ୫୦୦ ଟଙ୍କା ଲାଗିଥାଏ।

ହସିନାଙ୍କ ଲକରରେ ୧୦ କିଲୋ ସୁନା

ଢାକା,୨୬।୧୧: କୋର୍ଟଙ୍କ ଅନୁମତି କ୍ରମେ ଅଗ୍ରଣୀ ବ୍ୟାଙ୍କରେ ପଦଚ୍ୟୁତ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନାମରେ ଥିବା ଦୁଇଟି ଲକର ମଙ୍ଗଳବାର ଅପରାହ୍ନରେ ଭାଙ୍ଗି ଦିଆଯାଇଥିଲା। ଭିତରେ ଆବିଷ୍କୃତ ଧନ ସମ୍ପତ୍ତି ନେଇ ଦେଶବ୍ୟାପୀ ପ୍ରଶ୍ନ ଉଠାଇଛି। ଅଧିକାରୀଙ୍କ ଅନୁଯାୟୀ, ଲକର ନମ୍ବର ୭୫୧ ଏବଂ ୭୫୩ ରୁ ପ୍ରାୟ ୮୩୨ ଭରି (ପ୍ରାୟ ୧୦ କିଲୋଗ୍ରାମ) ସୁନା ଅଳଙ୍କାର ଏବଂ ବାର୍ ଜବତ କରାଯାଇଛି। ଏନବିଆରର କେନ୍ଦ୍ରୀୟ ଗୁପ୍ତଚର ପ୍ରକୋଷ୍ଠ ସେପ୍ଟେମ୍ବର ୧୭ ତାରିଖରେ ଲକରଗୁଡ଼ିକୁ ଜବତ କରିବା ଆରମ୍ଭ କରିଥିଲା ଏବଂ ମଙ୍ଗଳବାର ଦିନ ଜଣେ ମାଜିଷ୍ଟ୍ରେଟ ଏବଂ ବ୍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡ଼ିକୁ ଖୋଲାଯାଇଥିଲା। ଏହି ଲକରଗୁଡ଼ିକ ଢାକାର ଦିଲକୁଶାରେ ବ୍ୟାଙ୍କର ମୁଖ୍ୟ ଶାଖାରେ ଥିଲା। ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ। ଏସିସି କହିଛି ଯେ, ସୁନାର ଉତ୍ସ ବିଷୟରେ ଏକ ବିସ୍ତୃତ ଜବତ ତାଲିକା ଏବଂ ସୂଚନା ବୁଧବାର ଦିନ ସେୟାର କରାଯିବ। ଅଧିକାରୀମାନେ ଏହା ମଧ୍ୟ କହିଛନ୍ତି ଯେ, ଲକରଗୁଡ଼ିକରେ ସୁନା ବ୍ୟତୀତ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ଥାଇପାରେ। ଅଗ୍ରଣୀ ବ୍ୟାଙ୍କର ଏମତି ନିଶ୍ଚିତ କରିଛନ୍ତି ଯେ, ଲକରଗୁଡ଼ିକ ଖୋଲାଯାଇଥିଲା, କିନ୍ତୁ କ'ଣ ମିଳିଛି ତାହାର ସମ୍ପୂର୍ଣ୍ଣ ବିବରଣୀ ତାଙ୍କ ପାଖରେ ନାହିଁ। ଲକର ନମ୍ବର ୭୫୧ ଏବଂ ୭୫୩ ଉଭୟ ଶେଖ ହସିନାଙ୍କ ନାମରେ ଥିଲା ଏବଂ ବାଂଲାଦେଶ ବ୍ୟାଙ୍କ ନିୟମ ଅନୁଯାୟୀ ଖୋଲାଯାଇଥିଲା। ଚୂଡ଼ାନ୍ତ ଜବତ ତାଲିକା ପ୍ରସ୍ତୁତ ହେବା ପରେ ହିଁ ସମ୍ପୂର୍ଣ୍ଣ ସାମଗ୍ରୀ ନିଶ୍ଚିତ ହୋଇପାରିବ। ପୂର୍ବରୁ, ସେପ୍ଟେମ୍ବର ୧୦ ତାରିଖରେ, ପୁବାଲି ବ୍ୟାଙ୍କରେ ଶେଖ ହସିନାଙ୍କ ଅନ୍ୟ ଏକ ଲକର ଜବତ କରାଯାଇଥିଲା। ସମାନ ଶାଖାରେ ଥିବା ତାଙ୍କର ଦୁଇଟି ଆକାଉଣ୍ଟରୁ ୫.୬ ମିଲିୟନ ଟଙ୍କା ମଧ୍ୟ ଜବତ କରାଯାଇଥିଲା। ଏହି ଆକାଉଣ୍ଟଗୁଡ଼ିକୁ ମଧ୍ୟ ଭାରତୀୟ ଜାତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିଲା। ଅଧିକାରୀମାନେ କହିଛନ୍ତି ଯେ, ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଅନୁସାରେ ଜବତ ଲକର ଏବଂ ଆକାଉଣ୍ଟଗୁଡ଼ିକର ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ ହେବା ପରେ ହିଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

ବ୍ୟାଙ୍କ ଘରୋଇକରଣକୁ ବିରୋଧ

ଭୁବନେଶ୍ୱର,୨୬।୧୧(ସଂଚାର ବ୍ୟୁରୋ): ଅଖିଳ ଓଡ଼ିଶା ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘର ୧୮ତମ ତ୍ରୈବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଶାଖାରୁ ୧୫୦ରୁ ଅଧିକ ପ୍ରତିନିଧି ଭାଗ ନେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଏଫ୍‌ଆଇବିଇୟୁର ସଭାପତି ଦୀପକ ଶର୍ମା ଓ ସାଧାରଣ ସମ୍ପାଦକ ଇ ଅରୁଣାଚଲମ ଅତିଥି ଭାବେ ଯୋଗଦେଇଥିଲେ।

ବ୍ୟାଙ୍କ ପାଇଁ ଶ୍ରମ ନିୟମରେ ଆବଶ୍ୟକ ସଂଶୋଧନ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣ ଓ ମିଶ୍ରଣ, ବ୍ୟାଙ୍କ କାର୍ଯ୍ୟକୁ ଆଉଟ୍‌ସୋର୍ସ କରିବାକୁ ବିରୋଧ କରିବା ପାଇଁ ଏବଂ ବ୍ୟାଙ୍କରେ ଆବଶ୍ୟକ ପରିମାଣର ଷ୍ଟାଫ୍ ନିଯୁକ୍ତି କରିବା ସମ୍ପର୍କିତ ସଂକଳ୍ପ ସମ୍ମିଳନୀରେ ଗୃହୀତ ହୋଇଥିଲା। ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ବକ୍ତାମାନେ ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ଅଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ସଞ୍ଜୀବ କୁମାର ପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବ୍ୟାଙ୍କ କର୍ମଚାରୀମାନେ ସାମ୍ନା କରୁଥିବା ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଆଇବିଇଏର ବିଭିନ୍ନ ଆନ୍ଦୋଳନମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସେ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପରବର୍ତ୍ତୀ ତିନି ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶ୍ୟାମା ପ୍ରସାଦ ମହାନ୍ତି ସଭାପତି, ସଂଗ୍ରାମ କେଶରୀ ମିଶ୍ର ସାଧାରଣ ସମ୍ପାଦକ, ଅଶୋକ କୁମାର ମଲ୍ଲିକ କୋଷାଧ୍ୟକ୍ଷ ଓ ନିରଞ୍ଜନ ମିଶ୍ରଙ୍କୁ ଉପଦେଷ୍ଟା ଭାବେ ନିର୍ବାଚିତ କରାଯାଇଥିଲା।

ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତାରେ ଚାଷୀକୂଳ

ବାଲିପାଟଣା,୨୬।୧୧(ସଂଚାର ବ୍ୟୁରୋ): ସମ୍ଭାବ୍ୟ ବାତ୍ୟା/ ଲଘୁଚାପ କୁ ନେଇ ଚିନ୍ତାରେ ଚାଷୀ କୁଳ। ଆଉ ଦିନ କେଇଟାପରେ ଧାନ କୁ ଅମଳ କରି ଚାଷୀ ଦୁଇ ପଇସା ଲାଭ କରିଥାନ୍ତା। ଫସଲ ତାର ଘରକୁ ନେଇଥାନ୍ତା। ହେଲେ ପାଣିପାଗ ବିଭାଗ ର ଲଘୁଚାପ ର ପୂର୍ବାନୁମାନ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ସୂଚନା ମୁତାବକ ଚଳିତ ବର୍ଷ ବାଲିପାଟଣା ବ୍ଲକ୍ ରେ ୯୫୦୦ ହେକ୍ଟର ଖରିଫ ଧାନ ଫସଲ ହେଇଥିବା ସୂଚନା ମିଳିଛି। ତନ୍ମଧ୍ୟରୁ ୪୦୦୦ହେକ୍ଟର ଜମି ଅଧିକ ଖାଲୁଆ ଥିବାରୁ ବର୍ଷା ହେଲେ ଅଧିକ ପାଣି ଜମି ଫସଲ ହାନି ହେବାର ଆଶଙ୍କା ରହିଛି। ଯେଉଁ ବିଲରେ ଧାନ କାଟିବାକୁ ହେଇ ଗଲାଣି ବିଲ୍ ଶୁଖି ନଥିବାରୁ ଧାନ କାଟିବା ସମ୍ଭବ ହେଉନାହିଁ। ଏପଟେ ଯଦି ଚାଷୀ ଧାନ କାଟୁଛନ୍ତି ତେବେ ବର୍ଷା ପବନ ଦାଉରୁ ସୁରକ୍ଷିତ ରଖିବା ପାଇଁ ସ୍ଥାନ ନାହିଁ। ସେହିପରି ଚଳିତ ବର୍ଷ ୨୦୦୦ହେକ୍ଟର ରୁ ଅଧିକ ହେବ ପରିବା ଚାଷ ହୋଇଛି। ବର୍ଷା ହେଲେ ପୋଟଳ, ବିନ୍, ଝୁଡଙ୍ଗ, ଟମାଟୁ, ବାଇଗଣ, କଲରା, କାଙ୍କଣ, କୋବି, କାକୁଡି ଇତ୍ୟାଦି ପନିପରିବା ମଧ୍ୟ ବ୍ୟାପକ କ୍ଷତି ହେବାର ଆଶଙ୍କା ରହିଛି।ଯଦି ଲଘୁଚାପ ବର୍ଷା ହୁଏ ତେବେ ବ୍ୟାପକ କ୍ଷତି ହେବା ସହ ବଜାର ରେ ପରିବା ଦର ଆକାଶଛୁଆଁ ହେବାନେଇ ଆଲୋଚନା ହେଉଛି। ଏପଟେ ସମ୍ଭାବ୍ୟ ବାତ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉଛି।

ଆକ୍ସନ ମୁଡ଼ରେ ବୈଶିଙ୍ଗା ପୁଲିସ

ମଦ ଗାଡ଼ିକୁ ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଧରିଲା

ବୈଶିଙ୍ଗା,୨୬।୧୧(ସଂଚାର ବ୍ୟୁରୋ): ବୁଧବାର ବୈଶିଙ୍ଗା - ଆମ୍ବଗଡ଼ିଆ ରାସ୍ତାରେ ବୈଶିଙ୍ଗା ପୁଲିସ ଏବଂ ମଦ ଗାଡି ମଧ୍ୟରେ ଚୋର ପୁଲିସ ଖେଳ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।ଦ୍ରୁତଗତିରେ ଯାଉଥିବା ଓଆର୍୦୧ କେ ୦୦୯୨ ବିଶିଷ୍ଟ ଏକ ମଦ ବୋଝେଇ ପିକ୍‌ଅପ କୁ ପାଖାପାଖି ଏକ ଘଣ୍ଟା ଧରି ପିଛା କରିବା ପରେ ଧରିଛି ପୁଲିସ। ସୂଚନା ମୁତାବକ ଦ୍ରୁତଗତିରେ ଏକ ପିକ୍‌ଅପ ଯାଉଥିବାରୁ ସେଥିରେ ବେଆଇନ ଗୋରୁ ଚାଲାଣ ସନ୍ଦେହ କରି କିଛି ଲୋକ ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳଙ୍କୁ ସୂଚନା ଦେଇଥିଲେ। ଖବର ପାଇ ବୈଶିଙ୍ଗା ଥାନା ପୁଲିସ ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳ ଉକ୍ତ ପିକଅପକୁ ପିଛା କରିଥିଲେ। ବୈଶିଙ୍ଗା - ଆମ୍ବଗଡ଼ିଆ ଭାୟା ଗଡ଼ପଦା ରାସ୍ତାରେ ଦୀର୍ଘ ସମୟ ଧରି କାର୍ ରେସ୍ ଚାଲିଥିଲା। ମଦ ବୋଝେଇ ପିକଅପ ଟି ଆମ୍ବଗଡ଼ିଆ ଭିତରେ ବଣ ରାସ୍ତା ଦେଇ ଭୋଲାଗଡ଼ିଆ- ଚୁରମରା ଦେଇ ରୁଷ୍ଣା ଥାନା ଅଧୀନ ଗଡ଼ପଦା ରାସ୍ତା ଲଛମନଖୁଣ୍ଟା ଅଭିମୁଖେ ଯାଉଥିବା ସମୟରେ ପୂର୍ବ ଯୋଜନା ଅନୁଯାଇ କିଛି ଲୋକ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଫଳରେ ଗାଡିଟି ଭାରସ୍ୟାମ ହରାଇ ଏକ ଘର ଭିତରେ ପଶି ଯାଇଥିଲା। ଗାଡ଼ିରୁ ପାଖାପାଖି ୧୫ କୁଇଣ୍ଟାଲ ମଦ ଜବତ କରି ରୁଷ୍ଣା ଥାନାକୁ ହସ୍ତାନ୍ତର କରିଛି ବୈଶିଙ୍ଗା ପୁଲିସ।

ବାରିପଦାରେ ସମ୍ବିଧାନ ଦିବସ ପାଳିତ

ବାରିପଦା,୨୬।୧୧(ସଂଚାର ବ୍ୟୁରୋ): ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ୨୦୨୫ ପାଳିତ ହୋଇଯାଇଛି. ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ତା'ଙ୍କ ଅଭିଭାଷଣ ରେ ବ୍ୟକ୍ତ କରିଥିଲେ କି ଆଜିର ଏହି ଦିବସ ଆମ ଦେଶବାସୀଙ୍କ ପାଇଁ ଏକ ମହତ୍ୱପୂର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ଦିନ.୧୯୪୯ ମସିହା ନଭେମ୍ବର ୨୬ତାରିଖ ରେ ଆମେ ଆମ ନିଜକୁ ଶାସନ କରିବା ପାଇଁ ଆମର ଚିର ସ୍ମରଣୀୟ ମହାମନୀଷୀ ଡ଼କ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ସଭାପତିତ୍ୱ ରେ ପ୍ରସ୍ତୁତ ହୋଇଥିବା ପୃଥିବୀର ସର୍ବ ବୃହତ ସମ୍ବିଧାନକୁ ଅଙ୍ଗିକାର କରିବାକୁ ସହମତି ପ୍ରକାଶ କରିଥିଲୁ ଏବଂ ଏହି ସମ୍ବିଧାନ ହେଉଛି ଆମ ଦେଶର ଆତ୍ମା. ଏହି ସର୍ବ ବୃହତ ସମ୍ବିଧାନକୁ ସଂଗେ ସଂଗେ ପଢି ବୁଝିବା କଷ୍ଟକର. କିନ୍ତୁ ଆମେ ସମସ୍ତେ ଆମ ଦେଶର ଆତ୍ମା କୁ ଜାଣିବା ଉଚିତ.ସମ୍ବିଧାନ ର ପ୍ରଥମ ଅନୁଚ୍ଛେଦ ରେ ଥିବା ପ୍ରସ୍ତାବନାକୁ ଯଦି ଆମେ ଭଲ ଭାବରେ ବ୍ୟାଖ୍ୟା କରିବା ତେବେ ଆମେ ଆମ ଦେଶର ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା ସମ୍ବନ୍ଧରେ ଜାଣିପାରିବା.ଏହାପରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ସମ୍ବିଧାନର ପ୍ରସ୍ତାବନା କୁ ପାଠ କରାଇଥିଲେ. ଅନୁଷ୍ଠିତ କାର୍ଯ୍ୟକ୍ରମରେ ପି ଏ ଆଇ ଟି ଡି ଏ କପ୍ତିପଦା, କରଞ୍ଜିଆ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନର ଡେପୁଟି କଲେକଟର, ସହକାରୀ ଜିଲ୍ଲାପାଳ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସମ୍ବିଧାନର ପ୍ରସ୍ତାବନାକୁ ପାଠ କରିଥିଲେ।

ବାଉଁଶବଣିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସମ୍ବିଧାନ ଦିବସ ପାଳନ

ନୀଳଗିରି,୨୬।୧୧ (ସଂଚାର ବ୍ୟୁରୋ): ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମ ରେ ସରପଞ୍ଚ ନିରଞ୍ଜନ ବାରିକ ଜାତୀୟ ପତାକା ଉତୋଳନ କରି ସମ୍ବିଧାନ ଦିବସ ପାଳନ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ ପତ୍ରୀ, ସଂଯୁକ୍ତା ସେଠି, ପୂଜାରାଣୀ ବେହେରା ୱାର୍ଡ ସଭ୍ୟା ଶାନ୍ତିଲତା ନାୟକ ଙ୍କ ସମେତ ୫୦ ରୁ ଉର୍ଦ୍ଧ ମହିଳା ଉପସ୍ଥିତ ଥିଲେ। ଅନୁରୂପ ବାଲି ଓରା ଗ୍ରାମ ଅମୃତ ସରୋବର ନିକଟରେ ନ୍ୟାୟପ ସରପଞ୍ଚ ସୁପ୍ରଭା ପ୍ରଧାନ ଜାତୀୟ ପତାକା ଉତୋଳନ କରିଥିବା ବେଳେ କନକଲତା ପୁଟି, ମଞ୍ଜୁଲତା ମହାପାତ୍ର, ସିଆରପି ସରୋଜିନୀ ଲେଙ୍କା, ପ୍ରୀତିଲତା ପ୍ରଧାନ ଇସି ସବିତା ପ୍ରଧାନ, ଏବଂ ଢୋଲପୁର ଗ୍ରାମ ରେ ସିଆରପି ଜସ୍ମିତା ରାଉତ ଜାତୀୟ ପତାକା ଉତୋଳନ କରି ଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାଗତିକା ମହାନ୍ତି, ହେମଲତା ପାତ୍ର, ସୁବାସିନୀ ପାତ୍ର ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ଦିବସ ପାଳନ କରିଥିଲେ ।

୪ଟି ଶ୍ରମ କୋଡ଼ ପ୍ରତ୍ୟାଖ୍ୟାନ ଦିବସ

କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ସମାବେଶ

କଟକ,୨୬।୧୧(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ପକ୍ଷରୁ ସର୍ବଭାରତୀୟ ଡାକରାରେ ୪ଟି ଶ୍ରମ କୋଡ଼ ପ୍ରତ୍ୟାଖ୍ୟାନ ଦିବସ ଉପଲକ୍ଷେ ଜିଲ୍ଲାପାଳ ଅଫିସ ନିକଟରେ ବିକ୍ଷୋଭ ସମାବେଶ ହୋଇଯାଇଛି। ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୧୦ ଘଣ୍ଟାକୁ ବଢ଼ାଇବା ବନ୍ଦ କରିବା, ମହିଳା ଶ୍ରମିକଙ୍କ ରାତ୍ରୀକାଳୀନ ଡ୍ୟୁଟି ଉପରେ ଥିବା କଟକଣା ହଟାଇବା ବନ୍ଦ କରିବା, କୃଷକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ସ୍ୱାମିନାଥନ କମିଶନର ସୁପାରିଶ କାର୍ଯ୍ୟକାରୀ କରି ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ଗ୍ୟାରେଣ୍ଟି ଆଇନ୍ ପ୍ରଣୟନ କରିବ, ମନରେଗା ଯୋଜନାରେ ବର୍ଷକୁ ୨୦୦ ଦିନ କାମ ଓ ଦୈନିକ ୬୦୦ ଟଙ୍କା ମଜୁରୀ ଗ୍ୟାରେଣ୍ଟି କରା ସହରାଞ୍ଚଳରେ ଅନୁରୂପ ଯୋଜନା କାର୍ଯ୍ୟକାରୀ କରିବା, ଠିକା ଓ ସ୍କିମ୍ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପ୍ରମୁଖ ଦାବିରେ ଜିଲ୍ଲା ପାଳଙ୍କ ଜରିଆରେ ପ୍ରଧାନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ଼ର ଏକ ନକଲ ପ୍ରତିବାଦ କାରି ମାନେ ବିକ୍ଷୋଭ ସ୍ଥଳରେ ଦହନ କରିଥିଲେ। ଏହି ବିକ୍ଷୋଭରେ କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିରଜା ନାୟକ, ସନ୍ତୋଷ ଭୋଲ, ମନୋରଞ୍ଜନ ମହାରଣା, ଯୁଧିଷ୍ଠିର ମହାରଣା, ଖଗେଶ୍ୱର ସେଠୀ, ବିନୋଦ ବେହେରା, ପୁଷ୍ପା ଦାଶ, ଅମରେନ୍ଦୁ ମହାନ୍ତି, ନାରାୟଣ ସାହୁ, ଶକ୍ତିକାନ୍ତ ସାହୁ ବଦ୍ରିନାରାୟଣ ଦାଶ, ରବିନ୍ଦ୍ରନାଥ ଧଳ, ଶୁସାନ୍ତ ସାମଲ, ବିପିନ ବିହାରୀ ପାଢ଼ୀ, ଡମ୍ବରୁଧର ସାହୁ, ସନ୍ତୋଷ ପଣ୍ଡା, ବିଜୟ ସାହୁ, ଅଭୟ ସ୍ୱାଇଁ, ଅଶୋକ ତା, ସନ୍ତୋଷ ବେହେରା, ବିଷ୍ଣୁ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

ଜିଲ୍ଲାରେ ସାଂସଦ ଖେଳ ମହୋତ୍ସବ- ୨୦୨୫ର ଶୁଭାରମ୍ଭ

ନବରଙ୍ଗପୁର,୨୬।୧୧(ସଂଚାର ବ୍ୟୁରୋ): ଆଜି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା ଠାରେ ସାଂସଦ ଖେଳ ମହୋତ୍ସବ ୨୦୨୫ ଶୁଭାରମ୍ଭ ହୋଇଯାଇଛି।ମାନ୍ୟବର ସାଂସଦ ଲୋକସଭା ବଳଭଦ୍ର ମାଝୀ ସାଂସଦ ଖେଳ ମହୋତ୍ସବ ରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଦହଣା ସ୍ଥିତ ଶିବ ମନ୍ଦିର ରୁ ମଶାଲ ପ୍ରଜ୍ୱଳନ ପୂର୍ବକ ମାନ୍ୟବର ସାଂସଦ ଏବଂ ଅତିଥି ଗଣ ଶୋଭାଯାତ୍ରା ରେ ଆସି ସଭା କାର୍ଯ୍ୟକ୍ରମ ରେ ପହଞ୍ଚିଥିଲେ।ମଞ୍ଚରେ ସମ୍ମାନୀତ ଅତିଥି ରୂପେ ମାନ୍ୟବର କୋଟପାଡ଼ ବିଧାୟକ ରୂପୁ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଜିଲ୍ଲା ପରିଷଦ ସଭ୍ୟ ନନ୍ଦାହାଣ୍ଡି (ଜୋନ -୧)ଅରୁଣ ମିଶ୍ର, ସମାଜ ସେବୀ କୁଞ୍ଜ ବିହାରୀ ଦାସ, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ଜ୍ୟୋତି ରଞ୍ଜନ କଂସ, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ସାଂସଦ ଖେଳ ସ୍ୱମନ୍ୱୟ ଅଧିକାରୀ ରାମେଶ୍ୱର ଜେନା, ସରପଞ୍ଚ ଦହଣା କମଳା ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ଅର୍ଜୁନ ତ୍ରିପାଠୀ ସଭା ପରିଚାଳନା କରିଥିଲେ।ଏହି ସାଂସଦ ଖେଳ ମହୋତ୍ସବ ଗତ ୨୧ ସେପ୍ଟେମ୍ବର ରୁ ଆରମ୍ଭ ହୋଇ ଆସନ୍ତା ୨୫ ଡ଼ିସେମ୍ବରରେ ସମାପନ ଉତ୍ସବ ଅନୁଷ୍ଠିତ ହେଉଛି।ନବରଙ୍ଗପୁର ଲୋକସଭା ସାଂସଦୀୟ କ୍ଷେତ୍ର ର ୨୧ ଟି ବ୍ଲକ ରେ ଆଜି ପର୍ଯ୍ୟନ୍ତ ଖେଳରେ ଭାଗ ନେବାକୁ ୪୯୩୫ ଜଣ ନାମ ପଞ୍ଜିକରଣ କରିଛନ୍ତି।

ପ୍ରଶାସନ ତରଫରୁ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ରାଲି

କଳାହାଣ୍ଡି, ୨୬।୧୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ବିଶେଷ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାନନୀୟକ୍ଷ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ବିଭିନ୍ନ ବିଭାଗର ଜିଲ୍ଲା ଅଧିକାରୀ, ଦାପ୍ତା ଏନଜିଓ, ୱାନ୍ ସ୍ଟପ୍ ସେଣ୍ଟର କର୍ମଚାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ସମୂହ ଓ କିଶୋରୀ ବାଳିକାମାନେ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରିଥିଲେ। ପ୍ଲାକାର୍ଡ୍ ଓ ବ୍ୟାନର୍ ସହ ଅଂଶଗ୍ରାହୀ ମାନେ "ନାରୀ ସୁରକ୍ଷା— ଆମ ଅଧିକାର", "ହିଂସାକୁ ବନ୍ଦ କର", "ସମାନତା ଦିଅ— ସମ୍ମାନ ଦିଅ" ପରି ସଚେତନତା ନାରା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଲଧର ନିଆଲ, ଡି ଡି, ପ୍ଲାନିଂ ଶ୍ରୀକାନ୍ତ ଦଲେଇ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ସମାଜ କଲ୍ୟାଣ ଅଧିକାରିଣୀ ସୁମିତା ଦେବୀ ତ୍ରିପାଠୀ, ଔଔଈ ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଢିଆ, ଜିଲ୍ଲା ସଂଯୋଜକ ଏଡ଼ ଏଟ ଆକ୍ସନ ଦିବ୍ୟରଞ୍ଜନ ଯୋଷୀ ପ୍ରମୁଖ ଉପସ୍ଥିତ ଥିଲେ।

ଡଙ୍ଗରଗଡ଼ ମହୋତ୍ସବରେ ସୁଶୀଲଙ୍କୁ ଯୁବ ସାମ୍ବାଦିକ ସମ୍ମାନ

ଲାଞ୍ଜିଗଡ଼,୨୬।୧୧(ସଂଚାର ବ୍ୟୋରୋ): ଯୁବ ସାମ୍ବାଦିକ, ସମାଜସେବୀ ତଥା ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କୁ ପଞ୍ଚମ ଡଙ୍ଗରଗଡ଼ ମହୋତ୍ସବ ଯୁବ ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯାଇଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ କଲମଠାରେ ଅନୁଷ୍ଠିତ ପଞ୍ଚମ ଡଙ୍ଗରଗଡ଼ ମହୋତ୍ସବର ଭବ୍ୟ ସମାରୋହରେ ଶ୍ରୀ ବାଗଙ୍କୁ ସମ୍ମାନିତ କରାଯାଇଥିବାବେଳେ ମହୋତ୍ସବ ତଥା ଡଙ୍ଗରଗଡ଼ ସୁରକ୍ଷା ପରିଷଦ ଟ୍ରଷ୍ଟର ଅଧ୍ୟକ୍ଷ ଡ.ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଟ୍ଟାଏତ ସାହୁ, ମୁଖ୍ୟବକ୍ତା ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା, ବିଶିଷ୍ଟ ଅତିଥି ବନାଞ୍ଚଳ ଅଧିକାରୀ ଠଣସୁନ୍ଦର ଧରୁଆ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଚିଣ୍ଟୁ ପ୍ରସାଦ ନାଏକ, ଲାଞ୍ଜିଗଡ଼ ପ୍ରେସ କ୍ଲବର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ କୈଳାସ ସାହୁ, କର୍ଲାପଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ, କଲମ ସରପଞ୍ଚ ଭୁବନେଶ୍ୱର ନାଏକ, ମହୋତ୍ସବର ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ତାଙ୍କୁ ସମ୍ମାନିତ କରିଥିଲେ। ମହେନ୍ଦ୍ର ଧଙ୍ଗଡ଼ାମାଝୀ ମାନପତ୍ର ପାଠ କରିଥିଲେ।ସୂଚନାଯୋଗ୍ୟ ଦୀର୍ଘ ବର୍ଷ ହେଲା ସାମ୍ବାଦିକତା ଜରିଆରେ ଶ୍ରୀ ବାଗ ଜିଲ୍ଲାର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହିତ ଶାସନ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ସେଗୁଡ଼ିକର ସମାଧାନ ପାଇଁ ଯତ୍ନବାନ ହୋଇଥାନ୍ତି। ସେହିପରି ଜିଲ୍ଲା ଓ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ବିଭିନ୍ନ ସମୟରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସେଗୁଡିକର ଆଶୁ ସମାଧାନ ପାଇଁ ପ୍ରୟତ୍ନ କରିଥାନ୍ତି। ଏପରିକି ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡ଼ିତ ରହି ଲାଞ୍ଜିଗଡ଼ ବ୍ଲକ ଭଳି ଆଦିବାସୀ ବହୁଳ ଅଞ୍ଚଳରେ ସମାଜସେବା ଜାରି ରଖିଛନ୍ତି।

ବିଜ୍ଞାନ ମେଳାରେ ରାଇକମା ଆଶ୍ରମ ବିଦ୍ୟାଳୟର ସଫଳତା

ବୈଶିଙ୍ଗା,୨୬।୧୧(ସଂଚାର ବ୍ୟୁରୋ): ବୈଶିଙ୍ଗାସ୍ଥିତ ମୁନିଲାଲ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଆମ ରାଇକମା ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ସାଇକୃଷ୍ଣ ମିଶ୍ରଙ୍କର ଗଣିତ ପ୍ରକଳ୍ପ 'ପରିମାପ ବଗିଚା' ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟଅତିଥି ଶ୍ରୀ ଶୁଭାଶିଷ ମାର୍ଣ୍ଡି, ବରିଷ୍ଠ ବୈଜ୍ଞାନିକ, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ), ଚାନ୍ଦିପୁରଙ୍କ ନିକଟରୁ ପୁରସ୍କାର ଗ୍ରହଣ କରିଛନ୍ତି। ଏଥି ସହିତ ସେ ମଧ୍ୟ କନିଷ୍ଠ ବିଭାଗର କୁଇଜରେ ତୃତୀୟ ସ୍ଥାନ ଅଧିକାର କରିଥିବା ସମୟରେ ପ୍ରଜ୍ଞାଶ୍ରୀ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କାର ଲାଭ କରିଛନ୍ତି।କୃତି ପ୍ରତିଯୋଗୀଙ୍କୁ ଆମ ବିଦ୍ୟାଳୟର ସହକାରୀ ଶିକ୍ଷିକା ଦିପାଞ୍ଜଳି ଦାସ, ସୁବାସିନୀ ପରିଡ଼ା ମାର୍ଗଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତାରେ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଏତାଦୃଶ ସଫଳତାରେ ପ୍ରଧାନଶିକ୍ଷକ ସମେତ ସମସ୍ତ ଶିକ୍ଷକ ଶିକ୍ଷିକାଙ୍କୁ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଧାମନଗର,୨୬।୧୧(ସଂଚାର ବ୍ୟୁରୋ): ପବିତ୍ର ପୀଠ ମହତାବ ପରିସରରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ଦିତୀୟ ବାର୍ଷିକ ଉତ୍ସବ ତଥା ପ୍ରଦ୍ୟୁମ୍ନ ବଳ ସ୍ମୃତି ପରିଷଦର ୨୭ ତମ ବାର୍ଷିକ ଉତ୍ସବ ଆସନ୍ତା ୩୦ ତାରିଖ ଅପରାହ୍ନ ୩ ଘଟିକାରେ ଧାମନଗର ତହସିଲ ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଦୈନିକ ପ୍ରଗତିବାଦୀର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଧାମନଗର ମହତାବ ସେବାସଦନ ପରିସରରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପ ସଭାପତି ହୃଦାନନ୍ଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଅନିଲ କୁମାର ବାରିକ, ବିଶ୍ୱଜିତ ପଲାଇ, ଅଜିତ କୁମାର ରାଉଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ପ୍ରଦୀପ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସାମ୍ବାଦିକ ସେକ ଜାଫର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଓ ପଦଯାତ୍ରା

ନୟାଗଡ଼,୨୬।୧୧(ସଂଚାର ବ୍ୟୁରୋ): ଜାତୀୟ ସଂହତିକୁ ବଜାୟ ରଖି ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ତଥା ସମ୍ବିଧାନର ଗାରିମା ଓ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରୟାସ ଉଦ୍ଦେଶ୍ୟ ରେ ଅଖିଳ ଭରତ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଆଜି ପୂର୍ବାହ୍ନରେ ସ୍ଥାନୀୟ ତ୍ରିନାଥ ଛକ ଗାନ୍ଧୀ ମୂର୍ତ୍ତିରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଥିଲା। ଅପରାହ୍ନରେ ଜୟ ଭୀମ ଜୟ ବାପୁ ସ୍ଲୋଗାନ ସହିତ ଡିସିସି ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ନେତୃତ୍ୱରେ ସିନ୍ଦୁରିଆ ଠାରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ସମ୍ବିଧାନ ବଞ୍ଚାଓ ପଦଯାତ୍ରାରେ ଶତାଧିକ ଛାତ୍ର ଯୁବକ ଯୋଗଦେଇ ଥିଲେ। ଟ୍ରାଫିକ ଛକ ଠାରେ ସମ୍ବିଧାନ ପ୍ରଣୟନ ମୁଖ୍ୟ ବିଦ୍ଧାଣୀ ଡ଼.ଭୀମରାଓ ଆମ୍ବେଦକର ଏବଂ ସମ୍ବିଧାନ ରଚୟିତା ପଣ୍ଡିତ ଜବାହାରଲାଲ ନେହେରୁ, ସର୍ବପଲ୍ଲୀ ରାଧା କ୍ରିଷ୍ଣାନ୍, ସର୍ଦାର ବଲ୍ଲଭଭାଇ ପଟେଲ, ଡ଼.ରାଜେନ୍ଦ୍ର ପ୍ରସାଦ ନମ୍ରତା ଏବଂ କଠୋରତା ମଧ୍ୟରେ ସମନ୍ୱୟ ରକ୍ଷାକରି ନ୍ୟାୟ ସ୍ୱାଧୀନତା ସମତା ଏବଂ ଭାଇଚାରା ମୂଲ୍ୟବୋଧ ଉପରେ ନିର୍ମିତ ଦେଶବାସୀଙ୍କ ମୌଳିକ ଅଧିକାର, କର୍ତ୍ତବ୍ୟର ଆଇନକାନୁନ ନିୟମାବଳୀ ଉପରେ ଆଧାରିତ ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଧର୍ମନିରପେକ୍ଷତା ସୁରକ୍ଷା ପାଇଁ ଆହ୍ୱାନ ଦିଆଯାଇ ଥିଲା। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ହୁସେନ ଖାଁ, ଗୋଲାବ ଖାଁ, ପୂର୍ଣ୍ଣଚନ୍ଦ୍ର ସାନ୍ତ, ପୀତବାସ ଖୁଣ୍ଟିଆ, କୂଳେଶ ଚନ୍ଦ୍ର ମହାନ୍ତି, ପ୍ରତୀକ ମହାପାତ୍ର, ମଦନ ମୋହନ ବିଶୋଇ, ଅଶୋକ ନାୟକ, ଜିତେନ୍ଦ୍ର ନାଏକ, ସରାଫତ ଖାଁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ଅମ୍ଳାନ ଅଂଶୁମାନ ସାହୁ, ମହିଳା ନେତ୍ରୀ ସୁଜାତା ନାଏକ ଏବଂ ନନ୍ଦିନୀ ନାଏକ ପ୍ରମୁଖଙ୍କ ସହିତ ଶତାଧିକ ଦଳୀୟ କର୍ମୀ ଛାତ୍ର ଯୁବକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଗାନ୍ଧି ସ୍ମୃତିପୀଠ ପରିସରରେ ସମ୍ବିଧାନ ଦିବସ ପାଳିତ

ଧାମନଗର,୨୬।୧୧(ସଂଚାର ବ୍ୟୁରୋ): ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହି ଗ୍ରାମ ପଞ୍ଚାୟତ ଅଧିନ ଗାନ୍ଧିଘାଟଠାରେ ଥିବା ଗାନ୍ଧି ସ୍ମୃତି ପୀଠ ପରିସରରେ ସକାଳ ଦଶ ଘଟିକା ସମୟରେ କଂଗ୍ରେସ ଦଳର ବରିଷ୍ଠ ସଂଗଠକ ମାନଙ୍କୁ ନେଇ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବର୍ବର ଇଂରେଜ ମାନଙ୍କୁ ଭାରତ ବର୍ଷରୁ ବିତାଡିତ କରି ନିଜ ନାରେ ନିଜେ ନାଉରି ସାଜି ଆମ ଦେଶକୁ ଆମେ ନିଜେ ଆମ ସମ୍ବିଧାନ ବଳରେ ଶାସନ କରିଥିଲେ ୨୬ନଭେମ୍ବର ୧୯୪୯ ମସିହାରେ। ପୃଥିବୀର ସର୍ବ ବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତ ବର୍ଷ ରୁ ଗୋରା ଶାସକ ଙ୍କ କାନୁନ ପରିବର୍ତ୍ତେ ଆମ ସମ୍ବିଧାନ ପୂର୍ଣ୍ଣ କାର୍ଯ୍ୟକ୍ଷ୍ୟମ ହୋଇଥିଲା ୨୬ଜାନୁଆରୀ ୧୯୫୦ ଠାରୁ ଆମର ଏହି ପବିତ୍ର ସର୍ବ ବୃହତ ଲିଖିତ ସମ୍ବିଧାନକୁ ପୂର୍ଣ୍ଣ ରୂପରେଖ ଦେବା ପାଇଁ ଦୀର୍ଘ ଦୁଇ ବର୍ଷ ଏଗାର ମାସ ଅଠର ଦିନ ଲାଗିଥିଲା। ଆମର ଏହି ପବିତ୍ର ସମ୍ବିଧାନ ର ପ୍ରଣେତା ଥିଲେ ଡାକ୍ତର ଭୀମରାଓ ଆମ୍ବେଦକର. ଯେଉଁ ଯୋଗଜନ୍ମା ମହାପୁରୁଷ ଙ୍କ ଅବଦାନ ପାଇଁ ଆଜି ଆମେ ଆମ ଦେଶକୁ ସ ଗୌରବେ ଶାସନ କରୁଛନ୍ତି। ଏହି ମହାନ ଯୋଗଜନ୍ମା ଡାକ୍ତର ଭୀମରାଓ ଆମ୍ବେଦକର ଙ୍କ ପବିତ୍ର ଜନ୍ମ ଦିନକୁ ସାରା ଦେଶ ଆଜି ସମ୍ବିଧାନ ଦିବସ ଭାବେ ପାଳନ କରୁଛି। ଏହି ଅବସରରେ ଧାମନଗର ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ସ୍ୱାଇଁ, ଫତେପୁର ପଞ୍ଚାୟତ ସଭାପତି ତ୍ରିଲୋଚନ ରାଉତ, ସାହସପୁର ପଞ୍ଚାୟତ ସଭାପତି ବିକ୍ରମ ମହାପାତ୍ର, ବରିଷ୍ଠ ସଂଗଠକ ସନ୍ତୋଷ କୁମାର ହୋତା ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ସମ୍ବିଧାନ ପ୍ରଣେତା ଡାକ୍ତର ଭୀମରାଓ ଆମ୍ବେଦକରଙ୍କ ଫଟୋ ଚିତ୍ରରେ କଂଗ୍ରେସ ଦଳର କର୍ମୀ ଏବଂ ସଂଗଠକ, ଛାତ୍ରଛାତ୍ରୀ ଏବଂ ଅବିଭାବକ ମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଫୁଲ ଦ୍ୱୀପ ଧୂପ ଏବଂ ନୈବେଦ୍ୟ ଅର୍ପଣ କରି ପବିତ୍ର ସମ୍ବିଦାନ ଏବଂ ସମ୍ବିଧାନର ପ୍ରଣେତା ବାବା ଭୀମରାଓ ଆମ୍ବେଦକରଙ୍କ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ବ୍ଲକ ସଭାପତି ଶ୍ରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ ସହିତ ସଭା ସାଙ୍ଗ କରିଥିଲେ।

ବିଡ଼ିଓଙ୍କ ମନମାନି

ଭାପୁର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ଜନପ୍ରତିନିଧି

ନୟାଗଡ଼, ୨୬।୧୧(ସଂଚାର ବ୍ୟୁରୋ): ରାଜ୍ୟର ଚର୍ଚ୍ଚିତ ବ୍ଲକ୍ ଭାପୁର ବ୍ଲକ୍। ଏଠି ସବୁ ଅସମ୍ଭବ କାର୍ଯ୍ୟ ବି ସମ୍ଭବରେ ପରିଗଣିତ ହୋଇପାରେ। ଏଠି ଦୁର୍ନୀତି ହୋଇଥିଲେ ମଧ୍ୟ ୱାସିଙ୍ଗ୍ ମେସିନ୍ ପରି ସଫା କରିଦିଅନ୍ତି ସରକାରୀ ବାବୁ। ହଁ ଆଜ୍ଞା, ଭାପୁର ବ୍ଲକରେ ସବୁ ସମ୍ଭବ। ପୂର୍ବରୁ ୮୦ କୋଟି ଟଙ୍କାର ନରେଗା ଦୁର୍ନୀତି, ଗୋଟିଏ ରାସ୍ତାକୁ ୨୧ଥର ବିଲ୍ କରିବା, ପୋଖରୀର ଗାର୍ଡ ୱାଲ୍ ନକରି ସେହି ଅର୍ଥ ହଡ଼ପ କରିବା, ନାଳ ଭିତରେ ପୋଖରୀ ଖୋଳିବା ଏବଂ ମିଶନ ଶକ୍ତି କାର୍ଯ୍ୟାଳୟ ନକରି ସେହି ଅର୍ଥ ହରିଲୁଟ କରିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଥିଲା। ସେଥିପାଇଁ ପ୍ରତିଦିନ ତଦନ୍ତ କାରୀ ଟିମ୍ ଭାପୁର ରେ ଡେରା ପକାଇଲେ ଏବଂ ଦୁର୍ନୀତି ଅଭିଯୋଗର ସତ୍ୟତା ଜଣାପଡ଼ିବା ପରେ ମାମଲା ଯାଇ ପହଞ୍ଚିଥିଲା ଭିଜିଲାନ୍ସ ପାଖରେ। ଭିଜିଲାନ୍ସ ଟିମ୍ ତଦନ୍ତ କରି ରିପୋର୍ଟ ଚାପି ଦେଇଥିବା ମନେ ହେଉଥିବାବେଳେ ବର୍ତ୍ତମାନର ବିଡ଼ିଓ ପୁଣି ଦୁର୍ନୀତିକୁ ପ୍ରଶ୍ରୟ ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକୁ ଖାତିର କରୁନଥିବା ଜନପ୍ରତିନିଧିଙ୍କ ଅଭିଯୋଗରୁ ଜଣାପଡୁଛି। ଭାପୁର ବ୍ଲକରେ ଯେଉଁ ଭଳି ଭାବେ ଉନ୍ନତି ମୂଳକ କାର୍ଯ୍ୟ ହେବା କଥା, ତାହା ନକରି ରାଜନୀତି କରୁଛନ୍ତି ବିଡ଼ିଓ ତାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି? ଏବଂ ସେ ବିଡ଼ିଓ ଓ ନା ଶାସକ ଦଳର ଦଳୀୟ କର୍ମୀ ତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଭାପୁର ବ୍ଲକର ବିଡ଼ିଓଙ୍କ ମନମୁଖୀ ଓ ଜନବିରୋଧୀ କାର୍ଯ୍ୟ ବିରୋଧରେ ସାମ୍ବାଦିକ ସମ୍ମିଳନୀ ସହ ବ୍ଲକ କାର୍ଯ୍ୟାଳୟ ତାଲା ପକାଇଲେ ଜନପ୍ରତିନିଧି। ଏହାକୁ ନେଇ ଚର୍ଚ୍ଚା ଲାଗିରହିଛି।

ବାଲ୍ୟବିବାହ ରୋକିବାକୁ ଶପଥ ଗ୍ରହଣ

ଦାରିଙ୍ଗବାଡ଼ି,୨୬।୧୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଶିଶୁ ସୁରକ୍ଷା କମିଟିର ଟାସ୍କଫୋର୍ସ କମିଟିର ବୈଠକ କମିଟିର ଆବାହକ ତଥା ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁଙ୍କ ପାଇଁ ଦିନଟିଏର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ଅଞ୍ଚଳରେ ଶିଶୁଙ୍କ ନିର୍ଯାତନା ରୋକିବା ଦିଗରେ କିଭଳି ସମସ୍ତଙ୍କ ଦାୟିତ୍ୱ ରହିଛି ଓ ତାକୁ ରୋକାଯିବ କିଭଳି ସେନେଇ ଆଲୋଚନା କରାଯାଇଥିଲା। ଅଞ୍ଚଳରେ ଶିଶୁ ଶ୍ରମିକକୁ ରୋକିବା ସହ ବାଲ୍ୟ ବିବାହ, ସ୍କୁଲ ଡ୍ରପ୍ ଆଉଟକୁ ରୋକିବା ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ସଂଚାର SANCHAR

ଡାକ୍ତର ତ୍ରିନାଥ ପାଲଙ୍କ ସ୍ମୃତିରେ ଡାକ୍ତରଖାନା ସଫେଇ କାର୍ଯ୍ୟକ୍ରମ

ନୀଳଗିରି,୨୬।୧୧ (ସଂଚାର ବ୍ୟୁରୋ): ସେବା ହିଁ ଧର୍ମ, ସମୟାନୁବର୍ତ୍ତିତାକୁ ବିଶ୍ୱାସ ବୋଲି ଜୀବନରେ ଗ୍ରହଣକରି କର୍ମମୟ ସଂସାରରେ କର୍ମ କରୁଥିବା ସମୟରେ ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ତ୍ରିନାଥ ପାଲଙ୍କ ଦେହାନ୍ତ ପରେ ବୁଧବାର ଏକାଦଶ ଦିବସରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟ ୟୁଥ୍ ରେଡ୍ କ୍ରସ ଓ ରେଡ ରିବନ କ୍ଲବର ଛାତ୍ରୀ ମାନଙ୍କ ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ ଓ ସ୍ମୃତିଚାରଣ ସଭା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତସଭାରେ ନୀଳଗିରି ସବ୍ ଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରମୁଖ ଡାକ୍ତର ସରୋଜିନି ପ୍ରଧାନ, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡ଼ା, ସନ୍ତରାଗଡ଼ିଆ ସି ଏଚ୍ ଏସ ର ଡାକ୍ତର ଦେବୀପ୍ରସାଦ ପଣ୍ଡା, ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡା, ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଅଧ୍ୟାପିକା ନିରୁପମା ନାୟକ, ନୀଳଗିରି ରକ୍ତଦାତା ସଂଘର ମୁଖ୍ୟ ଉପଦେଷ୍ଟା ପତ୍ରକାର ରବି ରାଉତ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ମାୟାଧର ମହାନ୍ତି, ଯୋଗଦାନ କରିଥିବାବେଳେ ୟୁଥ୍ ରେଡ କ୍ରସର କାଉନସେଲର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଓ ନୀଳଗିରି ରକ୍ତଦାତା ସଂଘର ସଭାପତି ଗୋପାଳଚନ୍ଦ୍ର ମହାପାତ୍ର, ସମ୍ପାଦକ ବିଜୟ କୁମାର ପାତ୍ର ସହଯୋଗ କରିଥିଲେ। ଏପରି କାର୍ଯ୍ୟକ୍ରମକୁ ନୀଳଗିରି ହସ୍ପିଟାଲ ପରିସରରେ ଥିବା ରୋଗୀ ଓ ରୋଗୀଙ୍କ ଅଭିଭାବକ ମାନଙ୍କ ସହ ବହୁତ ବୁଦ୍ଧିଜୀବୀ ପ୍ରଶଂସା କରିଥିଲେ।

ହିନ୍ଦୁରତ୍ନ ସମ୍ମାନ ସମାରୋହରେ ଦୁଇ ଓଡ଼ିଆଙ୍କୁ ମିଳିଲା ପୁରସ୍କାର

କନ୍ଧମାଳ,୨୬।୧୧ (ସଂଚାର ବ୍ୟୁରୋ): ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷାକାରୀ ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଯୁକ୍ତ ମୀନକେତନ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ତଥା ବ୍ରାଣ୍ଡ ଆମ୍ବାସାଡର (ବିଶ୍ୱ ଶାନ୍ତି) ମତୀ ମାନସୀ ପଟ୍ଟନାୟକ ଙ୍କୁ ଡଃ . ଶ୍ୟାମ ପ୍ରସାଦ ମୁଖାର୍ଜୀ ରାଷ୍ଟ୍ରୀୟ ବିଚାର ମଞ୍ଚ ତରଫ ରୁ ଦିଲ୍ଲୀ ଠାରେ ଥିବା ଭାରତ ମଣ୍ଡପମ ଠାରେ ସ୍ୱାମୀ ସଦାନନ୍ଦ ମହାରାଜ ଓ ଅବସର ପ୍ରାପ୍ତ ମେଯୋର ବକ୍ସି ତଥା ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି "ହିନ୍ଦୁ ରତ୍ନ"ପୁରସ୍କାର ଦିଆଯାଇଥିଲା। ଉଭୟ ପଟ୍ଟନାୟକ ଦମ୍ପତି ଙ୍କୁ ଅନେକ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି। ମାନସୀ ପଟ୍ଟନାୟକ, ଗ୍ଲୋବାଲ ଇଣ୍ଡିଆ-୨୦୨୫ ର ବିଜେତା। ମିନକେତନ ପଟ୍ଟନାୟକ ଙ୍କୁ ତାଙ୍କ କ୍ୟାରିଅର ସମୟ ରେ ଓଡ଼ିଶା ରତ୍ନ ସମ୍ମାନ, ଓଡ଼ିଶା ଗୌରବ ସମ୍ମାନ, ଉତ୍କଳ ପ୍ରତିଭା ସମ୍ମାନ, ଭାରତୀୟ ସେବା ରତ୍ନ ଏବଂ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ କରାଯାଇଛି। ଉଭୟ ଓଡ଼ିଶା ପାଇଁ ଗର୍ବିତ ଏବଂ ସାରା ଭାରତ ରେ ମାନବ ଅଧିକାର ରକ୍ଷା କରିବା ସହ ମାନବ ଜାତିର ସେବା କରୁଛନ୍ତି ଏବଂ ଏହି ସଂସ୍ଥା ଦେଶ ବିଦେଶ ରେ ଶହ ଶହ ଶାଖା ଅଛି। ଓଡିଶା ମଧ୍ୟ ପ୍ରତ୍ୟେକ ଜିଲ୍ଲା ରେ ଶାଖା ଗୁଡ଼ିକ ରହିଛି ଯାହାକି ଲୋକ ମାନଙ୍କ ପାଇଁ କାମ କରି ଚାଲିଛି। ଯାହାକି ଆଧୁନିକ ଯୁଗରେ ଲୋକମାନେ ଅନ୍ୟାୟ, ଅତ୍ୟାଚାର ରୁ ଭଲରେ ଆଗକୁ ବଢ଼ିବାରେ ସହଯୋଗ ହୋଇ ପାରିବ ବୋଲି ଆଶା ରହିଛି।

୫୦୦ ମିଟର ରାସ୍ତାକୁ ୧୦ ବଡ଼ ହମ୍ପ୍ସ

ଦୁର୍ଦ୍ଦଶା ଭୋଗୁଛନ୍ତି ବରିଷ୍ଠ ଓ ଭିନ୍ନକ୍ଷମ ନାଗରିକ

ସୁବର୍ଣ୍ଣପୁର,୨୬।୧୧ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ସହର ର ପୁରୁଣା ବସ୍ତି ଗାର୍ଲ୍ସ ହାଇସ୍କୁଲ ଛକ ଠାରୁ ବଡ଼ବଜାର ରାସ୍ତା ପୌର ପରିଷଦ ପକ୍ଷରୁ ନୂତନ ଭାବରେ ତିଆରି ହୋଇଛି ରାସ୍ତା। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ରାସ୍ତା ନୂତନ ଚକାଚକ୍ ଭାବରେ ତିଆରି ହେଲା ସମସ୍ତେ ଖୁସି ଥିଲେ କିନ୍ତୁ ଏହା ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ମାନଙ୍କ ପାଇଁ ନାହି ନ ଥିବା ଦୁଃଖ ଆଣି ଦେଇଛି। ଗାର୍ଲ୍ସ ହାଇସ୍କୁଲ ଠାରୁ ବଡ଼ବଜାର ୫୦୦ ମିଟର କୁ ୧୦ ଟି ହମ୍ପ୍ସ ତାହା ପୁଣି ସହରୀ କରଣ ହମ୍ପ୍ସ ନ ହୋଇ ପିଚୁ ରେ ତିଆରି ବଡ଼ ବଡ଼ ହମ୍ପ୍ସ ହୋଇ ଥିବାରୁ ସ୍କୁଟି ତଥା ବାଇକ ର ତଳ ପଟେ ବାଜି ଯାଉଛି। ଭିନ୍ନକ୍ଷମ ମାନଙ୍କ ତିନି ଚକିଆ ସାଇକେଲ ନେବାରେ ବହୁ ଅସୁବିଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଥିବା ଅଭିଯୋଗ ହେଉଛି। ବଡ ବଡ ହମ୍ପ୍ସ ପାଇଁ ପ୍ରତ୍ୟହ ଛୋଟ ଛୋଟ ଦୁର୍ଘଟଣା ଘଟୁଥିବା ଦେଖା ଯାଉଛି। ସହର ମଧ୍ୟରେ ହମ୍ପ୍ସ ନିର୍ମାଣ ବେନିୟମ ହୋଇଥିବା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା ଗାର୍ଲ୍ସ ହାଇସ୍କୁଲ ଏବଂ ଟିକିରିପଡା ଦୂର୍ଗାପୂଜା ମଣ୍ଡପ ନିକଟରେ କେବଳ ତିନି ଚାରି ଗୋଟି ନୂତନ ଶୈଳୀ ରେ ହମ୍ପ୍ସ ନିର୍ମାଣ ହୋଇଥିଲେ ମଧ୍ୟ ଚଳିଥାନ୍ତା କିନ୍ତୁ ଏହା ପୌର ପ୍ରଶାସନ ନା କାହାର ମନମାନୀ ଏ ନେଇ ବୁଦ୍ଧିଜୀବି ପ୍ରଶ୍ନ କରିଥିବା ବେଳେ ପୌର ଅଧିକାରୀ ଋଷି ମାଝୀ ଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସ୍ଥାନୀୟ କିଛି ଯୁବକ ଙ୍କ ଅଭିଯୋଗ କ୍ରମେ ଏହା ନିର୍ମାଣ କରାଯାଇଥିବା କଥା କହିଥିଲେ। ତୁରନ୍ତ ବେଆଇନ ହମ୍ପ୍ସ ରାସ୍ତା ରୁ ହଟାଯିବା ସହ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନୂତନ ଭାବରେ ଆସୁଥିବା ସ୍ପିଡ୍ ବ୍ରେକର ଦିଆଯିବା ପାଇଁ ଜନସାଧାରଣ ତଥା ବୁଦ୍ଧିଜିବୀ ମହଲ ରେ ଦାବୀ ହେଉଛି।

ମହିଳା ଶିଶୁ ବିଭାଗ ଓ ମିଳିତ ସମନ୍ୱୟ ସମୀକ୍ଷା ବୈଠକ

ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକରେ ଚଢ଼ାଉ ଓ ସଚେତନତା ଉପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ନୟାଗଡ଼,୨୬।୧୧ (ସଂଚାର ବ୍ୟୁରୋ): ମହିଳା ଓ ଶିଶୁ ବିଭାଗ ମିଳିତ ସମନ୍ୱୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ବିଭିନ୍ନ କାର୍ଯ୍ୟକ୍ରମ ସମିକ୍ଷା କରିବା ସହିତ, ସମସ୍ତ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବା ତଥା ଜିଲ୍ଲାକୁ ରାଜ୍ୟ ସ୍ଥରରେ ଏକ ଉତ୍ତମ ସ୍ଥାନରେ ପହଞ୍ଚାଇବା ଉପରେ ଜିଲ୍ଲାପାଳ ଜୋର୍ ଦେବା ସହିତ ସମସ୍ତ ସ୍ୱାସ୍ଥ୍ୟ ବିଭାଗ ଉପସ୍ଥିତ ଥିବା ଅଧିକାରୀ ମାନଙ୍କୁ ତାଗିତ କରିଥିଲେ। ସେଇପରି ଜିଲ୍ଲାରେ ବିଶେଷ କରି ଦଶପଲ୍ଲା, ଗଣିଆ ଓ ଭାପୁର ଆଦି ବ୍ଲକ ଗୁଡ଼ିକରେ ଗର୍ଭବତୀ ମା ତଥା ପ୍ରସୂତି ମା ମାନଙ୍କ ଠାରେ ରକ୍ତ ହୀନତାକୁ ଦୂର କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ଉପରେ ଜୋର୍ ଦେଇଥିଲେ। ବିଭିନ୍ନ କାର୍ଯ୍ୟକ୍ରମ ତୃଣ ମୂଳ ସ୍ତରରେ ଯଥା ମମତା ଦିବସ, ଟୀକାକରଣ ଦିବସ ଆଦିକୁ ଉତ୍ତମ ରୂପରେ ପରିଚାଳନା ପାଇଁ ଉଭୟ ଗୋଷ୍ଠୀ ତଥା ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁକୁ ହ୍ରାସ କରିବା ପାଇଁ ଆଶା ତଥା ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ଅନବରତ ତାଲିମ୍ ଓ ସମୀକ୍ଷା କରିବା ଉପରେ ଜୋର୍ ଦେଇଥିଲେ। ସେହିଭଳି ଜିଲ୍ଲା ରେ କନ୍ୟା ସନ୍ତାନ ଦିନକୁ ଦିନ ହ୍ରାସ ପାଇବା ବି ଏକ ଉଦ୍ ବେଗକ ବିଷୟ, ତେଣୁ ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକ ଉପରେ ଚଢ଼ାଉ ତଥା ଲୋକଙ୍କ ମଧ୍ୟ ରେ ସଚେତନ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ସୁଶାନ୍ତ କୁମାର ଦାସ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ଅନ୍ୟ ବିଭାଗିୟ ଅଧିକାରୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ତଥା ସବୁ ବ୍ଲକର ସିଡିପିଓ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ଓ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ପରିଚାଳନା କରିଥିଲେ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସମ୍ବିଧାନ ଦିବସ ପାଳିତ'

ସୁବର୍ଣ୍ଣପୁର,୨୬।୧୧(ସଂଚାର ବ୍ୟୁରୋ): ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଙ୍କ ଆଦେଶ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ଙ୍କ ନିର୍ଦ୍ଦେଶ କ୍ରମେ ୨୬.୧୧.୨୦୨୫ ରିଖ ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ର ସମ୍ମିଳନୀ କକ୍ଷ ଠାରେ "ସମ୍ବିଧାନ ଦିବସ" ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ସଚିବ ଦେବାଶିଷ ଦାସ, ବରିଷ୍ଠ ଦେୱାନୀ ଜଜ ଗଗନ ସାହୁ, ମହିଳା କୋର୍ଟ ବିଚାରପତି ବବିତା ପାତ୍ର, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଦେଶନା ପଟ୍ଟନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିସ ପ୍ରଣତି ରଥ, ପ୍ରୋବେସନ ଅଫିସର ରାହୁଲ ବିକ୍ରମ ପାଠୀ,

ସଦର ଉପ ଆରକ୍ଷୀ ଅଧିକ୍ଷକ ଚନ୍ଦ୍ର ଶେଖର ସବର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପ୍ୟାନେଲ ଓକିଲ ବାବୁଲାଲ ଦାସ, ସୀତାରାମ ହୋତା, ପାରା ଲିଗାଲ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ରଣା, ଜ୍ୟୋତିଶ୍ରୀ ବେହୁରା, ମହାରାଜା ଉଚ୍ଚ ବିଦ୍ୟାଳୟ, ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସୋନପୁର ର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ଥିଲେ ।

ଆରମ୍ଭ ହେଲା ଚିଚିଣ୍ଡା ଧନୁଯାତ୍ରା

ଭେଡେନ,୨୬।୧୧(ସଂଚାର ବ୍ୟୁରୋ): ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମରେ ୧୦ ଦିନ ଧରି ହେବାକୁ ଥିବା ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଫିତା କାଟି ଧନୁଯାତ୍ରା ମହୋତ୍ସବ କୁ ଉତଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିଚିଣ୍ଡା ସରପଞ୍ଚ ସୀମା ମେହେର, ପପଙ୍ଗା ସରପଞ୍ଚ ସସ୍ମିତା ହୋତା ପ୍ରମୁଖ ଯୋଗଦାନ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ସ୍ୱାଧୀନ ରଥ, ସୁଦାମ ପଧାନ, ଜିତେନ୍ଦ୍ରିୟ ପୋଢ଼, ଧନେଶ୍ୱର ପାଢ଼ୀ ପ୍ରମୁଖ ଯୋଗଦାନ କରିଥଲେ। ଯାତ୍ରା କମିଟି ସଭାପତି ଦିନଦୟାଲ ଭୋଇ, କାର୍ଯ୍ୟକାରୀ ସଭାପତି କବିସୂର୍ଯ୍ୟ ପୁରୋହିତ, ସମ୍ପାଦକ-ରାଜକିଶୋର ମେହେର ସହ ସମ୍ପାଦକ-ଶିଉପ୍ରସାଦ ଅଗ୍ରୱାଲ, ଅକ୍ରୁର ନିର୍ବାସିତ, ଦେବକୀ ବସୁଦେବ କାରଗୃହ ମଧ୍ୟେ ପ୍ରେରଣ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ହୃଷିକେଶ ଭୋଇ ଏ ବର୍ଷ କଂସ ମହାରାଜ ଭାବେ ଅଭିନୟ କରୁଛନ୍ତି।

ଡିସେମ୍ବର ମାସ ପାଇଁ ଯୁଗ୍ମ ଜନ ଶୁଣାଣି ଶିବିର କାର୍ଯ୍ୟସୂଚୀ

ବାରିପଦା,୨୬।୧୧ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଆଗାମୀ ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଡିସେମ୍ବର ମାସର ପ୍ରଥମ ସୋମବାର ତା ୦୧-୧୨-୨୦୨୫ ରିଖି ସଦର ଉପଖଣ୍ଡ ବାରିପଦା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ହେବ, ସେହିପରି ଡିସେମ୍ବର ମାସର ଦ୍ୱିତୀୟ ସୋମବାର ତା. ୦୮-୧୨-୨୦୨୫ରିଖି ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁରରେ ପୂର୍ବାହ୍ନ ୧୦ଘଟିକା ଠାରୁ ଶୁଣାଣି ଆରମ୍ଭ ହେବ, ସେହିପରି ଡିସେମ୍ବର ମାସ ତୃତୀୟ ସୋମବାର ତା ୧୫-୧୨-୨୦୨୫ ରିଖି ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଶୁଣାଣି ପୂର୍ବାହ୍ନ ୧୦ଘଟିକା ଠାରୁ ଆରମ୍ଭ ହେବ ଏବଂ ଡିସେମ୍ବର ମାସର ଚତୁର୍ଥ ସୋମବାର ତା ୨୨-୧୨-୨୦୨୫ ରିଖି କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା ଠାରେ ପୂର୍ବାହ୍ନ ୧୦ ଘଟିକା ଠାରୁ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଡିସେମ୍ବର ମାସର ୫ମ ସୋମବାର ତା ୨୯-୧୨-୨୦୨୫ ରିଖ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହେବ।

ଗ୍ରାମସଭାକୁ ମାନ୍ୟତା ଦାବି ପ୍ରତିବାଦରେ ଜିଲ୍ଲାପାଳ ଅଫିସ ଘେରାଉ

ବେଦାନ୍ତ ହଟାଅ,ଗାଁ ବଞ୍ଚାଅ

ସୁନ୍ଦରଗଡ଼,୨୬।୧୧ (ସଂଚାର ବ୍ୟୁରୋ): ହେମିଗିର ଅଞ୍ଚଳରେ ବିଭିନ୍ନ କମ୍ପାନୀ କୋଇଲା ଉତ୍ତୋଳନ କରୁଥିବା ବେଳେ ବିନା ଗ୍ରାମସଭାରେ ବେଦାନ୍ତ ଜମି ଅଧିକରଣ କରୁଛି, ଏହାକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ଜାରି ରହିଥିବା ବେଳେ ନଭେମ୍ବର ୨୭ ତାରିଖ ହେମଗିରି ବ୍ଲକର ମୁଣ୍ଡରଖେଡ୍, ଝାରପଲମ୍, ଗର୍ଜନଜୋର୍ ଓ ଘୋଘରପାଲି ଅଞ୍ଚଳରୁ ଶହ ଶହ ବିସ୍ଥାପିତ ଏକ ବିଶାଳ ରେଲି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତାରେ ବସି ଥିଲେ। ବେଦାନ୍ତ କମ୍ପାନୀ ଘୋଘରପାଲିରେ କୋଇଲା ଖଣି ପ୍ରକଳ୍ପ କରୁଥିବାକୁ ନେଇ ବିରୋଧ। ଗ୍ରାମସଭା ନ କରି ପ୍ରକଳ୍ପ କରୁଥିବା କୁ ନେଇ ଲୋକ ମାନଙ୍କର ବିରୋଧ। ପୂର୍ବ ପୁରୁଷର ଭିଟାମାଟି ହରାଉ ଥିବା ଲୋକଙ୍କୁ ଉଚିତ୍ କ୍ଷତି ପୂରଣ, ସ୍ଥାୟୀ ନିଯୁକ୍ତି, ବିସ୍ଥାପିତ ହେଉଥିବା ପରିବାରକୁ ଉଚିତ୍ ଥଇଥାନ କରାଇବା ଦାବିରେ ସୁନ୍ଦରଗଡ଼ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଏକ ବିଶାଳ ରେଲୀ କରି ଆସିଥିଲେ ଶହ ଶହ ବିସ୍ଥାପିତ, ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟକୁ ମଧ୍ୟ ଧସାଇ ପଶିଥିଲେ।

ହାଇସ୍କୁଲରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ବୈଶିଙ୍ଗା,୨୬।୧୧ (ସଂଚାର ବ୍ୟୁରୋ): ବୈଶିଙ୍ଗା ମୁନିଲାଲ ହାଇସ୍କୁଲ ପରିସରରେ ବେତନଟୀ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶଶୀଧର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ଅନୁଷ୍ଠାନିକ ଭାବେ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ଜଳନ ପରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅପର୍ଣ୍ଣା ସାହୁ, ବ୍ଲକ ବିଜ୍ଞାନ ପରିଦର୍ଶକ କିଶୋର କୁମାର ଆଚାର୍ଯ୍ୟ, ବିଜ୍ଞାନ ମେଳାର ସାଂଗଠନିକ ସଂପାଦକ ଦେବେନ୍ଦ୍ର ମୁର୍ମୁ ଓ ଶିକ୍ଷକ ସଂଘର ସଭାପତି ସୁନୀଲ କୁମାର ବୋଡେ ମଞ୍ଚାସୀନ ରହି ମାର୍ଗଦର୍ଶନ କରିଥିଲେ। ମୁନିଲାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହାପରେ ପୂର୍ବତନ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ଅନ୍ୟ ୪ ଜଣ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରାଯାଇଥିଲା।

ସମ୍ବିଧାନ ଦିବସ ଜିଲ୍ଲାସ୍ତରରେ ପାଳିତ

ସୁବର୍ଣ୍ଣପୁର,୨୬।୧୧ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଏହି ସମ୍ବିଧାନ ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେରଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲାର ସମେତ ଡେପୁଟି କଲେକ୍ଟର, ସହକାରୀ କଲେକ୍ଟର, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସୁବର୍ଣ୍ଣପୁର ଜିଲ୍ଲା ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମାନଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଓ ଜିଲ୍ଲାପାଳ, ସୁବର୍ଣ୍ଣପୁର ଭାରତୀୟ ସମ୍ବିଧାନର ମହତ୍ତ୍ୱ ଓ ଗୁରୁତ୍ୱ ବିଷୟରେ ଉପସ୍ଥିତ ଥିବା କର୍ମଚାରୀ ମାନଙ୍କୁ ଅବଗତ କରାଇବା ସଂଗେସଂଗେ ଭାରତୀୟ ସମ୍ବିଧାନକୁ ପାଳନ ପୂର୍ବକ ଆଇନ ଓ ନିୟମକୁ ଅନୁସରଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

ବିଜେପି ମିଶ୍ରଣ ପର୍ବରେ ବିରୋଧୀ ବିଜେଡି ଛାନିଆ

ଯାଜପୁର ରୋଡ଼, ୨୬।୧୧(ସଂଚାର ବ୍ୟୁରୋ): ବିକଶିତ କୋରେଇ ଗଠନ ଦିଗରେ ଆଉ ପାଦେ ଆଗକୁ ବଢ଼ିଲେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ। କୋରେଇ ବିଜେପିର ଏକ ମହାମିଶ୍ରଣ ପର୍ବରେ ସାମିଲ ହୋଇଛନ୍ତି ବିଜେଡି ଆଗଧାଡିର ଶତାଧିକ କର୍ମୀମାନେ ଦେଖିବାକୁ ମିଳିଛି। କୋରେଇର ଜନମାନସର ନେତା ତଥା ଜନପ୍ରିୟ ବିଧାୟକ ଆକାଶ ଦାସ ନାୟକ'ଙ୍କ ନୀତି ଆଦର୍ଶ ଓ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ଆଜି ରସୁଲପୁର ବ୍ଲକ ପହଂଗା ଗ୍ରାମପଞ୍ଚାୟତ ଦୁର୍ଗା ପଡ଼ିଆରେ ଆୟୋଜିତ ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ପହଙ୍ଗା ପଞ୍ଚାୟତର ଶତାଧିକ ବିଜେଡି ପୁରୁଷ ଓ ମହିଳା କର୍ମୀମାନେ ବିଜେପି ଦଳରେ ସାମିଲ ହୋଇଥିଲେ। ଆଗାମୀ ଦିନରେ କୋରେଇ ବିଜେପିକୁ ଶକ୍ତିଶାଳୀ କରିବା ସହିତ ଆକାଶ ଭାଇଙ୍କ ହାତ ମୁଠାକୁ ଟାଣ କରିବାକୁ ହେଲେ ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସ୍ୱଚ୍ଛ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ବିଜେପିରେ ସାମିଲ ହୋଇଥିବା କର୍ମୀ ମାନେ କହିଥିଲେ। ଏହି ମିଶ୍ରଣ ପର୍ବରେ ପହଙ୍ଗା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା କୁମୁଦିନୀ ସାହୁ, ପୂର୍ବତନ ବିଜୁ ଛାତ୍ର ଜନତା ଦଳ ପହଂଗାର ସଭାପତି ସ୍ୱାଧୀନ କୁମାର ଦାସ, ଯୁବ ସମାଜସେବୀ ନିରଞ୍ଜନ ନାୟକ, ଜୋତିରଞ୍ଜନ ସାହୁ, ରଘୁନାଥ ପରିଡା, ବିଜେଡି ସଭାପତି ଅଶୋକ ମଲ୍ଲିକଙ୍କ ସମେତ ଅନେକ ବିଜେଡିର ଆଗ ଧାଡିର କର୍ମୀ ମାନେ ବିଜେପିରେ ସାମିଲ ହୋଇଥିଲେ। ଆଗକୁ କୋରେଇରେ ଥିବା ବିଜେଡି ଗଡ଼ ମାନଙ୍କରେ ପଦ୍ମ ଫୁଟାଇ କୋରେଇକୁ ପଦ୍ମମୟ କରିବାର ଆଶା ରଖିଥିବା ବିଧାୟକ କହିଥିଲେ। ଏଥିରେ ବିଜେପି ନେତା ପ୍ରହଲ୍ଲାଦ ପଣ୍ଡା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ପ୍ରକାଶ ସାହୁ ଓ ଯୁବମୋର୍ଚ୍ଚା ସଭାପତି ହିମାଂଶୁ ବେହୁରିଆ, ମୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ

ବାରିପଦା,୨୬।୧୧(ସଂଚାର ବ୍ୟୁରୋ): ଗ୍ରାମ୍ୟ ସ୍ତରରୁ ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ ସୁଦୃଢ଼ କରିବା, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ଓ ଏଥି ନିମନ୍ତେ ମୟୁରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ବ୍ୟାଚ ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ. ଏହି ଅବସରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ଜିଲ୍ଲା ଜରୁରୀକାଳୀନ ବିଭାଗ ତରଫରୁ ବିପର୍ଯ୍ୟୟ ପରିଚାଳନା କିଭଳି ଭାବରେ କରାଯାଇଥାଏ ତାହା ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଅସୁରକ୍ଷିତ ଗୋଷ୍ଠୀ ସମୂହର ଚିହ୍ନଟକରଣ, ଉପଯୁକ୍ତ ଯୋଜନା ପ୍ରସ୍ତୁତ, ଗୋଷ୍ଠୀ ସହଭାଗିତା, ଦକ୍ଷତା ବୃଦ୍ଧି ସହିତ ବିପର୍ଯ୍ୟୟ. ପରିଚାଳନାରେ ନିଜର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ ଓ ତତସହିତ ଏଭଳି ତାଲିମ କାର୍ଯ୍ୟକ୍ରମ ବିପର୍ଯ୍ୟୟ ପରିଚାଳନାକୁ ଅଧିକ ଲୋକାଭିମୁଖୀ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏଠାରେ ପ୍ରକାଶ ଥାଉ କି ଉକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହେବ ବୋଲି ଡିପିଓ ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ. ଓସଡମାର ସ୍ୱିକୃତୀପ୍ରାପ୍ତ ମାଷ୍ଟର ଟ୍ରେନର ମନୋଜ ଜେନା, ବିଜାତଳା, ଶୁକ୍ଳି ଆଦି ବ୍ଲକ ରୁ ୫୦ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶ ଗ୍ରହଣ କରିଥିଲେ।

ସମ୍ବିଧାନ ଦିବସ ଓ ଜିଲ୍ଲାସ୍ତରୀୟ ଡିଆଲ ପରବ ଭେଟଘାଟ ଉତ୍ସବ



ରାୟଗଡ଼ା,୨୬।୧୧ (ସଂଚାର ବ୍ୟୁରୋ): ପ୍ରତ୍ୟେକ ବର୍ଷ ପରି ଏହିବର୍ଷ ମଧ୍ୟ ରାୟଗଡ଼ା ଜିସିଡି ପଡ଼ିଆରେ ରାୟଗଡ଼ା ଜିଲ୍ଲା ଡମ ସମାଜ ତରଫରୁ ୭୬ତମ ସମ୍ବିଧାନ ଦିବସ ସହ ଜିଲ୍ଲା ସ୍ତରୀୟ ଡିଆଲ ପରବ ଭେଟଘାଟ ରଙ୍ଗାରଙ୍ଗ ଭାବରେ ପାଳନ କରାଯାଇଛି। ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଏବଂ ପ୍ରତ୍ୟେକ ଗ୍ରାମରୁ ନାଇକ, ହେଣ୍ଡିଆ, ଧାଙ୍ଗଡ଼ା ମାଝୀ ନିଜ ନିଜ ଗ୍ରାମ ର ପରିବାର ସହ ଏଥିରେ ଯୋଗଇ ଦେଲେ। ସକାଳୁ କରାପୁଟ ଛକ, ରେଳଷ୍ଟେସନ ଛକ, ମଝିଘରିଆଣି ଛକ, ଡିଆଇସି ଛକ ଅଞ୍ଚଳରୁ ପ୍ରାୟ ଏକ ଲକ୍ଷରୁ ଅଧିକ ଲୋକ ପାରମ୍ପାରିକ ନାଚ ଗୀତ ସହ ଗୋଟିଏ ବିଶାଳ ପଦଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ବସଷ୍ଟାଣ୍ଡ ନିକଟରେ ଥିବା ଡ଼ଃ ଆମ୍ବେଦକର ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାସ୍ଥଳୀ ଜିସିଡି ପଡ଼ିଆକୁ ପହଞ୍ଚିଥିଲେ। କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ରାୟଗଡ଼ା ଜିଲ୍ଲା ଡମ ସମାଜ ସଭାପତି ଧନିରାମ ନାଏକ। ସଭା ପରିଚାଳନା କରିଥିଲେ ପୁରନ୍ଦର ପାଣି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଥିଲେ କୋରାପୁଟ ବିଧାୟକ ଓ କୋରାପୁଟ ଡମ ସମାଜ ପ୍ରେସିଡେଣ୍ଟ ରଘୁରାମ ମାଛ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ପ୍ରଫେସର ରବୀନ୍ଦ୍ର ଗରଡ଼ା, ଜଗେଶ୍ୱର ସାଗର ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ ବିଏସପି ଓଡିଶା ଷ୍ଟେଟ ପ୍ରେସିଡେଣ୍ଟ ସରଜ କୁମାର ନାଏକ, ଦୀପିକା କୁସୁଲିଆ, ଜନାର୍ଧନ ଗରଡ଼ା, ସୁନୀଲ ଖରା ଭିଡିଓ ନବରଙ୍ଗପୁର, ଚନ୍ଦ୍ରଦାସ ମହାନନ୍ଦିଆ ତହସିଲଦାର ଓ ଅନ୍ୟ ଅତିଥିମାନେ ଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ, ଡମ ସମାଜ କୌଣସି ଜାତି ଧର୍ମ କିମ୍ବା ରାଜନୈତିକ ଦଳବିରୋଧୀ ସଂଗଠନ ନୁହେଁ ବରଂ ଡମ ଜାତିର ଭାଷା, କଳା, ସଂସ୍କୃତି ଓ ପରମ୍ପରାକୁ ଜୀବିତ ରଖିବା, ଏକତା ଓ ଭାଇଚାରା ବଢ଼ାଇବା ପାଇଁ ଏହାର ଗଠନ। ମୁଖ୍ୟ ବକ୍ତାମାନେ ତାଙ୍କ ଉଦ୍ବୋଧନାରେ କହିଥିଲେ, ଡମ ଜାତିର ସାମ୍ବିଧାନିକ ଅଧିକାର, ସମ୍ମାନ, ସୁରକ୍ଷା, ଶିକ୍ଷା, ସାମାଜିକ ଆର୍ଥିକ ଓ ରାଜନୈତିକ ଅଧିକାର ଦାବୀ କରି ସରକାର ସମ୍ମୁଖରେ ଜନଶକ୍ତି ଏକତ୍ର କରିବା ନିମନ୍ତେ ରାୟଗଡ଼ା ଜିଲ୍ଲା ଡମ ସମାଜ ଗଠିତ ହୋଇଛି।

ଟ୍ରକ ଦୁର୍ଘଟଣାରେ ଡ୍ରାଇଭର ମୃତ

କଳାହାଣ୍ଡି, ୨୬।୧୧ (ସଂଚାର ବ୍ୟୁରୋ): ଜାତୀୟ ରାଜପଥ ୨୬ କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଆମପାଣି ଘାଟି ର ଏକ ବୁଲାଣି ରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିବା ବେଳେ ଟ୍ରକ ଟି ଘାଟି ର ୧୫ ଫୁଟ ତଳେ ପଡ଼ିଥିବା ବେଳେ ଟ୍ରକ ରେ ଥିବା ଡ୍ରାଇଭର ସତ୍ୟ ପଟେଲ ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ଆମପାଣି ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହ ଟ୍ରକ ରେ ଥିବା ମୃତ ଡ୍ରାଇଭର ର ଶବ କୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା କୁ ପଠାଇ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଠାରୁ ମିଳିଥିବା ସୂଚନା ମତେ ନବରଙ୍ଗପୁର ଜିଲ୍ଲା ମୈଦାଲପୁର ରୁ ମକା ବୋଝେଇ ଟ୍ରକ ଲଡୁଗାଁ ନେଇ ଯାଉଥିବା ବେଳେ ଆମପାଣି ଘାଟି ରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ମୃତ ଡ୍ରାଇଭର ସତ୍ୟ ପଟେଲ ର ଘର ଧର୍ମଗଡ଼ ବ୍ଲକ ରଙ୍ଗା ବାହଲି ବୋଲି ସୂଚନା ମିଳିଛି।।

ଅଶ୍ୱସ୍ତପାରିରୁ ଦୁର୍ବୃତ୍ତ ତାଲା କବାଟ ଭାଙ୍ଗି ଏକଲକ୍ଷ ଟଙ୍କା ଲୁଟିନେଲେ

କଣାସ,୨୬।୧୧ (ସଂଚାର ବ୍ୟୁରୋ): କଣାସ ଥାନା ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଅଶ୍ୱସ୍ତପାରି ଗ୍ରାମର ପ୍ରଭାତ ମଙ୍ଗରାଜଙ୍କ ବାସଗୃହ ଆଗ ଗ୍ରୀଲ ଭାଙ୍ଗି ଦୁର୍ବୃତମାନେ ଘରେ ପସି ନଗଦ ୨୦ ହଜାର ଟଙ୍କା ତାଙ୍କ ପତ୍ନୀ ପିନ୍ଧିଥିବା ମଙ୍ଗଳସୂତ୍ର ବେକରୁ କାଟି ନେଇଯାଇଥିବା ପ୍ରଭାତ କଣାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ଯାଇଥିବା ଜିନିଷର ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ। ଖବର ପାଇ କଣାସ ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତର ସନ୍ଧାନ ପାଇ ନଥିବା ଜଣାପଡ଼ିଛି। କିଛି ଦିନ ହେଲା କଣାସ ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ଜଣାପଡ଼ିଛି। ଆଠ ଦିନ ତଳେ ବଳାଜିତପୁର ଗ୍ରାମରୁ ଦୁର୍ବୃତମାନେ କବାଟ ଭାଙ୍ଗି ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱହେବ ସୁନା ରୂପା ଚୋରି କରିଥିବାବେଳେ କିଛି ଦିନ ତଳେ କୋଟକଣା ଓ ଅଣ୍ଡାଳସିଂହ ଗ୍ରାମରୁ ବାସଗୃହ ଦ୍ୱାରେ ଥିବା ଦୁଇଟ ମଟର ସାଇକେଲକୁ ଦୁର୍ବୃତମାନେ ଚୋରି କରି ନେଇଯାଇଥିଲେ। କଣାସ ଅଞ୍ଚଳରେ ଚୋରା ବ୍ରାଉନ ସୁଗାର କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବାରୁ ବ୍ରାଉନସୁଗାର ଖାଉଥିବା ଯୁବକମାନେ ଛୋଟବଡ ଚୋରିରେ ସକ୍ରିୟ ହେଉଥିବା ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହେଉଛି।